କଟକ
ଗୁରୁବାର ୯ ଏପ୍ରିଲ, ୨୦୨୬
ପ୍ରାତଃ ସଂସ୍କରଣ

April 9 2026 Cuttack
Vol - XXIV, Issue - 8
Price: Rs.5/- (8 + 4 Pages)
e-mail : pratidin.daily@gmail.com

Postal Regd. No: BN /134/24-26
RNI No- ODIODI/2003/10995

ପ୍ରତିଦିନ

www.pratidintv.com
e-paper:
www.pratidinepaper.com

PRATIDIN Odia Daily
ସବୁବେଳେ ଆପଣଙ୍କ ସାଥିରେ

ପୁଣି ଟାରିଫ୍ ଧମକ

ନୂଆଦିଲ୍ଲୀ,୮।୪(ନି.ପ୍ର): ପୁଣି ଟାରିଫ୍ ଧମକ ଦେଇଛନ୍ତି ଡୋନାଲ୍ଡ ଟ୍ରମ୍ପ। ଯୁଦ୍ଧବିରତି ସମୟରେ ଆସିଛି ତାଙ୍କର ଟାରିଫ୍ ଧମକ। ଟ୍ରମ୍ପ କହିଛନ୍ତି, ଇରାନକୁ ଯେଉଁ ରାଷ୍ଟ୍ର ଅସ୍ତ୍ରଶସ୍ତ୍ର ସହାୟତା କରିବ, ସେହି ରାଷ୍ଟ୍ର ଉପରେ ୫୦% ଟାରିଫ୍ ଲାଗୁ କରାଯିବ।

Government of Bharat
'ନାରୀ ଶିକ୍ଷା ବନ୍ଦନ'
ପ୍ରତି ସମର୍ପିତ
#NariShaktiVandan
cbc 22201/13/0005/2627

ଏବେ ଲୋକସଭା ଏବଂ ରାଜ୍ୟ ବିଧାନସଭାଗୁଡ଼ିକରେ **୩୩% ମହିଳା ସଂରକ୍ଷଣ,** ରାଷ୍ଟ୍ର ନିର୍ମାଣରେ ନାରୀ ଶକ୍ତିଙ୍କ ଭାଗିଦାରୀ ହେଉଛି ସୁନିଶ୍ଚିତ

ସେନାବାହିନୀରେ ଝିଅମାନଙ୍କୁ **ସ୍ଥାୟୀ କମିଶନ୍**

ଭାରତର ୪୮% ମାନ୍ୟତାପ୍ରାପ୍ତ ଷ୍ଟାର୍ଟଅପ୍ସରେ ଅତି କମ୍‌ରେ **ଜଣେ ମହିଳା ନିର୍ଦ୍ଦେଶକ**

NANA
SPEECH & HEARING CLINIC
ଶ୍ରବଣ ଯନ୍ତ୍ର
Digital Hearing Aid
ଶୁଣିବାରେ ସମସ୍ୟା

Infront of Maharishi College, Saheed Nagar Bhubaneswar Odisha
7205454269 Branch Bhubaneswar, Cuttack, Jajpur

୪୦ ଦିନ ବାରୁଦ ବର୍ଷା ପରେ

୧୪ ଦିନ ପାଇଁ ଯୁଦ୍ଧବିରାମର ଜ୍ୟୋତ୍ସ୍ନା

ନୂଆଦିଲ୍ଲୀ,୮।୪(ନି.ପ୍ର): ମଧ୍ୟପ୍ରାଚ୍ୟ ମହାଯୁଦ୍ଧରେ ସଙ୍କଟର ଅନ୍ଧାରରେ ଘାଣ୍ଟି ହେଉଥିବା ବିଶ୍ୱକୁ ଆଶ୍ୱସ୍ତି ମିଳିଛି। ଯୁଦ୍ଧବିରାମର ଜ୍ୟୋତ୍ସ୍ନା ଝରିଛି, ହେଉପଛେ ମାତ୍ର ଦୁଇ ସପ୍ତାହ ପାଇଁ। ୧୪ ଦିନ ପାଇଁ ଯୁଦ୍ଧବିରାମ ଘୋଷଣା ହୋଇଛି। ଏଥିରେ ସୁପର ପାୱାରର ନା ସୁପ୍ରିମ ଲିଡରଙ୍କର କାହାର ଜିତ୍ ହୋଇଛି, କାହାର ମଥାନତ ହୋଇଛି, କିଏ ଧୁରନ୍ଧର ବିବେଚିତ ହୋଇଛି ଏହା ପୃଥକ କଥା। ବାସ୍ତବତା ହେଉଛି, ୪୦ ଦିନର ମହାଯୁଦ୍ଧ ପରେ ୧୪ ଦିନର ଶାନ୍ତିକାଳ ଘୋଷଣା ହୋଇଛି। ଆମେରିକାର ଏହି ଘୋଷଣାରେ କୁହାଯାଇଛି ଯେ, ଯୁଦ୍ଧବିରାମ ପାଇଁ ଇସ୍ରାଏଲର ମଧ୍ୟ ସହମତି ରହିଛି।

ଇରାନର ସଭ୍ୟତାକୁ ମାଟିରେ ମିଶାଇ ଦେବେ ବୋଲି ଘୋଷଣା କରିଥିଲେ ଆମେରିକାର ରାଷ୍ଟ୍ରପତି ଡୋନଲ୍ଡ ଟ୍ରମ୍ପ। ଡେଡ୍‌ଲାଇନ ବି ଦେଇଥିଲେ। କିନ୍ତୁ ଆସିଲା ସିଜ୍‌ଫାୟାର ଘୋଷଣା। ଯୁଦ୍ଧବିରାମ ଘୋଷଣା ପରେ ଇରାନରେ ପାଳିତ ହେଉଛି ବିଜୟ ଉତ୍ସବ। ଇରାନ ଜିତିଛି, ଆମେରିକା ହାରିଛି ନାରାରେ ପ୍ରକମ୍ପିତ ହେଉଛି ଗଗନପବନ। ଲୋକେ ଖୁସିରେ ରାଜରାସ୍ତାକୁ ଓହ୍ଲାଇ ଆସିଛନ୍ତି। ପରସ୍ପରଙ୍କୁ ମିଠା ବାଣ୍ଟିଛନ୍ତି। ଇରାନ ପକ୍ଷରୁ କୁହାଯାଇଛି ଯେ, ଅସ୍ତ୍ରବିରତି ପାଇଁ ଆମେରିକା ନେହୁରା ହେଉଥିଲା।

ଆମେରିକାର ପ୍ରତିରକ୍ଷା ମନ୍ତ୍ରୀ ପିଟ୍ ହ୍ୟାଗସେଥ୍ କହିଛନ୍ତି, ଆମର ବିଜୟ ହୋଇଛି। ଇରାନରେ ଆମର ସମସ୍ତ ଲକ୍ଷ୍ୟ ହାସଲ ହୋଇଛି। ଆମେରିକା ହାତରେ ରହିଛି ଇରାନର ଭବିଷ୍ୟତର ଫଇସଲା। ଧ୍ୱଂସ ଭୟରେ ନଇଁଛି ଇରାନ। ଯୁଦ୍ଧବିରାମ ପାଇଁ ଭିକ୍ଷା ମାଗିଲା। ଟ୍ରମ୍ପ ଚାହିଁଥିଲେ ଇରାନର ଅର୍ଥବ୍ୟବସ୍ଥା ବରବାଦ କରିଦେଇଥାଆନ୍ତେ, କିନ୍ତୁ ସେ ଦୟା କଲେ।

ଘୋଷଣା ଅନୁଯାୟୀ, ପାକିସ୍ତାନର ଇସଲାମାବାଦରେ ହେବ ଉଭୟ ପକ୍ଷରୁ ଶାନ୍ତି ଆଲୋଚନା। ଇରାନ ଦାବି କରିଛି ଯେ ତା'ର ୧୦ଟି ସର୍ତ୍ତକୁ ମାନି ନେଇ ଆମେରିକା ଯୁଦ୍ଧବିରାମ ଘୋଷଣା କରିଛି। ନିଜ ସର୍ତ୍ତର ଜିତ୍ ହୋଇଛି ବୋଲି ଦାବି କରିଛି ଇରାନ। ଆମେରିକା ନିକଟରେ ଆଉ କୌଣସି ରାସ୍ତା ନଥିଲା ଏବଂ

ଇସଲାମାବାଦରେ ଆମର ସର୍ତ୍ତ ଅନୁଯାୟୀ ଆଲୋଚନା ହେବ ବୋଲି ଇରାନ କହିଛି।

ଟ୍ରମ୍ପଙ୍କ ଘୋଷଣା ଅନୁଯାୟୀ ପାକିସ୍ତାନର ପ୍ରଧାନମନ୍ତ୍ରୀ ଶହବାଜ ଶରିଫ ଓ ସେନାଧ୍ୟକ୍ଷ ଆସିମ ମୁନୀରଙ୍କ ଅନୁରୋଧ ପରେ ଯୁଦ୍ଧବିରତି ୧୪ ଦିନ ପାଇଁ ଘୋଷଣା ହୋଇଛି। ତେବେ ଏନେଇ ପାକିସ୍ତାନ ପକ୍ଷରୁ ସୋସିଆଲ ମିଡ଼ିଆରେ ଯେଉଁ ମେସେଜ ଜାରି କରାଯାଇଛି ତାକୁ ନେଇ ବିଶ୍ଳେଷକମାନେ କହିଛନ୍ତି ଯେ, ଏହା ଏକ ଡ୍ରାମା। ପାକିସ୍ତାନ ନିକଟକୁ ଆମେରିକା ଯେଉଁ ପୋଷ୍ଟ ପଠାଇଥିଲା ସେହି ପୋଷ୍ଟକୁ ପାକିସ୍ତାନର ଷ୍ଟାଫ୍‌ମାନେ ଭୁଲବଶତଃ ରିପୋଷ୍ଟ କରିବା ପରେ ସତ ଜଣାପଡ଼ିଛି। ଫଳରେ ପାକିସ୍ତାନ ଉପହାସର ଶରବ୍ୟ ହୋଇଛି। ଏହି ମେସେଜରେ ରହିଥିବା Draft-Pakistans PM Message on X ହିଁ ରହସ୍ୟ ଖୋଲିଦେଇଛି।

ଏହା ପରେ କ'ଣ?

ବୈଶ୍ୱିକ ସ୍ତରରେ ପ୍ରଶ୍ନ ଉଠୁଛି ଯେ, ଏହା ପ୍ରକୃତରେ ଯୁଦ୍ଧବିରାମ ନା ରଣନୀତିକ ଖେଳ! ଏହା ଯଦି ଯୁଦ୍ଧବିରାମ ତେବେ ଯୁଦ୍ଧ ଶେଷ ହୋଇନାହିଁ। ୨୭ ଫେବ୍ରୁଆରୀ ପରଠାରୁ ୪୦ ଦିନର ଯୁଦ୍ଧରେ ପ୍ରମାଣିତ ହୋଇଗଲା ଯେ ହର୍ମୁଜ ପ୍ରଣାଳୀ ମଧ୍ୟ ଇରାନ ପାଇଁ ଏକ ସବୁଦିନିଆ ଅମୋଘ ଅସ୍ତ୍ର, ଯାହାକୁ ସେ ସବୁବେଳେ ପ୍ରୟୋଗ କରିପାରିବ। ଏହି ପ୍ରଣାଳୀ ଦେଇ ବିଶ୍ୱର ୨୦-୨୫% ତୈଳ ଓ ଗ୍ୟାସ୍‌ର ପରିବହନ ହୋଇଥାଏ। ୧୪ ଦିନର ଯୁଦ୍ଧବିରାମ ଓ ଶାନ୍ତିକାଳ ପରେ ଯୁଦ୍ଧର ପୁଣି ପୁନରାବୃତ୍ତି ହେବନାହିଁ ତ, ଅଶାନ୍ତିକାଳ ଆସିବ ନାହିଁ ତ? ଏହା ସିଜ୍‌ଫାୟାର ନା ବାଧ୍ୟବାଧକତା-ବୁଝାମଣା ?

ସିଜ୍‌ଫାୟାର ସତ୍ତ୍ୱେ ଆକ୍ରମଣ

ସିଜ୍‌ଫାୟାର ଘୋଷଣା ସତ୍ତ୍ୱେ ଲୋବନନର ବେରୁତ୍‌ରେ ଇସ୍ରାଏଲ ଆକ୍ରମଣ କରିଛି। ସାଉଦିଆରବର ତେଲ ପାଇପ୍ ଉପରେ ମଧ୍ୟ ହୋଇଛି ବଡ଼ଧରଣର ହମ୍‌ଲା। ଏହି ହମ୍‌ଲା ଡ୍ରୋନ୍‌ରେ ହୋଇଛି। ହମ୍‌ଲା କିଏ କରିଛି ଜଣାପଡ଼ିନଥିଲେ ମଧ୍ୟ ଏହା ଜଣାଶୁଣା ଯେ ପୂର୍ବରୁ ସାଉଦିଆରବ ଉପରେ ଇରାନର ଆକ୍ରମଣ ଜାରି ରହିଥିଲା। ସିଜ୍‌ଫାୟାର ସତ୍ତ୍ୱେ ମଧ୍ୟ ଇରାନର ଲିଓ୍ୱାନ ରିଫାଇନେରୀ ଉପରେ ହୋଇଛି ଆକ୍ରମଣ। ଏହି ଆକ୍ରମଣ ଇସ୍ରାଏଲ କରିଥାଇପାରେ ବୋଲି କୁହାଯାଉଛି।

ପେଟ୍ରୋଲ ପମ୍ପରେ ମିଳିବ ୫ କେଜି ଗ୍ୟାସ୍ ସିଲିଣ୍ଡର

ଭୁବନେଶ୍ୱର,୮।୪(ନି.ପ୍ର): ଏବେ ପେଟ୍ରୋଲ ପମ୍ପରେ ମିଳିବ ୫ କେଜି ଗ୍ୟାସ୍ ସିଲିଣ୍ଡର। ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ଛାତ୍ର ଛାତ୍ରୀ ଓ ଶ୍ରମିକ ଆଇଡି କାର୍ଡ ଦେଖାଇ ପେଟ୍ରୋଲ ପମ୍ପରୁ ୫ କେଜିର ଗ୍ୟାସ୍ ସିଲିଣ୍ଡର ନେଇପାରିବେ। ନିର୍ଦ୍ଦିଷ୍ଟ ତୈଳ କମ୍ପାନୀଗୁଡ଼ିକର ଗ୍ୟାସ୍ ସିଲିଣ୍ଡର ମିଳିବ। ଭାରତ ସରକାରଙ୍କ ପ୍ରି ଟ୍ରେଡ୍ ସ୍କିମରେ ମିଳିବ ଏହି ସିଲିଣ୍ଡର। ଗୋଟିଏ ସିଲିଣ୍ଡରକୁ ପଡ଼ିବ ୧୫୩୭ ଟଙ୍କା। ଏହି ସିଲିଣ୍ଡର ରିଫିଲିଂ ପାଇଁ ୫୯୩ ଟଙ୍କା ଦେବାକୁ ପଡ଼ିବ। କେବଳ କମ୍ପାନୀ ସିଲିଣ୍ଡର ମିଳିବ ଓ କମ୍ପାନୀର ସିଲିଣ୍ଡର ମଧ୍ୟ ରିଫିଲ ହେବ। ଗ୍ୟାସ୍ ଏବେ ପ୍ରଚୁର ମହଜୁଦ ରହିଥିବା ଯୋଗାଣ ମନ୍ତ୍ରୀ ମଧ୍ୟ କହିଛନ୍ତି।

ଭିଜିଲାନ୍ସ ଜାଲରେ ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ

ଭୁବନେଶ୍ୱର,୮।୪(ନି.ପ୍ର): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଭିଜିଲାନ୍ସ ଜାଲରେ ଧରାପଡ଼ିଛନ୍ତି କେନ୍ଦ୍ରୀୟ ଜଳସେଚନ ସର୍କଲର ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ରାଜେଶ ଚନ୍ଦ୍ର ମହାନ୍ତି। ଭୁବନେଶ୍ୱର, କଟକ, ଢେଙ୍କାନାଳ ଓ ଯାଜପୁରରେ ତାଙ୍କର ୬ଟି ଠିକଣାରେ ଏକକାଳୀନ ଭିଜିଲାନ୍ସ ଚଢାଉହୋଇଛି। ଭୁବନେଶ୍ୱର ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀରେ ଥିବା ତାଙ୍କର ଆବାସିକ ୩ ମହଲା କୋଠା, ଯାଜପୁର ବଡ଼ଚଣାରେ ଥିବା ପୈତୃକ ଘର, ଢେଙ୍କାନାଳ ଦେଉଳା ସାହିରେ ଥିବା ତାଙ୍କ ସମ୍ପର୍କୀୟଙ୍କ ଘର, ଭୁବନେଶ୍ୱରରେ ଥିବା ତାଙ୍କ କାର୍ଯ୍ୟାଳୟ, ଢେଙ୍କାନାଳର ଭାପୁରରେ ଥିବା ଏକ ଦୁଇ ମହଲା କୋଠା ଏବଂ ଫାର୍ମ ହାଉସ, କଟକ ଜିଲ୍ଲା ଚାଉଳିଆଗଞ୍ଜର ନୟାବଜାରଠାରେ ଥିବା ତାଙ୍କ ନିକଟତମ ସହଯୋଗୀଙ୍କ ଘରେ ଛାନଭିନ୍ ହୋଇଛି। ଏହି ଚଢାଉରେ ନିୟୋଜିତ ହୋଇଛନ୍ତି ଜଣେ ଅତିରିକ୍ତ ଏସ୍‌ପି, ୧୧ ଡିଏସ୍‌ପି ଓ ୯ ଜଣ ଇନ୍ସପେକ୍ଟର। ତାଙ୍କର ଜବତ ସମ୍ପତ୍ତିର ସମ୍ପୂର୍ଣ୍ଣ ଆକଳନ କରାଯାଇଛି।

ଯୁଦ୍ଧବିରତି ପରେ ଭାରତୀୟଙ୍କୁ ତୁରନ୍ତ ଇରାନ ଛାଡ଼ିବାକୁ ନିର୍ଦ୍ଦେଶ

ତେହରାନ,୮।୪(ଏଜେନ୍ସି): ଯୁଦ୍ଧବିରତି ପରେ ତେହରାନର ଭାରତୀୟ ଦୂତାବାସ ବୁଧବାର ଏକ ନୂଆ ସୁରକ୍ଷା ପରାମର୍ଶ ଜାରି କରିଛି। ଏଥିରେ ଇରାନରେ ରହୁଥିବା ଭାରତୀୟ ନାଗରିକମାନଙ୍କୁ ଯଥାଶୀଘ୍ର ଦେଶ ଛାଡ଼ିବାକୁ ପରାମର୍ଶ ଦିଆଯାଇଛି। ଜରୁରୀକାଳୀନ ଏବଂ ସମନ୍ୱୟ ପାଇଁ ଦୂତାବାସ ହେଲ୍ପଲାଇନ ନମ୍ବର ମଧ୍ୟ ଜାରି କରାଯାଇଛି। ଦୂତାବାସ ପକ୍ଷରୁ କୁହାଯାଇଛି, ୭ ଏପ୍ରିଲରେ ପରାମର୍ଶ ଏବଂ ସାମ୍ପ୍ରତିକ ଘଟଣାବଳୀକୁ ଦୃଷ୍ଟିରେ ରଖି ଇରାନରେ ରହୁଥିବା ଭାରତୀୟ ନାଗରିକମାନଙ୍କୁ ଯଥାଶୀଘ୍ର ଇରାନ ଛାଡ଼ିବାକୁ କଡ଼ା ପରାମର୍ଶ ଦିଆଯାଇଛି। ଦୂତାବାସର ମାର୍ଗଦର୍ଶନ ଏବଂ ସୁପାରିସ କରାଯାଇଥିବା ପଥ ଅନୁସରଣ କରିବାକୁ ମଧ୍ୟ କୁହାଯାଇଛି।

ହର୍ମୁଜରୁ ଟୋଲ୍ ଆଦାୟ କରିବ ଇରାନ

ନୂଆଦିଲ୍ଲୀ,୮।୪(ନି.ପ୍ର): ଯୁଦ୍ଧବିରାମ ପରେ ହର୍ମୁଜ ପ୍ରଣାଳୀକୁ ନେଇ ମାଲାମାଲ ହେବାକୁ ଯୋଜନା କରିଛି ଇରାନ। ଯୁଦ୍ଧରେ ହୋଇଥିବା ବିପୁଳ କ୍ଷତିର ଭରଣା କରିବାକୁ ରୋଜଗାର ମୁଡ୍‌ରେ ରହିଛି। ହର୍ମୁଜ ପ୍ରଣାଳୀ ପାର୍ ହେଉଥିବା ଜାହାଜଗୁଡ଼ିକ ନିକଟରୁ ଇରାନ ଟୋଲ୍ ଆଦାୟ କରିବ। ସୂଚନା ଅନୁଯାୟୀ, ପ୍ରତି ଜାହାଜ ପିଛା ନେବ ୨୦ଲକ୍ଷ ଡଲାର। ଇରାନର ଇସ୍‌ଲାମିକ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆର୍‌ଜିସି) ମଞ୍ଜୁରୀ ବିନା କୌଣସି ଜାହାଜ ଯାଇପାରିବନାହିଁ। ହର୍ମୁଜକୁ ତା'ର କ୍ୟାଶ୍ କାଉଣ୍ଟର ବନାଇବାକୁ ଚାହୁଁଛି ଇରାନ। ବାର୍ଷିକ ୪୦ ବିଲିୟନ ଡଲାର ଆୟ କରିବାକୁ ଯୋଜନା କରିଛି। ହର୍ମୁଜରେ ଟୋଲ୍ ଆଦାୟକୁ ନେଇ ଭାରତର ବୈଦେଶିକ ମନ୍ତ୍ରଣାଳୟ ପ୍ରତିକ୍ରିୟା ରଖିଛି। ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ, ହର୍ମୁଜରେ ଟୋଲ୍ ଆଦାୟକୁ ନେଇ ଭାରତ ସହ କୌଣସି ଆଲୋଚନା ହୋଇନାହିଁ। ଭାରତର ଯେଉଁ ଜାହାଜଗୁଡ଼ିକ ହର୍ମୁଜ ଦେଇ ଆସିଛି, ବିନା ଟୋଲ୍ ଆଦାୟରେ ହିଁ ଆସିଛି।

ଖସିଲା ଅଶୋଧିତ ତେଲ ଦର

ନୂଆଦିଲ୍ଲୀ,୮।୪(ନି.ପ୍ର): ଯୁଦ୍ଧବିରତି ଘୋଷଣା ପରେ ବୁଧବାର ଅଶୋଧିତ ତେଲ ହ୍ରାସ ପାଇଛି ୧୩% । ବ୍ରେଣ୍ଟ ଅଶୋଧିତ ତେଲ ପ୍ରତି ବ୍ୟାରେଲ ୯୫ ଡଲାର କୁ ହ୍ରାସ ପାଇଛି। ୨୮ ଫେବ୍ରୁଆରୀରେ ଆମେରିକା ଏବଂ ଇରାନ ମଧ୍ୟରେ ଯୁଦ୍ଧ ଆରମ୍ଭ ହେବା ପୂର୍ବରୁ ଅଶୋଧିତ ତେଲ ପ୍ରତି ବ୍ୟାରେଲ ପ୍ରାୟ ୭୦ ଥିଲା। ଏହା ପରେ ବ୍ୟାରେଲ ପ୍ରତି ୧୨୦କୁ ବୃଦ୍ଧି ପାଇଥିଲା। ବୁଧବାର ଶେୟାର ମାର୍କେଟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି। ସେନସେକ୍ସ ୨୬୦୦ ପଏଣ୍ଟ (୩.୫୦%) ବୃଦ୍ଧି ପାଇ ୭୭୨୦୦ରେ କାରବାର କରୁଛି। ନିଫ୍ଟି ମଧ୍ୟ ୭୫୦ ପଏଣ୍ଟ (୩.୨୪%) ବୃଦ୍ଧି ପାଇ ୨୩୯୦୦ ରେ ପହଞ୍ଚିଛି। (ପୃଷ୍ଠା:୫)

ଶେୟାର ମାର୍କେଟରେ ଉତ୍ସାହ

୪୧ ହଜାର କୋଟି ନିବେଶରେ ୩୬ ଶିଳ୍ପ ପ୍ରକଳ୍ପ

ରାଜ୍ୟସ୍ତରୀୟ ସମାରୋହରେ ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କଲେ ମୁଖ୍ୟମନ୍ତ୍ରୀ

ଖୋର୍ଦ୍ଧା,୮।୪(ନି.ପ୍ର): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ଅନ୍ତର୍ଗତ ଭୂଇଁପୁରରେ ୪୦, ୮୧୧ କୋଟି ଟଙ୍କା ନିବେଶରେ ୩୬ଟି ଶିଳ୍ପ ପ୍ରକଳ୍ପର ଶିଳାନ୍ୟାସ ଓ ଶୁଭାରମ୍ଭ କରିଛନ୍ତି। ଏଥିମଧ୍ୟରୁ ୨୫ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିବାବେଳେ ୧୧ଟି ପ୍ରକଳ୍ପର ଉଦ୍‌ଘାଟନ ହୋଇଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶା ଏବେ ଆଉ କେବଳ ଏକ ସମ୍ଭାବନାର ରାଜ୍ୟ ହୋଇ ରହିନାହିଁ। ଆମ ରାଜ୍ୟ ଏବେ ସମୃଦ୍ଧିର ସ୍ପର୍ଶ ଅନୁଭବ କରୁଛି। ବର୍ତ୍ତମାନ ଓଡ଼ିଶାରେ ଦ୍ୱିତୀୟ ଶିଳ୍ପବିପ୍ଳବ ଚାଲୁଛି। ସମୃଦ୍ଧ ଓଡିଶାର ସ୍ୱର୍ଣ୍ଣିମ ଯାତ୍ରାରେ ଏକ ନୂତନ କିନ୍ତୁ ଗୁରୁତପୂର୍ଣ୍ଣ ଫର୍ଦ୍ଦ ଯୋଡି ହୋଇଛି। ଏହି ଦୁଇ-ତିନି ବର୍ଷ ମଧ୍ୟରେ ଓଡ଼ିଶା କେବଳ ସମ୍ଭାବନାର ରାଜ୍ୟ ହୋଇ ରହିନାହିଁ, ବରଂ ଏବେ ସମୃଦ୍ଧିର ସ୍ପର୍ଶ ଅନୁଭବ କରିବା ଆରମ୍ଭ କରିଛି। ପୂର୍ବରୁ ଆମ ସରକାର ଏହି ୧୮-୨୦ ମାସ ମଧ୍ୟରେ

ପ୍ରାୟ ଅଢ଼େଇ ଲକ୍ଷ କୋଟି ଟଙ୍କାର ୧୦୯ ଟି ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିଛନ୍ତି। ଏହାଦ୍ୱାରା ୧ ଲକ୍ଷ ୭୬ ହଜାର ନିଯୁକ୍ତି ସୃଷ୍ଟି ହୋଇପାରିଛି । ଏହି କାର୍ଯ୍ୟକ୍ରମରେ ଆଉ ୪୦ ହଜାର କୋଟି ଟଙ୍କାର ପୁଞ୍ଜି ନିବେଶ ହୋଇଛି ଏବଂ ୫୯ ହଜାର ନିଯୁକ୍ତି ସୃଷ୍ଟି ହୋଇଛି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି ଶିଳ୍ପ ପ୍ରକଳ୍ପଗୁଡ଼ିକ ମଧ୍ୟରେ ଗ୍ରୀନ ଏନର୍ଜି ଉପକରଣ, ଧାତୁ ଏବଂ ଡାଉନଷ୍ଟ୍ରିମ୍ ଶିଳ୍ପ, ବୟନ ଓ ପୋଷାକ ଶିଳ୍ପ , ପ୍ଲାଷ୍ଟିକ, ପର୍ଯ୍ୟଟନ, କୃଷି ଓ ଖାଦ୍ୟ ପ୍ରକ୍ରିୟାକରଣ, ପ୍ରତିରକ୍ଷା ଉତ୍ପାଦନ, ଆଇଟି, ଅଟୋମୋବାଇଲ, ସିମେଣ୍ଟ ଶିଳ୍ପ ବିଭିନ୍ନ ଜିଲ୍ଲାରେ ଆରମ୍ଭ ହେବାକୁ ଯାଉଛି। ଏହା ରାଜ୍ୟର ଅର୍ଥନୀତିରେ ଦ୍ରୁତ ବିକାଶ ଘଟାଇବ। (ପୃଷ୍ଠା:୫)

ବିଜେଡ଼ି ସଂସଦୀୟ ନେତା ପଦରୁ ସସ୍ମିତ ପାତ୍ରଙ୍କ ଇସ୍ତଫା

ଭୁବନେଶ୍ୱର,୮।୪(ନି.ପ୍ର): ବିଜେଡ଼ି ସଂସଦୀୟ ନେତା ପଦରୁ ଇସ୍ତଫା ଦେଇଛନ୍ତି ସସ୍ମିତ ପାତ୍ର। ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିକଟକୁ ସେ ତାଙ୍କର ଇସ୍ତଫା ପତ୍ର ପଠାଇଥିବା ଜଣାଯାଇଛି। ସସ୍ମିତଙ୍କ ଇସ୍ତଫା ପରେ ବିଜେଡ଼ି ସଂସଦୀୟ ଦଳର ଫାଟ ସାମନାକୁ ଆସିଛି। ରାଜନୈତିକ ମହଲରେ ଚର୍ଚ୍ଚା ଯେ ସସ୍ମିତଙ୍କୁ ପଦରୁ ହଟାଇବାକୁ କିଛି ସାଂସଦ ନବୀନଙ୍କୁ ଚିଠି ଲେଖିଥିଲେ।

ଇଏମ୍‌ଆଇ ଅପରିବର୍ତ୍ତିତ ସୁଧ ହାର ୫.୨୫ ପ୍ରତିଶତରେ ସ୍ଥିର

ନୂଆଦିଲ୍ଲୀ,୮।୪(ନି.ପ୍ର): କ୍ରମାଗତ ଚତୁର୍ଥଥର ପାଇଁ ରେପୋ ହାର ହ୍ରାସ ନକରିବାକୁ ନିଷ୍ପତ୍ତି ନେଇଛି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)। ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରାଙ୍କ ଅଧ୍ୟକ୍ଷତାରେ ମୁଦ୍ରା ନୀତି (ଏମ୍‌ପିସି) କମିଟିର ତିନିଦିନିଆ ବୈଠକ ପରେ ରେପୋ ହାର ଉପରେ ନିଷ୍ପତ୍ତି ଘୋଷଣା କରାଯାଇଛି। ଗଭର୍ଣ୍ଣର କହିଛନ୍ତି, ରେପୋ ହାର ୫.୨୫ ପ୍ରତିଶତ ରଖାଯାଇଛି। ପଶ୍ଚିମ ଏସିଆ ପରିସ୍ଥିତିରେ ସୁଧ ହାର ହ୍ରାସ କରିବା ଅପେକ୍ଷା ଆର୍ଥିକ ପଦକ୍ଷେପକୁ ସମର୍ଥନ କରିବା ଏବଂ ଅଭିବୃଦ୍ଧି ବଜାୟ ରଖିବା ଅଧିକ ଗୁରୁତ୍ୱପୂର୍ଣ୍ଣ। ପଶ୍ଚିମ ଏସିଆରେ ବଢୁଥିବା ସଙ୍କଟ ସମଗ୍ର ବିଶ୍ୱ ପାଇଁ ଏକ ଗମ୍ଭୀର ସମସ୍ୟା ସୃଷ୍ଟି କରୁଛି। ଏହା ଭାରତକୁ ମଧ୍ୟ ଅନେକ ଭାବରେ ପ୍ରଭାବିତ କରୁଛି ଏବଂ ମୁଦ୍ରାସ୍ଫୀତିର ବିପଦ ପୁଣି ଥରେ ବୃଦ୍ଧି ପାଉଛି। ଏଭଳି ପରିସ୍ଥିତିରେ ଅର୍ଥନୀତିକୁ ସ୍ଥିର କରିବା ଏବଂ ଅଭିବୃଦ୍ଧି ବଜାୟ ରଖିବା ଆହୁରି ଗୁରୁତ୍ୱପୂର୍ଣ୍ଣ। ଯଦି ଭବିଷ୍ୟତରେ ଅଶୋଧିତ ତୈଳ ମୂଲ୍ୟ ଉଚ୍ଚ ରହେ, ତେବେ ଖୁଚୁରା ମୁଦ୍ରାସ୍ଫୀତି ମଧ୍ୟ ବୃଦ୍ଧି ପାଇପାରେ। ଏହି କାରଣରୁ ଅଧିକାଂଶ ଏମପିସି ସଦସ୍ୟ ଏହି ସମୟରେ ରେପୋ ହାର ହ୍ରାସ ପାଇଁ ରାଜି ହୋଇ ନଥିଲେ।

ନିଯୁକ୍ତି ପାଇବେ ୧୩୬୩ ଜୁନିୟର ରେଭେନ୍ୟୁ ଆସିଷ୍ଟାଣ୍ଟ

ଭୁବନେଶ୍ୱର,୮।୪(ନି.ପ୍ର): ରାଜ୍ୟର ରାଜସ୍ୱ ପ୍ରଶାସନକୁ ଆହୁରି ସୁଦୃଢ କରିବା ପାଇଁ ଓଡ଼ିଶା ସରକାରଙ୍କ ଦ୍ୱାରା ୧୩୬୩ ଜୁନିୟର ଆସିଷ୍ଟାଣ୍ଟ ପଦବୀକୁ ସିଧାସଳଖ ନିଯୁକ୍ତି ମାଧ୍ୟମରେ ପୂରଣ କରିବାକୁ ସ୍ୱୀକୃତି ମିଳିଛି। ଏହି ନିଯୁକ୍ତି ନିମନ୍ତେ ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିର ବୈଠକରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏ ସମ୍ପର୍କରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢୀ ଜିଲ୍ଲାପାଳମାନଙ୍କୁ ଚିଠି ଲେଖିଛନ୍ତି। ଏହି ପଦବୀଗୁଡ଼ିକୁ ରାଜ୍ୟର ୩୦ଟି ଜିଲ୍ଲାରେ ସିଧାସଳଖ ନିଯୁକ୍ତି ପ୍ରକ୍ରିୟା ମାଧ୍ୟମରେ ପୂରଣ କରାଯିବା (ପୃଷ୍ଠା:୫)

**ଜିଲ୍ଲାପାଳଙ୍କୁ ଚିଠି ଲେଖିଲେ ରାଜସ

୪୨ ବର୍ଷ ବୟସରେ ମା' ହେବାକୁ ଯାଉଛନ୍ତି କରିସ୍ମା ତନ୍ନା

ଥିଲା ମାଙ୍ଗଳିକ ଦୋଷ ଗଛ ସହ ବିବାହ କରିଥିଲେ

ବଲିଉଡ ତଥା ଟିଭି ଅଭିନେତ୍ରୀ କରିସ୍ମା ତନ୍ନା ଖୁବଶୀଘ୍ର ଖୁସି ଖବର ଦେବାକୁ ଯାଉଛନ୍ତି । କରିସ୍ମା ଏବଂ ବରୁଣ ମାତାପିତା ହେବାକୁ ଯାଉଛନ୍ତି । କରିସ୍ମା ନିଜ ଇନଷ୍ଟାଗ୍ରାମରେ ଏକ ପୋଷ୍ଟ କରି ଗର୍ଭବତୀ ଥିବା ଘୋଷଣା କରିଛନ୍ତି। ଅଭିନେତ୍ରୀ ଜଣକ ଏଥିରେ ବହୁତ ଖୁସି ଥିବା ଜଣାପଡିଛି । ଏମାନଙ୍କ ଘରକୁ କୁନି ଅତିଥି ଅଗଷ୍ଟରେ ଆସିବେ ବୋଲି ଜଣାଇଛନ୍ତି ।

ତେବେ କରିସ୍ମାଙ୍କ ଗର୍ଭବତୀ ଖବର ଭିତରେ ଏକ ଇଣ୍ଟରଭ୍ୟୁ ଭାଇରଲ ହେବାରେ ଲାଗିଛି । କିଛିଦିନ ପୂର୍ବରୁ କରିସ୍ମା ସୋହା ଅଲ୍ଲୀ ଖାନଙ୍କ ପୋଡକାଷ୍ଟରେ ପହଞ୍ଚିଥିଲେ । ଏଥିରେ ସେ ନିଜର ମାଙ୍ଗଳିକ ଦୋଷ ବିଷୟରେ ଖୁଲାସା କରିଥିଲେ ।

ଅଭିନେତ୍ରୀ ଜଣକ କହିଥିଲେ, ସେ ମାଙ୍ଗଳିକ ଥିଲେ, ତେଣୁ ନିଜର ମାଙ୍ଗଳିକ ଦୋଷ ଦୂର କରିବା ପାଇଁ ବିଭିନ୍ନ ପ୍ରକାରର ଜିନିଷ କରିଥିଲେ। ଏହାପରେ ତାଙ୍କ ମା' ଏଭଳି ଦୋଷ ଦୂର କରିବା ପାଇଁ ଗଛ ସହିତ ବିବାହ କରିବାକୁ ପଡିଥିଲା ।

ସେ ଆହୁରି ମଧ୍ୟ କହିଛନ୍ତି, ମୁଁ ମାଙ୍ଗଳିକ ଥିଲି, ତେଣୁ ଗଛ ସହିତ ବିବାହ କରିଥିଲି । ମୋ ବିବାହ ଜଣେ ଦେବତାଙ୍କ ସହିତ କରାଯାଇଛି । ମୁଁ ବହୁତ କିଛି କରିଛି। କିନ୍ତୁ ଏହା ପଛର କାରଣ ଜଣାପଡିନାହିଁ । ମୁଁ ଏସବୁରେ ବିଶ୍ୱାସ କରୁନଥିବା ବେଳେ ମୋ ମା' ବହୁତ ବିଶ୍ୱାସ କରୁଥିଲେ । ମୋ ମା' ଚାହୁଁଥିଲେ, ମୋ ବାହାଘର ଜଲଦି ହେଉଯାଉ, ମୋତେ ଭଲ ସ୍ୱାମୀ ମିଳୁ । ତେଣୁ ମୋ ମାଙ୍ଗଳିକ ଦୋଷ ଦୂର କରିବା ପାଇଁ ବହୁତ ଉପାୟ କରିଥିଲେ ।

ତେବେ ଅଭିନେତ୍ରୀ କରିସ୍ମା ତନ୍ନା ୪୨ ବର୍ଷ ବୟସରେ ମା' ହେବାକୁ ଯାଉଛନ୍ତି । ୨୦୨୨ରେ କରିସ୍ମା ବିବାହ କରିଥିଲେ ।

ଖାଲି ପାଟିକୁ ନୁହେଁ ସ୍ୱାସ୍ଥ୍ୟ ପାଇଁ ବରଦାନ

ବିଟ୍ ରାଇତା

ଖରାଦିନେ ଖରାବେଳର ଖାଦ୍ୟ ହେଉ କି ରାତ୍ରି ଭୋଜନ ଥଣ୍ଡା ଥଣ୍ଡା ରାଇତା ଖାଇବାର ମଜା ହିଁ ଭିନ୍ନ। ଏହା ଖାଦ୍ୟର ସ୍ୱାଦକୁ ଦ୍ୱିଗୁଣିତ କରିଥାଏ। ଏହା ଖାଦ୍ୟକୁ ମଧ୍ୟ ଭଲ ଭାବେ ହଜମ କରାଇବାରେ ସହାୟକ ହୋଇଥାଏ। ସାଧାରଣତଃ ଲୋକେ ଦହି କାକୁଡି ରାଇତା ଖାଇବାକୁ ପସନ୍ଦ କରିଥାନ୍ତି। ମାତ୍ର କେବେ ବିଟ୍ ରାଇତା ଖାଇଛନ୍ତି କି ଜାଣନ୍ତୁ କେମିତି ତିଆରି କରିବେ ବିଟ୍ ରାଇତା..

ଆବଶ୍ୟକ ସାମଗ୍ରୀ

ଦହି– ୨ କପ
କୋରା ଯାଇଥିବା ଓ ସିଝା ହୋଇଥିବା ବିଟ୍ ୨ଟା
ଧନିଆପତ୍ର – କଟା ହୋଇଥିବା
ଲଙ୍କା ଗୁଣ୍ଡ – ଅଳ୍ପ
ଜିରା ଗୁଣ୍ଡ – ଅଳ୍ପ
ଲୁଣ – ସ୍ୱାଦ ଅନୁସାରେ
କଳା ଲୁଣ – ସାମାନ୍ୟ

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଏକ ପାତ୍ରରେ ଦହି ନେଇ ଏହାକୁ ଭଲ ଭାବେ ଫେଣ୍ଟି ଦିଅନ୍ତୁ। ଏବେ ଏଥିରେ କୋରା ହୋଇଥିବା ବିଟ୍, ଜିରା ଗୁଣ୍ଡ, କଟା ହୋଇଥିବା ଧନିଆପତ୍ର, କଳା ଲୁଣ, ଲୁଣ, ଲଙ୍କା ଗୁଣ୍ଡକୁ ଭଲ ଭାବେ ମିଶାଇ ଦିଅନ୍ତୁ। କିଛି ସମୟ ଏହାକୁ ଫ୍ରିଜ୍ରେ ରଖି ଦିଅନ୍ତୁ। ଇଚ୍ଛା ଅନୁସାରେ ଏଥିରେ ପିଆଜ, ପୁଦିନା ପତ୍ର କିମ୍ବା କାକୁଡି ମଧ୍ୟ ମିଶାଇ ପାରିବେ। ଏହାକୁ ଭାତ, ରୁଟି କିମ୍ବା ପରଟା ସହ ମଧ୍ୟ ଖାଇପାରିବେ।

ଏହା ସ୍ୱାଦିଷ୍ଟ ହେବା ସହ ସ୍ୱାସ୍ଥ୍ୟ ଓ ତ୍ୱଚା ଉଭୟ ପାଇଁ ଲାଭଦାୟକ। ଏଥିରେ ପ୍ରଚୁର ପରିମାଣରେ ଆଇରନ ରହିଛି। ଏହା ଶରୀରରେ ରକ୍ତର ଅଭାବକୁ ଦୂର କରିବା ସହ ଦୁର୍ବଳ ଅନୁଭବ ହେବାକୁ ଦେଇନଥାଏ। ଏହା ବ୍ୟତୀତ ଏଥିରେ ଥିବା ଆଣ୍ଟି–ଅକ୍ସିଡାଣ୍ଟ ତ୍ୱଚାକୁ ସୁନ୍ଦର, ସୁନେଲି କରିବାରେ ସହାୟକ ହୋଇଥାଏ। ଏଥିରେ ଦହି ଥିବା କାରଣରୁ ପେଟ ଥଣ୍ଡା ରହିବା ସହ ହଜମ ମଧ୍ୟ ଭଲ ଭାବେ ହୋଇଥାଏ।

ପ୍ରତିଦିନ ହାଇ ହିଲ୍ ପିନ୍ଧୁଥିଲେ ଜାଣିବା ସ୍ୱାସ୍ଥ୍ୟକୁ କିପରି କ୍ଷତି ପହଞ୍ଚାଏ

ସୁନ୍ଦର ଦେଖାଯିବା ପାଇଁ କିଏ ବା ନଚାହେଁ । ସୁନ୍ଦର ଦେଖାଯିବା ପାଇଁ ଲୋକମାନେ ବହୁତ୍ କିଛି କାର୍ଯ୍ୟ କରିଥାନ୍ତି । ଖାଲି ସୁନ୍ଦର ନୁହେଁ, ଅଧିକ ଷ୍ଟାଇଲିସ୍ ଦେଖାଯିବା ପାଇଁ ସବୁ ଝିଅଙ୍କର ସ୍ୱପ୍ନ ଥାଏ । ପ୍ରଥମେତଃ ଝିଅମାନେ ଷ୍ଟାଇଲ୍ ଡ୍ରେସ୍, ଷ୍ଟାଇଲ ହିଲ୍ ଇତ୍ୟାଦି ପିନ୍ଧିଥାନ୍ତି, ଯାହା ଦ୍ୱାରା ସେ ଅଧିକ ସୁନ୍ଦର ଦେଖାଯାଇଥାନ୍ତି । ଯେକୌଣସି ପାର୍ଟି, ଅଫିସ୍ କିମ୍ବା ବିଶେଷ ଅବସରରେ ହିଲ୍ ପିନ୍ଧିବା ଦ୍ୱାରା ଆପଣଙ୍କ ଲୁକ୍ ଚମତ୍କାର ଏବଂ ଆପଣଙ୍କ ବ୍ୟକ୍ତିତ୍ୱ ଆକର୍ଷଣୀୟ ହୋଇଥାଏ । କିନ୍ତୁ ଆପଣ ଜାଣିଛନ୍ତି କି ହାଇ ହିଲ୍ସ ପିନ୍ଧିଲେ ଅନେକ ସମସ୍ୟା ମାଡିଆସେ ଯଦି ଜାଣିନାହାନ୍ତି, ତେବେ ଆସନ୍ତୁ ଜାଣିବା ଅଧିକ ସମୟ ହାଇ ହିଲ୍ସ ପିନ୍ଧିଲେ କ'ଣ ଅସୁବିଧା ହୋଇଥାଏ ।

ହେଲ୍‌ଥ ବିଶେଷଜ୍ଞଙ୍କ ମତରେ, ସମସ୍ୟା ହିଲ୍ ପିନ୍ଧିବାରେ ନୁହେଁ ବରଂ ଦୀର୍ଘ ସମୟ ଧରି ପିନ୍ଧିବାରେ ଅଛି । ଯେତେବେଳେ ଜଣେ ବ୍ୟକ୍ତି ହିଲ୍ ପିନ୍ଧିଥାଏ, ସେତେବେଳେ ଶରୀରର ସନ୍ତୁଳନ ବଦଳିଯାଏ। ଚାଲିବା ମଧ୍ୟ ସାଧାରଣଲୋକଙ୍କ ଠାରୁ ଭିନ୍ନ ହୋଇଥାଏ ଯାହା ଫଳରେ ଶରୀରର ଓଜନ ଆଣ୍ଠୁ ଉପରେ ପଡ଼ିଥାଏ । ହାଇ ହିଲ୍ସ ପିନ୍ଧି ଚାଲିଲେ ସମପୂର୍ଣ୍ଣ ପ୍ରଭାବ ଆଣ୍ଠୁ ଉପରେ ପଡିଥାଏ । ଯାହା ଦ୍ୱାରା ଆଣ୍ଠୁ ଯନ୍ତ୍ରଣା ଅଧିକ ହୋଇଥାଏ ଏବଂ ରାତି ସମୟରେ ଶୋଇବାରେ ଅସୁବିଧା ମଧ୍ୟ ହୋଇଥାଏ ।

ଏହା ବ୍ୟତୀତ, ଯଦି ଦୀର୍ଘ ସମୟ ଧରି ହାଇ ହିଲ୍ ପିନ୍ଧାଯାଏ, ତେବେ ଏହି ସମସ୍ୟା ଆହୁରି ଗୁରୁତର ହୋଇପାରେ । ଛୋଟ ଛୋଟ ସମସ୍ୟାରୁ ବଡ଼ ସମସ୍ୟାକୁ ଗତି କରିପାରେ। ପ୍ରତିଦିନ ହାଇ ହିଲ୍ ପିନ୍ଧିବା ଦ୍ୱାରା ପାଦ ଏବଂ ଗୋଡ଼ ଉପରେ ନିରନ୍ତର ଚାପ ପଡ଼େ। ଏହା ଗୋଡ଼ରେ ଫୁଲା ଏବଂ ଲଗାତାର ଯନ୍ତ୍ରଣା ସୃଷ୍ଟି କରେ ।

ହାଇ ହିଲ୍ ପିନ୍ଧିବା ଦ୍ୱାରା ଶରୀରର ସନ୍ତୁଳନ ବିଗିଡ଼ିପାରେ , ମେରୁଦଣ୍ଡ ଉପରେ ଚାପ ପଡ଼ିପାରେ । ଲଗାତାର ହିଲ୍ ପିନ୍ଧିବା ଦ୍ୱାରା ପିଠି ଯନ୍ତ୍ରଣା ଏବଂ କଟି ଯନ୍ତ୍ରଣା ବଢିପାରେ । ମେରୁଦଣ୍ଡର ପ୍ରାକୃତିକ ସ୍ଥିତି ପରିବର୍ତ୍ତନ କରିବା ଦ୍ୱାରା ହାଡ଼ ଯନ୍ତ୍ରଣା ହୋଇପାରେ । ଏହା ରକ୍ତ ସଞ୍ଚାଳନ ସମସ୍ୟାକୁ ବୃଦ୍ଧି କରେ । ଗୋଡରେ ଝିମ୍ଝିମ୍ ହେବା ସମସ୍ୟାକୁ ମଦ୍ୟ ବଢ଼ାଇଥାଏ।

କିଛି ବ୍ୟକ୍ତି ଅଧିକ ବିପଦର ସମ୍ମୁଖୀନ ହୁଅନ୍ତି, ଯେଉଁମାନେ ଦୁର୍ବଳ ମାଂସପେଶୀ, ଅତ୍ୟଧିକ ଓଜନ କିମ୍ବା ପୂର୍ବରୁ ଆଣ୍ଠୁଗଣ୍ଠୀ ସମ୍ବନ୍ଧୀୟ ସମସ୍ୟାରେ ଅଛନ୍ତି ସେମାନେ ହାଇ ହିଲ୍ ପିନ୍ଧିବା ସମୟରେ ବିଶେଷ ସତର୍କତା ଅବଲମ୍ବନ କରିବା ଉଚିତ । ଏପରି ବ୍ୟକ୍ତିମାନଙ୍କଠାରେ ଅଧିକ ଚାପ ପଡିଥାଏ ଏବଂ ବହୁତ୍ କଷ୍ଟ ଅନୁଭବ କରିଥାନ୍ତି।

ବିଶେଷଜ୍ଞମାନେ ପରାମର୍ଶ ଦିଅନ୍ତି ଯେ ଯଦି ହିଲ୍ ପିନ୍ଧିବା ଆବଶ୍ୟକ, ତେବେ କିଛି ସତର୍କତା ମନେ ରଖିବା ଉଚିତ । ଉଦାହରଣ ସ୍ୱରୂପ, କମ୍ ଉଚ୍ଚତା ହିଲ୍ ବାଛନ୍ତୁ । ବ୍ଲକ ହିଲ୍ କିମ୍ବା ୱେଜ୍, ଏହା ବହୁତ୍ ସୁରକ୍ଷିତ ପ୍ରଦାନ କରିଥାଏ ।

ଏହା ବ୍ୟତୀତ, ଦୁଇରୁ ଚାରି ଘଣ୍ଟାରୁ ଅଧିକ ସମୟ ପାଇଁ ଲଗାତାର ହିଲ୍ ପିନ୍ଧନ୍ତୁ ନାହିଁ । ମଝିରେ ଆରାମଦାୟକ ଚପଲ ପିନ୍ଧନ୍ତୁ ଏବଂ ଆପଣଙ୍କ ହିଲ୍ କାଢିବା ପରେ ପାଦ ଷ୍ଟ୍ରେଚ୍ କରନ୍ତୁ। ବିଶେଷଜ୍ଞମାନେ ଏହା ମଧ୍ୟ ପରାମର୍ଶ ଦିଅନ୍ତି ଯେ ହିଲ୍ସକୁ ସମ୍ପୂର୍ଣ୍ଣ ଭାବରେ ପରିତ୍ୟାଗ କରିବାର ଆବଶ୍ୟକତା ନାହିଁ, କିନ୍ତୁ ସେଗୁଡ଼ିକୁ ସଂଯମ ଏବଂ ସଠିକ୍ ଭାବରେ ବ୍ୟବହାର କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ହାଇ ହିଲ୍ ପିନ୍ଧିବା ନିଶ୍ଚିତ ଭାବରେ ଆପଣଙ୍କର ସୌନ୍ଦର୍ଯ୍ୟ ଏବଂ ଆତ୍ମବିଶ୍ୱାସକୁ ବୃଦ୍ଧି କରେ, କିନ୍ତୁ ବାରମ୍ବାର ବ୍ୟବହାର ଆପଣଙ୍କ ଶରୀର ପାଇଁ ବିପଦପୂର୍ଣ୍ଣ ହୋଇପାରେ । ଆପଣଙ୍କ ପାଦ, ଆଣ୍ଠୁ, କଟି ଏବଂ ମେରୁଦଣ୍ଡକୁ କ୍ଷତି ନ ପହଞ୍ଚାଇବା ପାଇଁ, ସୀମିତ ସମୟ ପାଇଁ ଏବଂ କେବଳ ବିଶେଷ ଅବସରରେ ସେଗୁଡ଼ିକୁ ପିନ୍ଧନ୍ତୁ । ଯାହା ଦ୍ୱାରା ଆପଣଙ୍କ କୌଣସୁ ଅସୁବିଧାରେ ସମ୍ମୁଖିନ ହେବେ ନାହିଁ ।

ହାର୍ଟକୁ ସୁସ୍ଥ ରଖିବାକୁ ହେଲେ ଛାଡ଼ନ୍ତୁ ଏହି ସବୁ ଖାଦ୍ୟ



ବର୍ତ୍ତମାନ ଆମେ ସମ୍ମୁଖୀନ ହେଉଥିବା ପ୍ରମୁଖ ସ୍ୱାସ୍ଥ୍ୟ ସମସ୍ୟାଗୁଡ଼ିକ ମଧ୍ୟରୁ ହୃଦ୍‌ଜନିତ ସମସ୍ୟା ଅନ୍ୟତମ। ତେବେ କେତେକ ଖାଦ୍ୟ ପ୍ରତି ସତର୍କ ରହିଲେ ଏଭଳି ସମସ୍ୟାଠାରୁ ଆପଣ ନିଜକୁ କେତେକାଂଶରେ ଦୂରେଇ ରଖିପାରିବେ। ଲହୁଣି, ଘିଅ, ବନସ୍ପତି, କଲିଜା, ଚର୍ବି, ଚର୍ମ ଲାଗିଥିବା କୁକୁଡ଼ା ମାଂସ ଓ ଚର୍ବି ଲାଗିଥିବା ଛେଳି ମାଂସ କିମ୍ବା ମେଣ୍ଢା ମାଂସ ହୃଦ୍‌ରୋଗ ସୃଷ୍ଟି କରିବାରେ କେତେକାଂଶରେ ସହାୟକ ହୋଇଥାଏ। ଅନ୍ୟପକ୍ଷରେ ଅଣ୍ଡାର କେଶର, ଚିଙ୍ଗୁଡ଼ି, କଙ୍କଡ଼ା, ଲହୁଣି, ଘିଅ ଇତ୍ୟାଦିରୁ ମିଳୁଥିବା କୋଲେଷ୍ଟରଲର ପରିମାଣ ଅଧିକ ହୋଇଥିବାରୁ ଏହା ହାର୍ଟ ପାଇଁ ଆଦୌ ଅନୁକୂଳ ନୁହେଁ। ସେହିପରି ବେଶି ଚିନି, ଗୁଡ଼ କିମ୍ବା ମିଷ୍ଟାନ୍ନଜାତୀୟ ଖାଦ୍ୟ ଖାଇଲେ ସେଥିରେ ଥିବା ଶ୍ୱେତସାର ଚର୍ବିରେ ପରିଣତ ହୋଇ ଦେହରେ ଜମିଯାଏ ଓ ହୃଦ୍‌ରୋଗ ସୃଷ୍ଟିକୁ ପ୍ରୋତ୍ସାହନ ଦିଏ। ବେଶି ଲୁଣ, ଫାଷ୍ଟଫୁଡ୍, ଜଙ୍କ୍‌ଫୁଡ୍ ଏବଂ ଡବାରେ ବନ୍ଦ ହୋଇ ବିକ୍ରି ହେଉଥିବା ଖାଦ୍ୟ ମଧ୍ୟ ହୃତ୍‌ପିଣ୍ଡ ପାଇଁ କ୍ଷତିକାରକ। ପ୍ରତିଦିନ ଯଥେଷ୍ଟ ପରିମାଣର ତଟକା ଫଳମୂଳ, ଶାଗ ଓ ପନିପରିବା ଖାଇବା ନିରାପଦ। ରୋଷେଇବାସ ପାଇଁ ସୋରିଷ ତେଲ, ସୋୟାବିନ୍ ତେଲ, ବାଦାମ ତେଲ ଓ ସୂର୍ଯ୍ୟମୁଖୀ ତେଲ ଭଲ। କାକୁଡ଼ି, ଟମାଟୋ, ଗାଜର, ମୂଳା, ଧନିଆପତ୍ର ଓ ଲେଫୁର ସାଲାଡ୍ ମଧ୍ୟ ଉପାଦେୟ। ସବୁଦିନେ ଚୁନାମାଛ ଖାଇପାରିଲେ ତାହା ମଧ୍ୟ ହାର୍ଟ ପାଇଁ ବେଶ୍ ଉପକାରୀ।

କିପରି କଟିବ ଆଜିର ଦିନ

୯ ଏପ୍ରିଲ ୨୦୨୬

ମେଷ: ଭାଇଙ୍କ ସ୍ୱାସ୍ଥ୍ୟ ଓ ସମ୍ପର୍କୀୟଙ୍କ ଅନୁଚିତ ଚିନ୍ତାଧାରା ମନକୁ ବ୍ୟଥିତ କରିପାରେ। ବାଣିଜ୍ୟ, ପରିବହନ ଓ ସଭାସମିତିରେ ସଫଳତା ହାସଲ କରିବେ। ପରୋକ୍ଷ ଶତ୍ରୁତା ବିଚଳିତ କରିପାରେ ତଥାପି ଅନ୍ୟର ସେବା କରି ଖୁସି ପାଇବେ।

ବୃଷ: ବିଭିନ୍ନ ପ୍ରକାରର ସମସ୍ୟା ଚିନ୍ତାକରି ମନ ଭାରାକାନ୍ତ ରହିବ। ବନ୍ଧୁଙ୍କୁ ଅନୁନୟ ବିନୟ କରି ଧାର କରଜ କରି ଆବଶ୍ୟକତା ଚଳାଇ ନେବେ । କଳା, ସଙ୍ଗୀତ, ଚଳଚ୍ଚିତ୍ର, କ୍ରୀଡ଼ା କ୍ଷେତ୍ରରେ ସଫଳତା ମିଳିପାରେ।

ମିଥୁନ: ପାରିବାରିକ କ୍ଷେତ୍ର, ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। କଠୋର କଥା କହିବା କାରଣରୁ ପରିବାରରେ ନିଜ ନିଜ ମଧ୍ୟରେ ସାମୟିକ କଳହ ଦେଖାଦେଇପାରେ।

କର୍କଟ: ଶିଳ୍ପ, ବାଣିଜ୍ୟ ପାଇଁ ଦିନଟି ଭଲ ରହିବ। ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। ପରିଜନଙ୍କ ସହିତ ଆଜିର ପ୍ରତ୍ୟୁଷ ଯାତ୍ରା ପ୍ରୀତିପ୍ରଦ ରହିବ। ମହିଳାମାନେ କର୍ମତତ୍ପର ହେବେ ଓ ଯତ୍ନବାନ ହେବେ।

ସିଂହ: ପରିବାର ମଧ୍ୟରୁ ନିଜ ଲୋକଙ୍କ ଦ୍ୱାରା ସମାଲୋଚିତ ହେବେ। କର୍ମକ୍ଷେତ୍ରରେ ଅଗ୍ରଗତି ଦ୍ରୁତ ହେବ ଓ ପ୍ରାଚୁର୍ଯ୍ୟ ପାଇବେ। ପୂର୍ବ ଶତ୍ରୁତାକୁ ନେଇ ନିଜ ଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିପାରନ୍ତି।

କନ୍ୟା: ଅର୍ଥ ଲାଭ ସାଙ୍ଗକୁ ଶାରୀରିକ ସୁସ୍ଥତା ଅନୁଭବ କାରଣରୁ ମନ ଖୁସି ରହିବ। ବିବାଦୀୟ କ୍ଷେତ୍ରରେ ମନ ବୁଝିଲା ଭଳି କଥା କହି ପରିସ୍ଥିତିକୁ ସୁଧାରି ନେବେ। ଯାତ୍ରା, ବାଣିଜ୍ୟ, ସାହିତ୍ୟ ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

ତୁଳା: ସାମାଜିକ କ୍ଷେତ୍ରରେ ଉଚ୍ଚବର୍ଗର ବ୍ୟକ୍ତି ବିଶେଷଙ୍କ ଦ୍ୱାରା ସାହାଯ୍ୟ, ସହଯୋଗ ପାଇପାରିବେ। ବହୁଦିନରୁ ଖୋଜୁଥିବା ଜିନିଷ ନିକଟରୁ ପାଇଯିବେ। ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବା ଦିଗରେ ସମୟ ବିତିବ।

ବିଛା: ବନ୍ଧୁମାନଙ୍କ ସାହାଯ୍ୟରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ବ୍ୟବସାୟ, ବାଣିଜ୍ୟ ଓ ପରିବହନରେ କିଛି ଅସୁବିଧା ହେବନି। କିନ୍ତୁ ସାମୟିକ ଭାବରେ ପୁତ୍ରକନ୍ୟାଙ୍କ କେତେକ ସମସ୍ୟାକୁ ନେଇ ଚିନ୍ତିତ ହେବେ।

ଧନୁ: କର୍ମକ୍ଷେତ୍ରରେ ଅପ୍ରିୟସତ୍ୟ କଥା ସମସ୍ୟା ସୃଷ୍ଟି କରିବାର ଆଶଙ୍କା ରହିଛି। ଶିଳ୍ପ, ବାଣିଜ୍ୟ ଓ ପରିବହନରେ ସମସ୍ୟା ସମାଧାନ ହେବ। ବକେୟା ଅର୍ଥ ଆଦାୟ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ପଡ଼ିପାରେ।

ମକର: ସାମାଜିକ ସ୍ତରରେ ତଥା ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ ଓ ଦୂରଯାତ୍ରାର ସୁଯୋଗ ମଧ୍ୟ ପାଇବେ। ବୃତ୍ତି, ବାଣିଜ୍ୟ, ଯାତ୍ରା ଓ ଆନୁଷ୍ଠାନିକ କାମରୁ ଖୁସି ରହିବେ। ପରିବାରରେ ଛୋଟ ଘଟଣାକୁ ଗୁରୁତ୍ୱ ଦିଅନ୍ତୁନି।

କୁମ୍ଭ: ବ୍ୟବସାୟ, ପରିବହନ, ଯାତ୍ରା, ଆନୁଷ୍ଠାନିକ କାମରେ ସଫଳତା ହାସଲ କରିବେ। ପରିବାରରେ ଅନ୍ୟ କାହାର କଥା ମିଶିବ ନାହିଁ। ଆଲୋଚନା କାଳରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡ଼ା ଲାଗିପାରେ।

ମୀନ: ଟିକିଏ ଟିକିଏ କଥାରେ ବିରକ୍ତ ହେଲେ ପାରିବାରିକ ସମସ୍ୟା ବଢ଼ିଯାଇପାରେ। ବନ୍ଧୁଙ୍କ ନିକଟରୁ କିଛି ପାଇବାର ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଅନୁଭବ କରିପାରନ୍ତି। ଆନୁଷ୍ଠାନିକ କାମରେ ବହୁ ପ୍ରତୀକ୍ଷିତ ଖବର ପାଇବେ।

ଓଡିଶାରେ ଇସ୍ପାତ ଶିଳ୍ପ କ୍ଷେତ୍ରରେ ସୃଷ୍ଟି ଆହ୍ୱାନ ସମ୍ପର୍କରେ

ମୁଖ୍ୟମନ୍ତ୍ରୀଙ୍କ ସହିତ ଆଇଏସଏ ପ୍ରତିନିଧି ମଣ୍ଡଳୀଙ୍କ ଆଲୋଚନା

ଭୁବନେଶ୍ୱର,୮।୪(ନି.ପ୍ର):ସାଂସଦ ତଥା ଇଣ୍ଡିଆନ ଷ୍ଟିଲ ଆସୋସିଏସନ (ଆଇଏସଏ)ର ସଭାପତି ନବୀନ ଜିନ୍ଦଲଙ୍କ ନେତୃତ୍ୱରେ ଆଇଏସଏର ଏକ ବରିଷ୍ଠ ପ୍ରତିନିଧିମଣ୍ଡଳୀ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ରାଜ୍ୟରେ ଇସ୍ପାତ ଶିଳ୍ପ କ୍ଷେତ୍ରରେ ସୃଷ୍ଟି ହୋଇଥିବା ଆହ୍ୱାନ ସମ୍ପର୍କରେ ଆଲୋଚନା କରିଛନ୍ତି।

ଏହି ବୈଠକରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ (ଆଇଏଏସ), ଉନ୍ନୟନ ସଚିବ ତଥା ଇସ୍ପାତ ଓ ଖଣି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂହ (ଆଇଏଏସ), ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ କୁମାର ଶର୍ମା (ଆଇଏଏସ), ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ କୁମାର ମିଶ୍ର (ଆଇଏଏସ), ଓଏମସିର ଅଧ୍ୟକ୍ଷ ଗିରୀଶ ଏସଏନ (ଆଇଏଏସ) ଓ ଓଏମସିର ପରିଚାଳନା ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାମଲ (ଆଇଏଏସ) ପ୍ରମୁଖ ଉପସ୍ଥିତ ଥିଲେ।

ଇସ୍ପାତ ଉତ୍ପାଦନ କ୍ଷେତ୍ରରେ ଓଡ଼ିଶାର ଭୂମିକା ଉପରେ ପ୍ରତିନିଧିମଣ୍ଡଳୀ ଗୁରୁତ୍ୱ ଦେଇଥିଲେ। ଏହା ସହିତ ଇସ୍ପାତ ଶିଳ୍ପକୁ ରାଜ୍ୟ ସରକାରଙ୍କ ନିରନ୍ତର ସହଯୋଗ ପାଇଁ ପ୍ରଶଂସା କରିଥିଲୋ।ରାଜ୍ୟଭିତ୍ତିକ ଶିଳ୍ପ ପାଇଁ ଲୁହାପଥର ଉପଲବ୍ଧତା ବୃଦ୍ଧି କରିବା ପାଇଁ ଆଇଏସଏର ପ୍ରତିନିଧିମଣ୍ଡଳୀ ରାଜ୍ୟ ସରକାର ଏବଂ ଓଏମସିକୁ ବିଭିନ୍ନ ପଦକ୍ଷେପ ଗ୍ରହଣ ପାଇଁ ପ୍ରସ୍ତାବ ଦେଇଥିଲେ ।୨୦୩୦ ସୁଦ୍ଧା ରାଜ୍ୟରେ ୧୦୦ ଏମଟିପିଏ ଇସ୍ପାତ ଉତ୍ପାଦନର ଲକ୍ଷ୍ୟ ହାସଲ କରିବା ପାଇଁ ରାଜ୍ୟ ସରକାର

ଇସ୍ପାତ ଶିଳ୍ପକୁ ଆର୍ଥିକ ପ୍ରୋତ୍ସାହନ ସହିତ ସାମଗ୍ରିକ ପରିବହନ ବ୍ୟବସ୍ଥା ଓ ଭିତ୍ତିଭୂମି ବିକାଶର କାର୍ଯ୍ୟଯୋଜନା ମାର୍ଗଦର୍ଶିକା ପ୍ରସ୍ତୁତ କରିବା ପାଇଁ ଏକ ସ୍ୱତନ୍ତ୍ର ଟାସ୍କଫୋର୍ସ ଗଠନ ପାଇଁ ପ୍ରତିନିଧିମଣ୍ଡଳୀ ଅନୁରୋଧ କରିଥିଲା। ନବୀନ ଜିନ୍ଦଲ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ପ୍ରଗତିଶୀଳ ନେତୃତ୍ୱରେ ରାଜ୍ୟର ଇସ୍ପାତ ଶିଳ୍ପରେ ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିଛି। ଓଡ଼ିଶା ଦ୍ୱାରା ଅନୁସରଣ କରାଯାଉଥିବା ଖଣି ନୀତି ଏବଂ ନିଲାମ ପ୍ରକ୍ରିୟା ଦେଶରେ ସର୍ବୋତ୍ତମ, ଯାହାପାଇଁ ରାଜ୍ୟକୁ ସର୍ବାଧିକ ରାଜସ୍ୱ ମିଳୁଛି। ଏଥିପାଇଁ ଆମେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଉଛୁ।

ଏହି ପ୍ରତିନିଧିମଣ୍ଡଳୀରେ ଟାଟା ଷ୍ଟିଲର ପରିଚାଳନା ନିର୍ଦ୍ଦେଶକ ଟିଭି ନରେନ୍ଦ୍ରନ, ଇଣ୍ଡିଆନ ଷ୍ଟିଲ ଆସୋସିଏସନର ମହାସଚିବ ଆଲୋକ ସହାୟ, ଟାଟା ଷ୍ଟିଲର ଉପସଭାପତି (କର୍ପୋରେଟ ସର୍ଭିସେସ) ଡିବି ସୁନ୍ଦର ରମମ୍, ଜେଏସଡବ୍ଲୁ ଷ୍ଟିଲର ସଭାପତି ଅନୀଲ ସିଂହ, ଜେଏସଡବ୍ଲୁ ବିପିଏସଏଲର ଶ୍ରୀ ଅରୁଣ ମାହେଶ୍ୱରୀ, ଏଏମଏନଏସର ନିର୍ଦ୍ଦେଶକ ଆଲୋକ ମେହେଟା, ଜିନ୍ଦଲ ଷ୍ଟେନଲେସର ମୁଖ୍ୟ ବ୍ୟାବସାୟିକ ଅଧିକାରୀ ଶଶିଭୂଷଣ ଉପାଧ୍ୟାୟ ଓ ରାଜ୍ୟର ଅନ୍ୟ ଇସ୍ପାତ କମ୍ପାନିର ପ୍ରତିନିଧି ମାନେ ସାମିଲ ଥିଲେ।

ବର୍ଷା ଉଜାଡିଦେଲା ମୁଗଚାଷ, ଚାଷୀ ମୁଣ୍ଡରେ ଚଡକ

ଅସ୍ତରଙ୍ଗ,୮।୪(ନି.ପ୍ର): ଅଦିନିଆ ବର୍ଷାରେ ଉଛୁଡିଗଲା ମୁଗ ଫସଲ। ମୁଗ ଗଛରେ ଫୁଲ ଧରି ଆସୁଥିବା ବେଳେ ପାଣି ଜମି ରହିବା ଯୋଗୁଁ ଚାଷ ନଷ୍ଟ ହେବାକୁ ଆରମ୍ଭ କଲାଣି।ଯଦି ଆଗକୁ ବର୍ଷା ଲାଗି ରହେ ତା 'ହେଲେ ମୁଗ ବିଲରେ କୀଟନାଶକ ଔଷଧ ଛିଞ୍ଚନ କରିବା ମଧ୍ୟ କଷ୍ଟକର ହୋଇପଡିବ। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଧୀନ ୧୫ ପଂଚାୟତ ର ବିଭିନ୍ନ ଅଂଚଳରେ ବର୍ଷା ଯୋଗୁଁ ବ୍ୟାପକ ମୁଗ ଫସଲର ନଷ୍ଟ ହୋଇଛି। ତେଣୁ କିପରି ଋଣ ସୁଜିବେ ସେ ଚିନ୍ତା ଚାଷୀଙ୍କୁ ଘାରିଲାଣି। ଅସ୍ତରଙ୍ଗ କୃଷି ବିଭାଗ ତଥ୍ୟ ଅନୁଯାୟୀ ଚଳିତ ବର୍ଷ ରବି ରେ ପ୍ରାୟ ୧୫ ଶହ ହେକ୍ଟର ରୁ ଉର୍ଦ୍ଧ ଜମିରେ ମୁଗ ଫସଲ ଚାଷ କରାଯାଇଛି। ଅଦିନିଆ ବୃଷ୍ଟିପାତ ଯୋଗୁଁ ଏବେ ରବି ଫସଲ ପ୍ରଭାବିତ ହେବାକୁ ବସିଲାଣି। ମୁଗ ଫୁଲ ଧରିବା ବେଳକୁ ପାଣି ପଶିଯିବାରୁ ଫସଲ ନଷ୍ଟ ହେବାକୁ ବସିଛି। ହଜାର ହଜାର ଚାଷୀ ଭାଗକୁ ନେଇ ମୁଗ ଚାଷ କରିଥିଲେ।

ଯେହେତୁ ସରକାରୀ ରିହାତି ଦରରେ ବିହନ ମିଳି ନଥିଲା ସେଥିପାଇଁ ଚାଷୀ ସ୍ଥାନୀୟ ବଜାରରୁ ସବୁଜ ଓ କଳା ରଙ୍ଗର ମୁଗ ବିହନ ଚଢା ଦରରେ କିଣିଥିଲେ।ମୁଗ ବିକ୍ରି କରି ଦି 'ପଇସା ରୋଜଗାର କରିବାକୁ ଆଶା ରଖିଥିବା ଚାଷୀ ନିରାଶ ହୋଇଛା କିଛିଦିନ ଆଗରୁ ପତ୍ର ପୋଡା ରୋଗ ହୋଇଥିବାରୁ ପୋକ ଲାଗି ଗଛର ପତ୍ର ଗୁଡିକ ନଷ୍ଟ ହୋଇଯାଇଥିଲା। ପୋକ ମାରିବାକୁ ଚାଷୀ ବଜାରରୁ ଯେଉଁ କୀଟନାଶକ କିଣି ବିଲରେ ପକାଇଥିଲେ ତାହା କାମ ଦେଇନଥିଲା। ଏଣେ ଫୁଲରେ ପାଣି ପଶିଯିବାରୁ ତାହା ଓଜନିଆ ହୋଇ ହେବାକୁ ବସି ଥିବା ବେଳେ ବର୍ଷା ଲାଗି ରହିଲେ ମୁଗ ମୂଳ ମଧ୍ୟ ନଷ୍ଟ ହୋଇଯିବ ଅଦିନିଆ ବର୍ଷା ଓ ରୋଗପୋକ ଦାଉରୁ କେମିତି ରକ୍ଷା କରିବେ ମୁଣ୍ଡରେ ହାତ ଦେଇ ବସିଛନ୍ତି ଚାଷୀ। ଅସ୍ତରଙ୍ଗ ବ୍ଲକ କୃଷି ଅଧିକାରିଣୀ ବି. ଅର୍ପିତା ଚାଷୀ ମାନେ ନିଜ ଜମିରୁ ତୁରନ୍ତ ପାଣି ନିଷ୍କାସନ କରିବାକୁ କହିଛନ୍ତି। ଏହା ପରେ ରୋଗ ପୋକ ଦାଉରୁ ରକ୍ଷା କରିବାକୁ କୀଟନାଶକ ସିଞ୍ଚନ କରାଯିବ।

ମଂଟେଶୋରୀ ପବ୍ଲିକ ସ୍କୁଲରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ

ବଲାଙ୍ଗିର, ୮।୪ (ନିପ୍ର): ସ୍ଥାନୀୟ ମାଲପଡା ସ୍ଥିତ ମଂଟେଶୋରୀ ପବ୍ଲିକ ସ୍କୁଲରେ ପ୍ରିନ୍ସିପାଲ ରବିଚନ୍ଦ୍ର ଉଦଗାତା ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି । ସ୍କୁଲର ଚେୟାରମେନ ବିରେନ୍ଦ୍ର ଉଦ୍‌ଗାତା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ପ୍ଲିଜ କରାଇବା ସହିତ ଜୀବନର ସଫଳତା ଉପଯୁକ୍ତ ଟିପସ୍ ଦେଇ ମାର୍ଗଦର୍ଶନ କରିଥିଲେ। ଅପର ପ୍ରାଇମେରୀ ସେକସନ ପ୍ରିନସିପାଲି ଅଭିସ୍ମିତା ଦାଶ ଏବଂ ଏକାଡେମିକ ଇନଚାର୍ଜ ଡ. ରବିଚନ୍ଦ୍ର ପଶାୟତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ନବମ ଶ୍ରେଣୀର ଛାତ୍ରୀ ଆର୍ଯ୍ୟାହୀ ମିଶ୍ର ସ୍ୱାଗତ ଅଭିଭାଷଣ ଦେବା ସହ ସଭା ସଂଯୋଜନା କରିଥିଲେ । ଶିକ୍ଷକ ଆଶିକ ଯୋଷି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଛାତ୍ରୀ ଅଂକିତା ମେହେର, ହରିଶ ଭୋଇ, ଖୁସି ଅଗ୍ରୱାଲ, ସ୍ରିଷ୍ଟି ସୋହାନି ସାହୁ ଦିବସର ତାପତ୍ୟ୍ୟ ବିଷୟରେ ନିଜସ୍ୱ ମତବ୍ୟକ୍ତ କରିଥିଲେ । ଶିକ୍ଷକ ନବ କିଶୋର ବାରିକ, ଆର ସୁଲତାନା, ନମିତା ସାଗର, ପ୍ରତିକ୍ଷା ରଥ, ସୋମ ପ୍ରକାଶ ପଟ୍ଟନାୟକ, ତୃପ୍ତି ମହାରଣା କାର୍ଯ୍ୟକ୍ରମ ରେ ଉପସ୍ଥିତ ରହି ସହଯୋଗ କରିଥିଲେ । ପରିଶେଷରେ ନବମ ଶ୍ରେଣୀର ଛାତ୍ରୀ ଶକ୍ତି ସ୍ୱରୁପା ଛତ୍ରିଆ ଧନ୍ୟବାଦ ଅର୍ପଣ କରିଥିଲେ।

ସଦର ବ୍ଲକ ନୂଆ ରୂପରଙ୍ଗ ଦେଇ ନୂତନ ପ୍ରବେଶ

ଗେଟ ସନ୍ଦର୍ଯ୍ୟକରଣ ଉଦ୍‌ଘାଟନ କଲେ ବିଧାୟକ

ବଲାଙ୍ଗୀର,୮।୪ (ନିପ୍ର): ବଲାଙ୍ଗୀର ସଦର ଭିତରେ ଥିବା ପୁରୁଣା ସଦର ବ୍ଲକ ନୂଆ ରୂପ ରଙ୍ଗ ଦେଇ ନୂତନ ପ୍ରବେଶ ଗେଟ ଓ ବ୍ଲକ ପରିସର ରେ ସନ୍ଦର୍ଯ୍ୟକରଣ ଶୁଭ ଉଦ୍ଘାଟନ ହୋଇଯାଇଛି ବଲାଙ୍ଗୀର ବିଧାୟକ କଳିକେଶ ନାରାୟଣ ସିଂହଦେଓ ଙ୍କ କର କମଳରେ ଉଦ୍ଘଟିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ପରିଷଦ ସଭାପତି ଦେବକୀ ସାହୁ, ପୌର ପରିଷଦ ଅଧ୍ୟକ୍ଷା ଲିକା ସାହୁ, ବ୍ଲକ ଅଧ୍ୟକ୍ଷା ସରିତା ବାଗ,ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗୁଲାବ ବାଗ ଉପାଧ୍ୟକ୍ଷଛ ପୁଷ୍ପଞ୍ଜଞ୍ଜି ହୋତା, ଜିଲ୍ଲା ପରିଷଦ ସଭ୍ୟା ଅନାମିକା ହୋତା, ସଙ୍ଗୀତା ସୁନା , ବ୍ଲକ ବି ଡି ଓ ନିତ୍ୟାନନ୍ଦ ଗଣ୍ଡ ମଞ୍ଚଝଶିନସ ଥିବା ବେଳେ ହିତ ବ୍ଲକର ଚର୍ତୁପାର୍ଶ୍ୱରେ ବିଭିନ୍ନ ମନ୍ତ୍ରୀ ସାଂସଦ ମୁଖ୍ୟମନ୍ତ୍ରୀ ଙ୍କ ଫୋଟୋ ଚିତ୍ରରେ ସଜେଇ ହୋଇଛି ଏହି ବ୍ଲକ ଓ ରଙ୍ଗ ବିରଙ୍ଗରେ ଲାଇଟ୍‌ରେ ଶୋଭା ପାଉଛି ଏହାକୁ ନେଇ ବ୍ଲକର କାର୍ଯ୍ୟକର୍ତ୍ତା ସହିତ ବଲାଙ୍ଗୀରବାସୀ ବହୁତ ଖୁସି ଅନୁଭବ କରୁଥିବା ବେଳେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ସରପଞ୍ଚ ଓ ସମିତି ସଭ୍ୟ ମାନଙ୍କୁ ଅତିଥିଙ୍କ ହାତରେ ସମ୍ବର୍ଦ୍ଧିତ କରା ଯାଇଥିଲା। କାର୍ଯ୍ୟକ୍ରମରେ ସମସ୍ତ ବ୍ଲକ୍ କର୍ମଚାରୀ ସରପଞ୍ଚ ସମିତି ସଭ୍ୟ ଓ ବଲାଙ୍ଗୀର ରେ ଥିବ ସମସ୍ତ ପଞ୍ଚାୟତର ଗ୍ରାମ ବାସୀ ମାନେ ଉପସ୍ଥିତ ଥିଲେ।

ବଢୁଛି କଳା ବଜାର, ଚଢା ଦରରେ ବିକ୍ରି ହେଉଛି ଗ୍ୟାସ

ଅସ୍ତରଙ୍ଗ,୮।୪(ନି.ପ୍ର): ମଧ୍ୟପ୍ରାଚ୍ୟ ଯୁଦ୍ଧ ପାଇଁ ସୃଷ୍ଟି ହୋଇଥିବା ଏଲପିଜି ସଙ୍କଟ ପରେ ବ୍ୟବସାୟ କ୍ଷେତ୍ରରେ ଏହାର ଗୁରୁତର ପ୍ରଭାବ ପଡିଛି। ବିଶେଷ କରି ରାସ୍ତା କଡ଼ରେ ବ୍ୟବସାୟ କରୁଥିବା ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ଥିବା ଗ୍ରାମାଞ୍ଚଳ ରେ ଟିଫିନ ସେଣ୍ଟର, ଫାଷ୍ଟଫୁଡ ଦୋକାନ ବନ୍ଦ ହୋଇଗଲାଣି। ଏପରି ସ୍ଥିତିରେ କିଛି ବ୍ୟବସାୟୀ କଳା ବଜାରୀ ରେ ବଡ଼ ଗ୍ୟାସ କିଣି ଦୋକାନ ଚଳାଉଛନ୍ତା ମାର୍କେଟରେ ଗ୍ୟାସ କଳା ବଜାରୀ ବଢୁଥିବା ବେଳେ ଅଧିକ ଦାମ୍‌ରେ ଗ୍ୟାସ ବିକ୍ରି ହେଉଥିବା ଅଭିଯୋଗ ହେଉଛି। ଅସ୍ତରଙ୍ଗ ଥାନା ଓ ନୂଆଗଡ ସାମୁଦ୍ରିକ ଥାନା ପୁଲିସ ଏ ପର୍ଯ୍ୟନ୍ତ ଧରପଗଡ ଆରମ୍ଭ କରିନାହିଁ।

କୋରଡ଼ା ବାଣ ବିସ୍ଫୋରଣ ମୃତ୍ୟୁ ସଂଖ୍ୟା ୩କୁ ବୃଦ୍ଧି

ନୟାଗଡ଼, ୮।୪ (ନିପ୍ର): ନୟାଗଡ଼ ଜିଲ୍ଲା ନୂଆଗାଁ ଥାନା ଅନ୍ତର୍ଗତ କୋରଡ଼ା ଗ୍ରାମରେ ହୋଇଥିବା ଭୟଙ୍କର ବାଣ ବିସ୍ଫୋରଣ ଘଟଣାରେ ୬ ଜଣ ଗୁରୁତରଙ୍କ ମଧ୍ୟରୁ ମିନାଗାଡିଆ ଗ୍ରାମର ବାପୁନୀ ନାହାକଙ୍କର ଶୁକ୍ରବାର ମୃତ୍ୟୁ ଘଟିଥିବା ବେଳେ ସୋମବାର କୋରଡ଼ା ମଠ ସାହିର ଲିଙ୍ଗରାଜ ନାହାକଙ୍କ ପୁଅ ନୀରଞ୍ଜନଙ୍କର ମୃତ୍ୟୁ ଘଟିଥିଲା। ସେହିପରି ଚିକିତ୍ସାଧିନ ଅବସ୍ଥାରେ ମଙ୍ଗଳବାର ବାଣ ମାଲିକ କୋରଡ଼ାର ହାଡ଼ିବନ୍ଧୁ ସେଠୀଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି। ଏହି ଭୟଙ୍କର ବାଣ ବିସ୍ଫୋରଣ ଘଟଣାରେ ୬ ଜଣରୁ ୫ଜଣ ଗୁରୁତରଙ୍କୁ ନୟାଗଡ଼ ଚିକିତ୍ସାଳୟରୁ ଭୁବନେଶ୍ୱରକୁ ସ୍ଥାନାନ୍ତରିତ କରାଯାଇଥିଲା।

ଅନୁଗୁଳ–ନୟାଗଡ଼ ଟାଉନ ରେଳପଥ ନିର୍ମାଣ ପାଇଁ ରେଳମନ୍ତ୍ରୀଙ୍କୁ ଦାବିପତ୍ର

ନୟାଗଡ଼, ୮।୪ (ନିପ୍ର): ଅନୁଗୁଳ–ନୟାଗଡ଼ ଟାଉନ ଭାୟା ନରସିଂହପୁର, କଣ୍ଟିଲୋ, ଖଣ୍ଡପଡା ରେଳପଥ ନିର୍ମାଣ କାର୍ଯ୍ୟ ତୁରନ୍ତ ଆରମ୍ଭ ପାଇଁ ରେଳମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ଆଜି ପ୍ରଦାନ କରାଯାଇଛି। ତାଳଚେର–ଗୋପାଳପୁର ରେଳପଥ ନିର୍ମାଣ କ୍ରିୟାନୁଷ୍ଠାନ କମିଟି ଏବଂ ନୟାଗଡ଼ ନାଗରିକ ମଞ୍ଚ ପକ୍ଷରୁ ଆବାହକ ପ୍ରମୋଦ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି ଏହି ଦାବିପତ୍ର ପ୍ରଦାନ କରିଥିଲେ। ସୂଚନା ଯୋଗ୍ୟ ଯେ ତାଳଚେର–ଗୋପାଳପୁର ରେଳପଥର ଏକ ଅଂଶ ସ୍ୱରୂପ ଅନୁଗୁଳ ଠାରୁ ଏକ ରେଳପଥ ଭାୟା ନରସିଂହପୁର, କଣ୍ଟିଲୋ ଏବଂ ଖଣ୍ଡପଡା ଦେଇ ନୟାଗଡ଼ ଟାଉନକୁ ସଂଯୋଗ ହେବା ଏହାପରେ ଖୋର୍ଦ୍ଧା ଟାଉନ–କାଇପଦର ମଧ୍ୟରେ ଏକ ସଂଯୋଗକାରୀ ସିଧା ରେଳପଥ (କର୍ଡ଼ ଲାଇନ) ଦ୍ୱାରା ସଂଯୋଗ ହେଲେ ସିଧାସଳଖ ତାଳଚେରରୁ ଗୋପାଳପୁର ମଧ୍ୟରେ ରେଳ ସଂଯୋଗ ହୋଇପାରିବା

୧୨୦ କିଲୋମିଟର ଦୀର୍ଘ୍ୟ ବିଶିଷ୍ଟ ପ୍ରସ୍ତାବିତ ଏହି ରେଳପଥର ଚୂଡ଼ାନ୍ତ ଲୋକେସନ ସର୍ଭେ ଏବଂ ଡିପିଆର କାର୍ଯ୍ୟ ରେଳବିଭାଗ ପକ୍ଷରୁ ସମ୍ପୂର୍ଣ୍ଣ ହୋଇସାରିଛି। ଗତବର୍ଷ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କଣ୍ଟିଲୋ ନୀଳମାଧବ ମନ୍ଦିର ଦର୍ଶନ ପାଇଁ ଆସିଥିବା ବେଳେ ଏହି ରେଳପଥ ନିର୍ମାଣ କାର୍ଯ୍ୟ ଖୁବଶୀଘ୍ର ଆରମ୍ଭ କରାଯିବ ବୋଲି ସ୍ଥାନୀୟ ଜନସାଧାରଣଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ତେବେ ଇତିମଧ୍ୟରେ ରେଳମନ୍ତ୍ରୀଙ୍କ ପ୍ରତିଶ୍ରୁତିର ପ୍ରାୟ ଏକ ବର୍ଷ ବିତିଯାଇଥିଲେ ସୁଦ୍ଧା ରେଳ ଲାଇନ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇନାହିଁ। ଏ ନେଇ କ୍ରିୟାନୁଷ୍ଠାନ ପକ୍ଷରୁ ଗଭୀର ଉଦବେଗ ପ୍ରକାଶ ପାଇଥିବା ବେଳେ ତୁରନ୍ତ ବଜେଟରେ ଅର୍ଥ ମଞ୍ଜୁର କରି ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବା ପାଇଁ କେନ୍ଦ୍ର ମନ୍ତ୍ରୀଙ୍କ ନିକଟରେ ଦାବି କରାଯାଇଛି। କ୍ରିୟାନୁଷ୍ଠାନ କମିଟି ଏବଂ ନୟାଗଡ଼ ନାଗରିକ ମଞ୍ଚ ପକ୍ଷରୁ ଜିଲ୍ଲାପାଳ ମଧୁମିତା ରଥଙ୍କୁ ଦାବିପତ୍ର ପ୍ରଦାନ ସମୟରେ ଆବାହକ ଶ୍ରୀ ପଟ୍ଟନାୟକଙ୍କ ସମେତ ନାଗରିକ ମଞ୍ଚ ପକ୍ଷରୁ ସମ୍ପାଦକ ଲକ୍ଷ୍ମୀଧର ସାହୁ, ଲକ୍ଷ୍ମୀଧର ମହାପାତ୍ର, ପୂର୍ଣଚନ୍ଦ୍ର ଶତପଥୀ, ପ୍ରଦୀପ କୁମାର ସାହୁ ଏବଂ ପ୍ରଦୀପ୍ତ କୁମାର ଡାକୁଆ ପ୍ରମୁଖ ଉପସ୍ଥିତ ଥିଲେ।

ଦେଓଗାଁରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିବା ପାଇଁ ଆଗ୍ରହର ସହ ଅପେକ୍ଷା କରିଛନ୍ତି ଘସିପୁରାବାସୀ: ପୃଥିରାଜ

ଆନନ୍ଦପୁର,୮।୪(ନି.ପ୍ର) : ଆନନ୍ଦପୁର ଅଞ୍ଚଳର ପୁରାତନ ଶିକ୍ଷା ଅନୁଷ୍ଠାନ ଭାବରେ ଜଣାଶୁଣା ତଥା ଜିଲ୍ଲାର ପ୍ରସିଦ୍ଧ ଶୈବପୀଠ ଦେଓଗାଁ ଠାରେ ଅନୁଷ୍ଠିତପିଏମଶ୍ରୀ କୁଶଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ଲାଟିନମ୍ ଜୟନ୍ତୀ ସମାରୋହ ଆସନ୍ତା ୧୨ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଥିବାବେଳେ ଜିଲ୍ଲାର ସୁଯୋଗ୍ୟ ସନ୍ତାନ ତଥା ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସ୍ୱାଗତ କରିବା ପାଇଁ ସମଗ୍ର ଘସିପୁରାବାସୀ ଅତ୍ୟନ୍ତ ଆଗ୍ରହର ସହ ଅପେକ୍ଷା କରିଛନ୍ତି ବୋଲି ଘସିପୁରା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ପ୍ରାର୍ଥୀ ତଥା ବିଜେପି ନେତା ପୃଥିରାଜ କୁଅଁର ସୂଚନା ଦେଇଛନ୍ତି। ସ୍ୱାଧୀନତାର ୭୮ ବର୍ଷ ପରେ କେନ୍ଦୁଝର ଜିଲ୍ଲାର ସନ୍ତାନ ଏବେ ରାଜ୍ୟର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନେବା ପରେ କେନ୍ଦୁଝର ଲାଗି ସୁବର୍ଣ୍ଣ ଯୁଗ ଆରମ୍ଭ ହୋଇଛି ବୋଲି ଶ୍ରୀ କୁଅଁର ପ୍ରକାଶ କରିଛନ୍ତି। ଜିଲ୍ଲାର ସବୁବେଳେ ଦାବି ଥିବା ମେଗା ଷ୍ଟିଲ ପ୍ରକଳ୍ପ ପାଟଣା ଠାରେ ସାକାର ହେବାକୁ ଯାଉଛି। ଜିଲ୍ଲାର ଆରାଧ୍ୟା ଦେବୀ ମା ତାରିଣୀଙ୍କ ମନ୍ଦିର ଉନ୍ନୟନ ପ୍ରକଳ୍ପ ପାଇଁ ୨୫୦ କୋଟି ଟଙ୍କାର ବ୍ୟୟ ଅଟକଳ ହୋଇ ଶିଳାନ୍ୟାସ ହୋଇ କାମ ଆରମ୍ଭ ହୋଇଛି। କେନ୍ଦୁଝର ସହରରେ ୪.୫୬ ଏକର ଜମିରେ ଓକାକ୍ ଦ୍ୱାରା ନିର୍ମିତ ହେବାକୁ ଯାଉଥିବା ଟେକ୍ ବିଜିନେସ୍ ପାର୍କ , ହିଣ୍ଡାଲକୋ ଦ୍ୱାରା କେନ୍ଦୁଝର ବଳଭଦ୍ରପୁର ଠାରେ ୧୦୦ କୋଟି ଟଙ୍କାର ଏକ ଟେକ୍ସଟାଇଲ୍ ପାର୍କ ପାଇଁ ମଧ୍ୟ ଶିଳାନ୍ୟାସ କରିଛନ୍ତି।ଏହାଛଡା ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁସାରେ କାନପୁର ଜଳସେଚନ ଜିଲ୍ଲା ରୂପେ ପ୍ରକଳ୍ପର ଅଗ୍ରଗତି ସରିବାକୁ ଯାଉଛି । ଏହା ଛଡା ଅନେକ ବଡ଼ ବଡ଼ କାର୍ଯ୍ୟ ଜିଲ୍ଲାରେ ଆଗେଇ ଚାଲିଥିଲାବେଳେ କେନ୍ଦୁଝର ଜିଲ୍ଲାକୁ ଏକ ଶ୍ରେଷ୍ଠ ଜିଲ୍ଲା ରୂପେ ଗଢ଼ିବା ପାଇଁ ମୁଖ୍ୟମନ୍ତ୍ରୀ ବଦ୍ଧପରିକର ବୋଲି ଶ୍ରୀ କୁଅଁର କହିଛନ୍ତି ।ତେଣୁ ଦଳମତ ନିର୍ବିଶେଷରେ ଆମ ଅଞ୍ଚଳର ସମସ୍ତ ଜନସାଧାରଣ ଦେଓଗାଁ ଠାରେ ମୁଖ୍ୟମନ୍ତ୍ରୀଙ୍କୁ ଆସନ୍ତା ୧୨ ତାରିଖ ୧୦ ଘଟିକା ସମୟରେ ଉପସ୍ଥିତ ରହି ସ୍ୱାଗତ କରିବାକୁ ଶ୍ରୀ କୁଅଁର ନିବେଦନ କରିଛନ୍ତି।

ସମ୍ବଲପୁର ନାନ୍ଦେଡ୍ ଓ ସମ୍ବଲପୁର ଏ ରୋଡ୍ ଏକ୍ସପ୍ରେସରେ ପ୍ରଥମ ଏସି କୋଚ୍ ବୃଦ୍ଧି

ସମ୍ବଲପୁର, ୮।୪ (ନିପ୍ର): ଯାତ୍ରୀଙ୍କ ବୃଦ୍ଧିଶୀଳ ଚାହିଦାକୁ ଦୃଷ୍ଟିରେ ରଖି ଓ ସୁବିଧାଜନକ ଯାତ୍ରା ପ୍ରଦାନ ପାଇଁ ଭାରତୀୟ ରେଳବେ ସମ୍ବଲପୁର–ନାନ୍ଦେଡ୍–ସମ୍ବଲପୁର ନାଗାବଳୀ ଏକ୍ସପ୍ରେସ ଏବଂ ସମ୍ବଲପୁର–ଏରୋଡ୍–ସମ୍ବଲପୁର ଏକ୍

ଅନୁଚିନ୍ତନ

ଭୁଲ୍ ସୁଧାର ଓ ଆଗକୁ ବଢ଼।
ଅତୀତ ସବୁବେଳେ ଏହି ଶିକ୍ଷା ଦେଇଥାଏ।

ସମ୍ପାଦକୀୟ

ଆସାମର 'ମାମା'

ତିନି ରାଜ୍ୟ ଆସାମ, କେରଳ, ପୁଡୁଚେରୀରେ ବିଧାନସଭା ନିର୍ବାଚନ ପରିପ୍ରେକ୍ଷୀରେ ବେଶ୍ ଚର୍ଚ୍ଚାରେ ରହିଛନ୍ତି ଆସାମର 'ମାମା'। ସୋସିଆଲ ମିଡ଼ିଆରେ ଭାରତର ମୋଷ୍ଟ ଫଲୋଡ୍ ମୁଖ୍ୟମନ୍ତ୍ରୀ ହେଉଛନ୍ତି ଆସାମର ହିମନ୍ତ ବିଶ୍ୱ ଶର୍ମା । ଆସାମରେ ସେ 'ମାମା' ଭାବେ ପରିଚିତ । ଏହି ମାମା ଟ୍ୟାଗ୍ ତାଙ୍କ ପଲିଟିକାଲ ବ୍ରାଣ୍ଡିଂର ଅଂଶ ହୋଇଯାଇଛି । ଏହି ନିକ୍‌ନେମ୍ ମଧ୍ୟ ତାଙ୍କର ଷ୍ଟ୍ରଙ୍ଗମ୍ୟାନ ଇମେଜକୁ ଶାନ୍ତ ଓ କୋମଳ କରିଦେଇଛି । ନିକଟରେ ନିର୍ବାଚନ ର୍ୟାଲିଗୁଡ଼ିକରେ ମହିଳା ଭୋଟରମାନେ ତାଙ୍କ ପ୍ରତି ଯେଭଳି ଆକର୍ଷିତ ହୋଇ ଆଶୀର୍ବାଦ ବର୍ଷା କରିଥିଲେ ତାହା ଦର୍ଶାଇ ଦେଇଛି ଯେ, ମହିଳାମାନଙ୍କ ମଧ୍ୟରେ ସେ କେତେ ପପୁଲାର । ରାଜ୍ୟରେ ଭୋଟରଙ୍କ ମଧ୍ୟରୁ ୫୦% ମହିଳା ଭୋଟର । ଏହାକୁ ନେଇ ହିମନ୍ତ କହିଛନ୍ତି, ମାଆ, ପିଲା, ବରିଷ୍ଠ ତଥା ସମସ୍ତଙ୍କର ସ୍ନେହ ଓ ଶ୍ରଦ୍ଧା ମିଳିବା ଦୀର୍ଘ ବର୍ଷର ପରିଶ୍ରମର ଫଳ । ହିମନ୍ତଙ୍କ କାର୍ଯ୍ୟଶୈଳୀ ଉପରେ ଦୀର୍ଘ ଦିନ ଧରି ନଜର ରଖିଥିବା ବିଶ୍ଳେଷକମାନେ କହନ୍ତି, କଠୋର ପରିଶ୍ରମ କରିବାକୁ ସେ କେବେ ପଛଘୁଞ୍ଚା ଦିଅନ୍ତିନାହିଁ, ଏଥିପାଇଁ ତାଙ୍କର ଖୁବ୍ ଦକ୍ଷତା ରହିଛି । ଜାଲୁକବାରି ହିମନ୍ତଙ୍କ ନିଜ ବିଧାନସଭା ନିର୍ବାଚନମଣ୍ଡଳୀ। ସେ ପାଞ୍ଚଥର ନିର୍ବାଚିତ ହୋଇଛନ୍ତି ଏହି ନିର୍ବାଚନମଣ୍ଡଳୀରୁ । ଏହି ଆସନରୁ ସେ ଏଥର ଲଗାତାର ଷଷ୍ଠଥର ପାଇଁ ବିଜୟୀ ହେବାକୁ ଆଶା ରଖିଛନ୍ତି। ସେ କହିଛନ୍ତି, ଏଥର ୮୫-୯୦% ଭୋଟରଙ୍କ ମତ ତାଙ୍କ ସପକ୍ଷରେ ଯିବ । ୨୦୨୧ ନିର୍ବାଚନରେ ସେ ଏଠାରୁ ବିପୁଳ ବିଜୟ ହାସଲ କରିଥିଲେ, ଭୋଟ୍ ଶେୟାର ଥିଲା ୭୭% । ଡିଲିମିଟେସନ ପରେ ଜାଲୁକବାରିରେ ଏଥର ସାମିଲ ହୋଇଛନ୍ତି ୪୦ ହଜାର ଅଧିକ ଭୋଟର ।

ସୋସିଆଲ ମିଡ଼ିଆରେ ଭାରତର ମୋଷ୍ଟ ଫଲୋଡ୍ ମୁଖ୍ୟମନ୍ତ୍ରୀ ହେଉଛନ୍ତି ଆସାମର ହିମନ୍ତ ବିଶ୍ୱ ଶର୍ମା । ଆସାମରେ ସେ 'ମାମା' ଭାବେ ପରିଚିତ । ଏହି ମାମା ଟ୍ୟାଗ୍ ତାଙ୍କ ପଲିଟିକାଲ ବ୍ରାଣ୍ଡିଂର ଅଂଶ ହୋଇଯାଇଛି ।

ଆସାମରେ ବିଧାନସଭା ଆସନ ସଂଖ୍ୟା ୧୨୬ । ଗତ ଦୁଇଟି ନିର୍ବାଚନରେ ଆସାମରେ ବିଜେପି ୬୦ ଆସନ ହାସଲ କରିଥିଲା । ଏଥର ହିମନ୍ତ ଆଶା କରିଛନ୍ତି, ବିଜେପି କେବଳ ମେଜରିଟି ମାର୍କ ୬୪ ଛୁଇଁବ ନାହିଁ, ବରଂ ଆହୁରି ଅଧିକ ଆସନରେ ବିଜୟ ବାନା ଉଡ଼ାଇବା ବିଜେପି ଏଥର ୧୦୩ ଆସନରେ ଜିତିବ ବୋଲି ସେ ନିଜେ ପ୍ରେଡ଼ିକ୍ଟ କରିଛନ୍ତି। ନିର୍ବାଚନରେ ତାଙ୍କର ସ୍ଲୋଗାନ ରହିଛି ଜାତି, ମାଟି, ଭେଟି (ହୋମ୍‌ଲ୍ୟାଣ୍ଡ)। ଆସାମରେ ଏହା ପ୍ରଥମ ନିର୍ବାଚନ ଯେଉଁଠି ବିଜେପି 'ବ୍ରାଣ୍ଡ ମାମା' ବା 'ବ୍ରାଣ୍ଡ ହିମନ୍ତ' ମାର୍କାରେ ଲଢୁଛି । ହିମନ୍ତ ମଧ୍ୟ ତାଙ୍କର ଏନ୍‌ଡ଼ିଏ ସାଥି ଏଜିପି, ବିପିଏଫ୍ ଓ ୟୁପିଏଲ୍ ସହ ସୁନ୍ଦର ତାଳମେଳ ରଖିଛନ୍ତି । ମୁଖ୍ୟମନ୍ତ୍ରୀ ଭାବେ ନିଜର ପ୍ରଥମ ଟର୍ମରେ ବହୁ ଜନହିତକର ଯୋଜନା ଲାଗୁ କରିଛନ୍ତି ହିମନ୍ତ। ଏହି ଯୋଜନାଗୁଡ଼ିକର ମଧ୍ୟରେ ରହିଛି ମହିଳାଙ୍କୁ ଆର୍ଥିକ ସହାୟତା, ଯୁବକଙ୍କୁ ସଶକ୍ତ କରିବା ପ୍ରୋଗ୍ରାମ, ବିଦ୍ୟାର୍ଥୀଙ୍କ ପାଇଁ ବୃତ୍ତି, ଉଦ୍ୟୋଗୀଙ୍କ ପାଇଁ ସବୁପ୍ରକାର ସାହାଯ୍ୟ ସହଯୋଗ, ଚା ବଗିଚା ୱାର୍କରଙ୍କ ପାଇଁ ସହାୟତା, ପୂଜା ସ୍ଥଳଗୁଡ଼ିକ ପାଇଁ ପାଣ୍ଠି ଆଦି। ସମାଜର ସବୁବର୍ଗଙ୍କୁ ସୁହାଇବା ଭଳି ଯୋଜନା କରିଛନ୍ତି ହିମନ୍ତ । ସେ କହିଛନ୍ତି, ଏସବୁ ଯୋଜନା ମାଗଣା ଦାନ ନୁହେଁ, ଏସବୁର ନିହାତି ଆବଶ୍ୟକ ଥିଲା । ଆସାମରେ ଏଯାବତ୍ ହୋଇଥିବା ନିର୍ବାଚନରେ ସର୍ବାଧିକ ଭୋଟରେ ବିଜୟୀ ହେବାର ରେକର୍ଡ଼ ରହିଛି ବିଜେପିର ଅତୁଲ ବୋରାଙ୍କ ନାମରେ। ୨୦୧୬ ନିର୍ବାଚନରେ ଅତୁଲ ବୋରା ଦିସପୁରରେ ୧,୩୦,୧୯୭ ଭୋଟ ବ୍ୟବଧାନରେ ଜିତିଥିଲେ, ଏହା ସର୍ବାଧିକ । କଂଗ୍ରେସ ପ୍ରାର୍ଥୀ ଅକୋନ ବୋରାଙ୍କୁ ମାତ୍ର ୬୮,୧୮୧ ଭୋଟ ମିଳିଥିଲା। ଆସାମ ନିର୍ବାଚନରେ ସବୁଠାରୁ କମ୍ ଭୋଟ୍ ମାର୍ଜିନରେ ଜିତିଥିଲେ ବିଜେପିର କିଶୋର ନାଥ, ମାତ୍ର ୪୨ ଭୋଟ ବ୍ୟବଧାନରେ । ବୋରଖୋଲା ଆସନରେ ୨୦୧୬ରେ ସେ ୩୬, ୪୮୨ ଭୋଟ ପାଇଥିବାବେଳେ ତାଙ୍କର ପ୍ରତିଦ୍ୱନ୍ଦ୍ୱୀ ମିସବାହୁଲ ଇସ୍‌ଲାମ ଲସ୍କର (ସ୍ୱାଧୀନ) ପାଇଥିଲେ ୩୬,୪୪୦ ଭୋଟ। ଆସାମ ନିର୍ବାଚନରେ ୩୯ ବର୍ଷ ଧରି ସବୁଠାରୁ ଲମ୍ବା ପାରି ଖେଳିଥିଲେ ଏଜିପିର ଫଣି ଭୂଷଣ ଚୌଧୁରୀ । ସେ ବଙ୍ଗାଇଗାଓଁ ଆସନର ପ୍ରତିନିଧିତ୍ୱ କରିଥିଲେ, ୧୯୮୫ରୁ ଜୁନ୍ ୨୦୨୪ରେ ଇସ୍ତଫା ଦେବା ଯାଏ ।

ବିକଳ୍ପ ଚିକିତ୍ସା ପଦ୍ଧତି-ଇଲେକ୍‌ଟ୍ରୋ ହୋମିଓପାଥିକ

ଡ. ଦିଲ୍ଲୀପ କୁମାର ଧାଉଡ଼ିଆ

ଇଲେକ୍‌ଟ୍ରୋ ହୋମିଓପାଥି ୧୮୬୫ ରେ ଡକ୍ଟର କାଉଣ୍ଟ ସିଜର ମାଟେଇଙ୍କ ଦ୍ୱାରା ଆବିଷ୍କାର କରାଯାଇଥିଲା। ସେ ଇଟାଲୀର ବୋଲୋନାର ରୋଟେଟାରେ ଜଣେ ପ୍ରସିଦ୍ଧ ଡାକ୍ତର। ଇଲେକ୍‌ଟ୍ରୋ ହୋମିଓପାଥି ହେଉଛି ଔଷଧୀୟ ଔଷଧର ଏକ ଉଦ୍ଭିଦ-ଆଧାରିତ ପଦ୍ଧତି। ଇଲେକ୍‌ଟ୍ରୋ ହୋମିଓପାଥି ଚିକିତ୍ସା ମାନବ ଶରୀରର ଲସିକା ଓ ରକ୍ତ ପ୍ରଣାଳୀକୁ ଶୁଦ୍ଧ କରିଥାଏ। ଇଲେକ୍‌ଟ୍ରୋ ହୋମିଓପାଥି ନାମ ଉଦ୍ଭିଦରୁ ନିଷ୍କାସିତ ବିଦ୍ୟୁତ୍-ଚୁମ୍ବକୀୟ ଶକ୍ତିରୁ ଉତ୍ପନ୍ନ ହୋଇଛି। ଇଲେକ୍‌ଟ୍ରୋ ହୋମିଓପାଥି ଏକ ଅନନ୍ୟ, ପ୍ରାକୃତିକ ଏବଂ ବୈଜ୍ଞାନିକ ଚିକିତ୍ସା ପ୍ରକ୍ରିୟା। ମାନବ ଶରୀର ସମ୍ପୂର୍ଣ୍ଣ ଭାବରେ ଦୁଇଟି ପ୍ରାଥମିକ ତରଳ, ଲସିକା ଓ ରକ୍ତରେ ଗଠିତ, ଏବଂ ସ୍ୱାସ୍ଥ୍ୟ ଓ ରୋଗ ଏହି ତରଳ ଉପରେ ନିର୍ଭର କରେ, ଯାହା ଉପରେ ଏହି ଚିକିତ୍ସା ପ୍ରକ୍ରିୟାର ନୀତି ଆଧାରିତ। ଯେହେତୁ ଉଦ୍ଭିଦଗୁଡ଼ିକ ସୂର୍ଯ୍ୟଙ୍କଠାରୁ ଶକ୍ତି ଗ୍ରହଣ କରନ୍ତି, ତେଣୁ ଉଦ୍ଭିଦର ଶରୀରରେ ବିଦ୍ୟୁତ୍ କିମ୍ବା ଶକ୍ତି ପରିଲକ୍ଷିତ ହୁଏ । ଏହା ପ୍ରମାଣ କରେ ଯେ କୌଣସି ଟିସୁ, କୌଣସି ଅଙ୍ଗ କିମ୍ବା କୌଣସି ଜୀବ ବିଦ୍ୟୁତ୍ ଶକ୍ତି ବିନା ଏହାର ବୈଧ କାର୍ଯ୍ୟ ପ୍ରକାଶ କରିପାରିବେ ନାହିଁ। ଏହା ବିଜ୍ଞାନର ଏକ ମୌଳିକ ଏବଂ ଅନନ୍ତ ନୀତି। ଜୀବନ୍ତ କୋଷଗୁଡ଼ିକ ଦ୍ୱାରା ବିଦ୍ୟୁତ ଶକ୍ତିର ଉତ୍ପାଦନ, ସଞ୍ଚାଳନ, ବ୍ୟବହାର ଏବଂ ମୁକ୍ତନ ଶରୀରର ମେଟାବୋଲିଜିମ୍ ପାଇଁ ଦାୟୀ। ଇଲେକ୍‌ଟ୍ରୋ ହୋମିଓପାଥି ଏହି ଶକ୍ତିକୁ ବ୍ୟବହାର କରି ଜୀବର ସମସ୍ତ ଘଟଣା, ସ୍ୱାସ୍ଥ୍ୟ ଏବଂ ରୋଗ ସୃଷ୍ଟିକାରୀ ସମସ୍ୟାର ଯୁକ୍ତିଯୁକ୍ତ ସମାଧାନ ବ୍ୟାଖ୍ୟା କରେ। ଇଲେକ୍‌ଟ୍ରୋ ହୋମିଓପାଥି ଯେପରିକି ଆପଣ ଜାଣନ୍ତି ଯେ ଭାରତରେ ଚାରୋଟି ଚିକିତ୍ସା ବିଜ୍ଞାନ ଅଛି ଯାହା ହେଉଛି ଏଲୋପାଥି, ଆୟୁର୍ବେଦ, ୟୁନାନି ଏବଂ ହୋମିଓପାଥି। ଏହି ରୋଗଗୁଡ଼ିକୁ ଭାରତ ସରକାରଙ୍କ ଦ୍ୱାରା ପୂର୍ବରୁ ସ୍ୱୀକୃତି ଦିଆଯାଇଛି। ୧୯୭୩ ମସିହାରେ ଭାରତରେ ହୋମିଓପାଥିକୁ ସ୍ୱୀକୃତି ଦିଆଯାଇଥିଲା। ଏବଂ ସେବେଠାରୁ ଏହି କେନ୍ଦ୍ରୀୟ ବୋର୍ଡର ପ୍ରୟାସରେ ହଜାର ହଜାର ଡାକ୍ତର ଏହି ନୂତନ ଚିକିତ୍ସା ବିଜ୍ଞାନରେ ତାଲିମ ପାଇ ବିଭିନ୍ନ ରାଜ୍ୟରେ ଅଭ୍ୟାସ କରୁଛନ୍ତି। ଏହା ୧୮୬୫ ମସିହାରେ ଡକ୍ଟର କାଉଣ୍ଟ ସିଜର ମ୍ୟାଟେଇ ଦ୍ୱାରା ଉଦ୍ଭାବିତ/ ପ୍ରତିଷ୍ଠିତ ହୋଇଥିଲା। ଡକ୍ଟର ମ୍ୟାଟେଇଙ୍କ ପ୍ରକୃତି ପ୍ରତି ବହୁତ ପ୍ରେମ ଥିଲା। ସେ ପ୍ରମାଣ କରିଥିଲେ ଯେ ମଣିଷ ପ୍ରକୃତିର ଉତ୍ପାଦ ଏବଂ ପ୍ରକୃତିର ନିୟମ ଉପରେ ଆଧାରିତ ଏକ ଚିକିତ୍ସା ବିଜ୍ଞାନ ହିଁ ଏହାର ସୃଷ୍ଟିକୁ ସଂରକ୍ଷଣ ଏବଂ ସୁରକ୍ଷା ଦେଇପାରିବ। ତେଣୁ ଇଲେକ୍‌ଟ୍ରୋପାଥି ପ୍ରଣାଳୀ ହେଉଛି ଚିକିତ୍ସାର ସବୁଠାରୁ ପ୍ରାକୃତିକ ଏବଂ ବୈଜ୍ଞାନିକ ପଦ୍ଧତି,ଯାହା ରୋଗୀର ସ୍ୱାସ୍ଥ୍ୟକୁ ଶୀଘ୍ର, ମୃଦୁ ଏବଂ ସ୍ଥାୟୀ ଭାବରେ ପୁନଃସ୍ଥାପିତ କରିବାରେ ସକ୍ଷମ କରିଥାଏ ।

ଇଲେକ୍‌ଟ୍ରୋପାଥି କିମ୍ବା ଇଲେକ୍‌ଟ୍ରୋ ହୋମିଓପାଥି ହେଉଛି ବିକଳ୍ପ ଚିକିତ୍ସା ପ୍ରଣାଳୀର ଏକ ଅବିଚ୍ଛେଦ୍ୟ ଅଂଶ। ଏହା ପ୍ରାକୃତିକ, ନିର୍ଦ୍ଦୋଷ, ସରଳ, ଅନନ୍ୟ, ବିଷାକ୍ତ, ମଦ୍ୟପାନମୁକ୍ତ ଏବଂ କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନାହିଁ। ଏହା ବ୍ୟତୀତ ଏହା ସମାଜର ସମସ୍ତ ବର୍ଗ ପାଇଁ ଶସ୍ତା ଏବଂ ସୁଲଭ।ଇଲେକ୍‌ଟ୍ରୋପାଥି ଉପଚାରଗୁଡ଼ିକ କୋହୋବେସନ ପଦ୍ଧତି ନାମକ ବୈଜ୍ଞାନିକ ପ୍ରକ୍ରିୟା ଦ୍ୱାରା ପ୍ରସ୍ତୁତ କରାଯାଏ, ଯାହାକୁ ଡକ୍ଟର ଥିଓଫ୍ରାଷ୍ଟସ୍ ଭନ୍ ହୋହେନହେମ୍ ପ୍ରଚଳନ କରିଥିଲେ ,ଯେଉଁଥିରେ ଔଷଧୀୟ ଉଦ୍ଭିଦରୁ ପ୍ରାପ୍ତ ସାର ଆକାରରେ ଉଦ୍ଭିଦଗୁଡ଼ିକର ଜୀବନ୍ତ ଶକ୍ତି ବ୍ୟବହାର କରାଯାଏ। ଏହି ଉପଚାରଗୁଡ଼ିକରେ ଲିମ୍ଫ୍ ଏବଂ ରକ୍ତକୁ ନିୟନ୍ତ୍ରଣ କରିବା ଏବଂ ସେମାନଙ୍କୁ ଶୁଦ୍ଧ ରଖିବା ପାଇଁ ସର୍ବାଧିକ ଚିକିତ୍ସା କ୍ଷମତା ଅଛି। ଇଲେକ୍‌ଟ୍ରୋ ହୋମିଓପାଥି ଶବ୍ଦଟି ତିନୋଟି ମୁଖ୍ୟ ଶବ୍ଦ ଯଥା ଇଲେକ୍‌ଟ୍ରୋ, ହୋମିଓ ଏବଂ ପ୍ୟାଥିର ମିଶ୍ରଣ। ଇଲେକ୍‌ଟ୍ରୋ ଅର୍ଥ ହେଉଛି, ଜୀବିତ ପ୍ରାଣୀରେ ଘଟିଥିବା ଯେକୌଣସି ବିଭ୍ରାଟ, ଶକ୍ତି ବିନିମୟ (ଔଷଧୀୟ ବଳ/ଅଡବଳ) ଦ୍ୱାରା ଶରୀରରୁ ବାହାର କରିଦିଆଯାଏ ଏବଂ ଶରୀରର ଜୈବିକ ଟିସୁଗୁଡ଼ିକୁ ଏହାର ପୂର୍ବ ସ୍ୱାସ୍ଥ୍ୟ ଅବସ୍ଥାକୁ ପଦ୍ଧତିଗତ ଭାବରେ ପୁନଃସ୍ଥାପିତ କରେ, ଯେପରିକି ସାମ୍ପିଧାନିକ ଭାବରେ ଏହାର ସ୍ନାୟୁ ପ୍ରଣାଳୀ ମାଧ୍ୟମରେ। ହୋମିଓ ଅର୍ଥ ହେଉଛି ରକ୍ତ ଏବଂ ଲସିକା ମଧ୍ୟରେ ସନ୍ତୁଳନ। ଅନ୍ୟ ଶବ୍ଦରେ, ହୋମିଓଷ୍ଟାସିସ୍ ଅର୍ଥ ହେଉଛି କୋଷର ଭୌତିକ ଏବଂ ରାସାୟନିକ ସ୍ଥିରତା। ଏହା କୋଷରୁ କୋଷ, ଟିସୁରୁ ଟିସୁ ମଧ୍ୟରେ ଆନ୍ତଃସଂଯୁକ୍ତ, ଅର୍ଥାତ୍ ପ୍ରତ୍ୟେକ କୋଷ ପରସ୍ପର ସହିତ ଜଡିତ ଯଦି ସେମାନଙ୍କର ଆନ୍ତଃସଂବନ୍ଧ ନିୟମିତ ଭାବରେ ହୁଏ ତେବେ ସେହି ଅବସ୍ଥା ସୁସ୍ଥ ଅବସ୍ଥା। ତେଣୁ, ହୋମିଓଷ୍ଟାସିସ୍ ଅର୍ଥ ହେଉଛି ଶରୀରକୁ ସ୍ଥିର ଅବସ୍ଥାରେ ରଖିବା। ପାଥି: ପାଥି ଅର୍ଥ ଚିକିତ୍ସା ପ୍ରଣାଳୀ। ସଂକ୍ଷେପରେ ଇଲେକ୍‌ଟ୍ରୋ ହୋମିଓପାଥି ଏକ ନୂତନ ଔଷଧ ପ୍ରଣାଳୀ ଯାହା ଦ୍ୱାରା ରୋଗୀଙ୍କ ଲିମ୍ଫ ଏବଂ ରକ୍ତ ମଧ୍ୟରେ ହୋମିଓଷ୍ଟାସିସ୍ ବିଦ୍ୟୁତୀକରଣ ହୁଏ। ଇଲେକ୍‌ଟ୍ରୋପାଥିର ଅନନ୍ୟ ଗୁଣ ଏବଂ ସୁବିଧା: ଏହା ବିଶ୍ୱାସ କରେ ଯେ ସମ୍ପୂର୍ଣ୍ଣ ଶରୀର ପ୍ରଣାଳୀର ଚିକିତ୍ସା ହେଉଛି ସ୍ଥାୟୀ ଆରୋଗ୍ୟ। ଏହା ଅଙ୍ଗ ନିର୍ଦ୍ଦିଷ୍ଟ ଚିକିତ୍ସାରେ ବିଶ୍ୱାସ କରେ ନାହିଁ। ଧ୍ରୁବିତା ଏବଂ ସମାନତାର ନିୟମ ଉପରେ ଆଧାରିତ ହୋଇଥିବାରୁ ଆଣ୍ଟିଡୋଟ୍ ଆବଶ୍ୟକ ନାହିଁ। କୌଣସି ବିଷ ବ୍ୟବହାର କରାଯାଏ ନାହିଁ। ଏହା ଶସ୍ତା।ଭୁଲରେ ଅଧିକ ମାତ୍ରାରେ କୌଣସି କ୍ଷତି ହୁଏ ନାହିଁ। ଯେକୌଣସି ଅସ୍ୱସ୍ଥି ସହଜରେ ଏବଂ ଶୀଘ୍ର ସଂଶୋଧନ/ ନିୟନ୍ତ୍ରିତ ହୋଇପାରିବ। ପ୍ୟାକିଂରେ ବହୁତ କମ୍ ସ୍ଥାନ ଅଧିକାର କରେ। ସମୟ ବିତିବା ସହିତ ଗ୍ଲୋବ୍ୟୁଲ୍ସ ଖରାପ ହୁଏ ନାହିଁ। ଚୂର୍ଣ୍ଣ ହୋଇଥିବା ସତେଜ ଉଦ୍ଭିଦ ଇଲେକ୍‌ଟ୍ରୋ ହୋମିଓପାଥି ଔଷଧର ମୌଳିକ ଉତ୍ପାଦ ଗଠନ କରେ ଏବଂ ପ୍ରସ୍ତୁତିର ଅସାଧାରଣ ଉତ୍କୃଷ୍ଟ ସ୍ୱାଗିରିକ ପଦ୍ଧତି ଏହିପରି ପ୍ରାପ୍ତ ସାରରେ ସଂରକ୍ଷିତ ଉଦ୍ଭିଦର ଗୁରୁତ୍ୱପୂର୍ଣ୍ଣ ରେଡିଓଆକ୍ଟିଭ୍ ଶକ୍ତିକୁ ସଂରକ୍ଷଣ କରେ। ଇଲେକ୍‌ଟ୍ରୋପାଥି ଔଷଧଗୁଡ଼ିକ ଚୁମ୍ବକ୍ ପ୍ରାକୃତିକ, ବୈଜ୍ଞାନିକ, ଅଣ-ବିଷାକ୍ତ, କ୍ଷତିକାରକ ଏବଂ ମାନବ ଶରୀର ଉପରେ କୌଣସି ପାର୍ଶ୍ୱ ପ୍ରତିକ୍ରିୟା ବିନା। ବିଭିନ୍ନ ଉପାୟରେ ଇଲେକ୍‌ଟ୍ରୋପାଥି ଉପଚାର ଆଇନ ଏମାନେ ପାଚନ ଶକ୍ତିକୁ ଉନ୍ନତ କରନ୍ତି ଏବଂ ଲସିକା ଏବଂ ରକ୍ତକୁ ଆବଶ୍ୟକୀୟ ଉପାଦାନ ଯୋଗାଣକୁ ସହଜ କରନ୍ତି। ଏମାନେ ଶରୀରର ଟିସୁଗୁଡ଼ିକ ଯେଉଁ କୋଷଗୁଡ଼ିକରୁ ନିର୍ମିତ ହୁଏ ତାହାର ସୁସ୍ଥତା ବୃଦ୍ଧି କରନ୍ତି। ଏମାନେ ମସ୍ତିଷ୍କ ଏବଂ ସେହି ଜଟିଳ ଏବଂ ଆଶ୍ଚର୍ଯ୍ୟଜନକ ସ୍ନାୟୁ ପ୍ରଣାଳୀର ଅନ୍ୟ ଅଂଶଗୁଡ଼ିକୁ ସ୍ୱର ଏବଂ ପୁଷ୍ଟିକରତା ଦିଅନ୍ତି ଯାହା ଦ୍ୱାରା ସମସ୍ତ ରୋଗ ସ୍ଥାୟୀ ଭାବରେ ସୁସ୍ଥ ହୁଏ। ଏମାନେ ଶରୀର ସ୍ୱାସ୍ଥ୍ୟରେ ବାଧା ସୃଷ୍ଟି କରୁଥିବା ରୋଗଗ୍ରସ୍ତ ଏବଂ ଅନାବଶ୍ୟକ ଉପାଦାନଗୁଡ଼ିକୁ ଚର୍ମ ଏବଂ ଅନ୍ୟାନ୍ୟ ମାଧ୍ୟମରେ ସିଷ୍ଟମରୁ ଅପସାରଣକୁ ପ୍ରୋତ୍ସାହିତ କରନ୍ତି। ଇଲେକ୍‌ଟ୍ରୋ ହୋମିଓପାଥିର ସପକ୍ଷରେ ଆଇନଗତ ସ୍ଥିତି ଇଲେକ୍‌ଟ୍ରୋ ହୋମିଓପାଥି ଚିକିତ୍ସକଙ୍କ ଅଧିକାର ଭାରତର ସମ୍ବିଧାନର ଧାରା ୧୯(୧)(g) ଅନୁଯାୟୀ ସୁରକ୍ଷିତ। ଯେହେତୁ ଇଲେକ୍‌ଟ୍ରୋପାଥି ପ୍ରୋତ୍ସାହନ, ବିକାଶ ଏବଂ ଗବେଷଣା ଲକ୍ଷ୍ୟରେ କାମ କରୁଛି ଏବଂ ଏହି ପର୍ଯ୍ୟାୟରେ, ସଂସଦ ଦ୍ୱାରା କୌଣସି ଆଇନ ପ୍ରଣୟନ କରାଯାଇ ନାହିଁ। ତେଣୁ ଏହା କେନ୍ଦ୍ର/ରାଜ୍ୟ ସରକାରଙ୍କ ଚିକିତ୍ସା ଆଇନ ମଧ୍ୟରୁ କୌଣସିଟିର ପୂର୍ବାବଲୋକନ ଅଧୀନରେ ଆସୁନାହିଁ। ସମସ୍ତ ସ୍ୱୀକୃତିପ୍ରାପ୍ତ ଚିକିତ୍ସା ପ୍ରଣାଳୀ ସଂସଦର ନିର୍ଦ୍ଦିଷ୍ଟ ଆଇନ ଅନୁଯାୟୀ ସ୍ୱୀକୃତିପ୍ରାପ୍ତ ହୋଇଥିଲା।

ଉଦାହରଣ ସ୍ୱରୂପ: ଆଇନ ଅନୁଯାୟୀ ଚିକିତ୍ସା ବିଜ୍ଞାନ ସ୍ୱୀକୃତି ଆଲୋପାଥି (ପଶ୍ଚିମ ଚିକିତ୍ସା ପ୍ରଣାଳୀ) ଭାରତୀୟ ଚିକିତ୍ସା ଡିଗ୍ରୀ ଆଇନ (M.C.I. ଆଇନ ୧୯୧୬ କିମ୍ବା ଭାରତ ଚିକିତ୍ସା ପରିଷଦ ଆଇନ, ୧୯୫୬ ଅଧୀନରେ)

ଆୟୁର୍ବେଦ ଏବଂ ୟୁନାନି ଭାରତୀୟ ଔଷଧ ପ୍ରଣାଳୀ (ISM) ଆଇନ, ୧୯୭୦ ହୋମିଓପାଥି କେନ୍ଦ୍ରୀୟ ହୋମିଓପାଥି ପରିଷଦ ଆଇନ, ୧୯୭୩ ଏହି ଚାରୋଟି ଚିକିତ୍ସା ପ୍ରଣାଳୀକୁ ମଧ୍ୟ ସ୍ୱୀକୃତି ପାଇବା ପାଇଁ ଦୀର୍ଘ ସମୟ ଧରି ସଂଘର୍ଷ କରିବାକୁ ପଡିଥିଲା। ଏହି ସମୟ ମଧ୍ୟରେ ଏହି ପ୍ରଣାଳୀଗୁଡ଼ିକ ବୃତ୍ତିଗତ ଏବଂ ବୈଜ୍ଞାନିକ ଭାବରେ ବିକଶିତ ହୋଇଥିଲେ ଏବଂ ସରକାରଙ୍କ ଦ୍ୱାରା ଗ୍ରହଣ କରାଯିବା ପୂର୍ବରୁ ସେମାନେ ଅନେକ ବର୍ଷ ପର୍ଯ୍ୟନ୍ତ ରୋଗୀଙ୍କୁ ଚିକିତ୍ସା/ ସହାୟତା ପ୍ରଦାନ କରି ଚାଲିଥିଲେ। ପ୍ରକୃତରେ, ଏହି ଚିକିତ୍ସା ପ୍ରଣାଳୀଗୁଡ଼ିକୁ ସରକାରଙ୍କଠାରୁ ଗୋଟିଏ ପରେ ଗୋଟିଏ ସ୍ୱୀକୃତି ମିଳିଥିଲା ଅର୍ଥାତ ଯେତେବେଳେ ଅନ୍ୟମାନେ ସ୍ୱୀକୃତି ପାଉଥିଲେ ! ଇଲେକ୍‌ଟ୍ରୋ ହୋମିଓପାଥି

ସ୍ୱାଗତ ସାରା ଦେଶରେ, ଆଜି ପରିପୂରକ ଏବଂ ପାରମ୍ପରିକ ଔଷଧ ପ୍ରଣାଳୀରେ ଏକ କ୍ୟାରିଅରର ବହୁତ ଚାହିଦା ଅଛି।

ଡେଲାଙ୍ଗ, ପୁରୀ, ଓଡ଼ିଶା

ସମୟ ଗଣନାର ଆଦିସ୍ଥଳୀ ଭାରତ !

ରାଜେଶ୍ ରାୟ

ଭାରତ କେବଳ ଆଧ୍ୟାତ୍ମିକତା ଏବଂ ସଂସ୍କୃତିର ଗନ୍ତାଘର ନୁହେଁ ବରଂ ବିଶ୍ୱ ଐତିହ୍ୟର ମୂକସାକ୍ଷୀ । ଏକଥା କହିବାର କାରଣ ବର୍ତ୍ତମାନ ଭାରତର ମଧ୍ୟପ୍ରଦେଶରେ ଥିବା ଉଜ୍ଜୈନ ସହରକୁ ସମୟ ଗଣନାର ଆଦି ସ୍ଥଳୀ ଭାବେ ପରିଗଣିତ କରିବାକୁ ଦାବି କରିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଉଜ୍ଜୈନରେ ବିରାଜିତ ପ୍ରଭୁ ଶ୍ରୀ ମହାକାଳେଶ୍ୱର ହେଉଛନ୍ତି ସମୟର ସାକ୍ଷାତ ସ୍ୱରୂପ । ମହାକାଳ ଅର୍ଥ ସମୟର ରାଜା । ଭୌଗୋଳିକ ଦୃଷ୍ଟି କୋଣରୁ ଦେଖିଲେ ଉଜ୍ଜୈନ ସହର ପୃଥିବୀର ବିଷୁବ ରେଖା ଏବଂ କର୍କଟ କ୍ରାନ୍ତିର ମଧ୍ୟ ଭାଗରେ ଅବସ୍ଥିତ। ବର୍ତ୍ତମାନ ଆମେ ଭାରତୀୟ ମାନକ ସମୟ (IST) ଅନୁଯାୟୀ ସମୟ ଗଣନା କରୁଛେ, ଯାହା ଗ୍ରୀନୱିଚ ମାନକ ସମୟକ (GST)କୁ ଦେଖି ନିର୍ଦ୍ଧାରଣ କରାଯାଇଛି । ପୂର୍ବରୁ ଲୋକମାନେ ସୂର୍ଯ୍ୟଙ୍କ ଗତି ଓ ଗ୍ରହ ନକ୍ଷତ୍ରଙ୍କ ଚଳନି ଅନୁଯାୟୀ ସମୟକୁ ନିର୍ଦ୍ଧାରଣ କରୁଥିଲେ । ବ୍ରିଟିଶ ଶାସନ କାଳରେ ଭାରତର କୌଣସି ନିର୍ଦ୍ଦିଷ୍ଟ ଏକକ ସମୟ ନଥିଲା । ଭିନ୍ନ ଭିନ୍ନ ସହର ଅନୁଯାୟୀ ସମୟ ଗଣନା କରାଯାଉଥିଲା ଯଥା ବମ୍ବେ ସମୟ, କଲିକତା ସମୟ, ମାଡ୍ରାସ ସମୟ ଇତ୍ୟାଦି । ଏହା ଯୋଗୁ ରେଳ, ଟେଲିଗ୍ରାଫ୍‌ଠାରୁ ଆରମ୍ଭକରି ପ୍ରଶାସନିକ ବ୍ୟବସ୍ଥା ଯାଏ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିଲେ । ୧୮୮୪ ମସିହାରେ ଆମେରିକାର ୱାସିଂଟନ ଡିସି ଠାରେ ଆୟୋ

ଗ୍ରାହକଙ୍କୁ ଲୁଟୁଛନ୍ତି ନକଲିବ୍ରାଣ୍ଡ ପାଣି ପ୍ରସ୍ତୁତକାରୀ ବ୍ୟବସାୟୀ: ପ୍ରଶାସନ ନିଷ୍କ୍ରିୟ

ହିଞ୍ଜିଳିକାଟୁ,୮।୪(ନି.ପ୍ର): ଗଞ୍ଜାମ ଜିଲ୍ଲାର ପ୍ରଥମ ପୌର ପରିଷଦ ଭାବେ ମାନ୍ୟତା ପାଇଛି ହିଞ୍ଜିଳିକାଟୁ । ହିଞ୍ଜିଳିକାଟୁ ସହର ଗତ ୨ ଦଶନ୍ଧି ଧରି ଉଭୟ ରାଜନୈତିକ ଓ ଉନ୍ନୟନ କ୍ଷେତ୍ରରେ ଚର୍ଚ୍ଚାର ପ୍ରମୁଖ କେନ୍ଦ୍ରବିନ୍ଦୁ ପାଲଟିଛି। ସହରର କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ସହିତ ଭୌଗୋଳିକ କଳେବର ଅନୁଯାୟୀ ବ୍ୟବସାୟିକ ପ୍ରତିଷ୍ଠାନ ସଂଖ୍ୟା ବି ଆଶାତୀତ ଭାବେ ବୃଦ୍ଧି ପାଇଛି। ଏସବୁ ସତ୍ତ୍ୱେ ଔଷଧପତ୍ର, ଖାଦ୍ୟ ପଦାର୍ଥ ଓ ବିଶୁଦ୍ଧ ପାନୀୟ ଜଳ ଆଦି ଅତ୍ୟାବଶ୍ୟକ ସେବାରେ ଅନ୍ତର୍ଭୁକ୍ତ ଥିବା ବେଳେ ଏଠାରେ ଦିନକୁ ଦିନ ବଢ଼ି ଚାଲିଛି ନକଲି ବ୍ରାଣ୍ଡର ପାଣି ବୋତଲ ବିକ୍ରିର ଅବାଧ କାରବାର।

ସହରର ମୁଖ୍ୟ ରାସ୍ତାକଡ଼ ସମେତ ବିଭିନ୍ନ ଗଳି କନ୍ଦିରେ ଥିବା ଚା ପାନ ଦୋକାନ, ଜଳଖିଆ ଦୋକାନ, ହୋଟେଲ, ରେଷ୍ଟୁରାଣ୍ଟ ଓ ଫାଷ୍ଟ ଫୁଡ଼ ଦୋକାନ ଓ ମୁହୁ ପାନୀୟ ଦୋକାନ ଗୁଡିକରେ ବହୁଳ ଭାବରେ ନକଲି ବ୍ରାଣ୍ଡର ପାଣି ବୋତଲ ଖୁଲମଖୁଲା ଉପଲବ୍ଧ ହେଉଛି। ସ୍ଥାନୀୟ ସହରରେ କିଛି ସାହି ବସ୍ତିରେ ଗତ କିଛି ଦିନ ଧରି ନକଲୀ ବ୍ରାଣ୍ଡର ପାଣି ପ୍ରସ୍ତୁତି ଫ୍ୟାକ୍ଟ୍ରି ମୁଣ୍ଡ ଟେକିଛି। ଭିତ୍ତିଭୂମି ଏବଂ ଆବଶ୍ୟକୀୟ ଓ ବୈଧତା କାଗଜପତ୍ର ନଥାଇ ମଧ୍ୟ ବହୁଳ ମାତ୍ରାରେ ନକଲି ବ୍ରାଣ୍ଡର ପାଣି ବୋତଲ ବିକ୍ରି ହେଉଥିବା ଦେଖାଯାଇଛି। ବିଭିନ୍ନ ଗାଁ ଗଣ୍ଡାରେ ମଧ୍ୟ ଏଭଳି ନକଲି ବ୍ରାଣ୍ଡର ପାଣି ବୋତଲ ସହ ନିଷିଦ୍ଧ ହୋଇଥିବା ପାଣି ପାଉଚ ମଧ୍ୟ ସୁବିଧା ଓ ସହଜରେ ହାତ ପାହାନ୍ତାରେ ଉପଲବ୍ଧ ହେଉଛି। ଏସବୁ ପାଣି ବୋତଲ ଯେ କେତେ ଅସଲି କିମ୍ବା ନକଲି ତାର ଗୁଣାତ୍ମକ ମାନ ଜାଣି ପାରୁ ନାହାନ୍ତି। ହିଞ୍ଜିଳି ଥାନା ଅଞ୍ଚଳରେ କିଛି ହାତ ଗଣତି ପାଣି ପ୍ରସ୍ତୁତକାରୀ ଫ୍ୟାକ୍ଟ୍ରି ଗ୍ରାହକ ଲାଗି ସଚେତନ ଓ ସତର୍କତା ପୂର୍ବକ ବିଶୁଦ୍ଧ ଓ ଗୁଣବତ୍ତା ପାଣି ପ୍ରସ୍ତୁତ କରୁଥିବା ବେଆଇନ ଭାବେ ଏବେ ଛତୁ ଫୁଟିଲା ଭଳି ମାଳ ମାଳ ନକଲି ପାଣି ବୋତଲ ପ୍ରସ୍ତୁତକାରୀ ବ୍ୟବସାୟୀ ମୁଣ୍ଡ ଟେକି ଥିବା ଜଣାପଡିଛି। ପ୍ରଶାସନର ତଳିଆ କର୍ମଚାରୀ ଠାରୁ ଆରମ୍ଭ କରି ଉପର ହାକିମ ଯାଏଁ ସବୁ ଜାଣି ନ ଜାଣିଲା ଭଳି ଅଭିନୟ କରୁଥିବା ଚର୍ଚ୍ଚା ହେଉଛି। ସାଧାରଣ ଲୋକଙ୍କ ହିତ ଦୃଷ୍ଟିରୁ ଜିଲ୍ଲା ଓ ସ୍ଥାନୀୟ ପ୍ରଶାସନ ଏଭଳି ସମ୍ବେଦନଶୀଳ ପ୍ରସଙ୍ଗ ଉପରେ ଧ୍ୟାନ ଦେବାର ଜରୁରୀ ଆବଶ୍ୟକତା ରହିଛି ବୋଲି ସାଧାରଣରେ ଦାବି ଉଠିଛି।

ପୋଖରୀ, ପୁନରୁଦ୍ଧାର ଓ ପାଣି ସମସ୍ୟା ଦୂର କରିବାକୁ ଗ୍ରାମବାସୀଙ୍କ ଦାବି

ଝରିଗାଁ,୮।୪(ନି.ପ୍ର): ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ ପାଲିଆ ପଞ୍ଚାୟତ ବେଲଝରି ଗ୍ରାମରେ ଲାଗି ରହିଛି ଜଳ ସମସ୍ୟା । ଗ୍ରାମରେ ବସବାସ କରନ୍ତି ପ୍ରାୟ ୬୦୦ରୁ ଉର୍ଦ୍ଧ ଜନସଂଖ୍ୟା। ପାନୀୟଜଳ ପାଇଁ ରହିଛି ବସୁଧା ପ୍ରକଳ୍ପ। ଏବଂ ଗ୍ରାମରେ ରହିଛି ୫ଟି ନଳକୂପ । କିନ୍ତୁ ଗ୍ରାମରେ ରହିଥିବା ପୋଖରୀରେ ପାଣିର ଘୋର ଅଭାବ ଦେଖାଦେଇଛି। ଗ୍ରାମବାସୀଙ୍କ ଅଭିଯୋଗ ପ୍ରକାରେ ୧୫ ଲକ୍ଷ ଟଙ୍କା ବ୍ୟୟରେ ପୋଖରୀ ଖନନ କରାଯାଇଥିଲା କିନ୍ତୁ ପୋଖରୀରେ ଜଳ ମାତ୍ରା ବହୁ କମ ପରିମାଣରେ ରହିଛି। ଅଦିନିଆ ବର୍ଷାରେ ପ୍ରାୟ ଫୁଟେରୁ କମ୍ ରହିଛି ଜଳସ୍ତର। ଯାହାଫଳରେ ଗ୍ରାମର ଗୃହପାଳିତ ପଶୁଙ୍କ ପାଇଁ ଆବଶ୍ୟକ ଜଳ ମିଳୁନାହିଁ। ସେହିପରି ଗ୍ରାମବାସୀଙ୍କ ନିତ୍ୟକର୍ମ ଓ ଲୁଗାପଟା ସଫା କରିବା ଏବଂ ଗୃହପାଳିତ ପଶୁଙ୍କ ପିଇବା ପାଣି ସହ ସେମାନଙ୍କ ଶୌଚ କରିବା ସମ୍ଭବ ହେଉନାହିଁ। ଅନାବନା ଘାସ ଲତା ବୁଦା, ଶିଉଳି ଭର୍ତ୍ତି ହୋଇ ଅପରିଷ୍କାର ରହିଛି ପୋଖରୀ। ବେଲଝରୀ

ଗ୍ରାମରେ ପଞ୍ଚାୟତ ପ୍ରଶାସନ ପକ୍ଷରୁ ପଲ୍ଲୀସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସହ ପୋଖରୀ ପୁନଉଦ୍ଧାର କରିବା ନେଇ ନିଷ୍ପତ୍ତି ଗ୍ରହଣ କରାଯାଇଛି। ପୋଖରୀ ପ୍ରସଙ୍ଗରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ନବୀନ ଚନ୍ଦ୍ର ପଟ୍ଟନାୟକ ଚଳିତ ବର୍ଷ ସମୟ ସରି ଆସୁଥିବାରୁ ଆସନ୍ତା ବର୍ଷ ସୁନିଶ୍ଚିତ ଭାବେ ପୋଖରୀର ପୁନରୁଦ୍ଧାର କରିବାକୁ ଅନୁଷ୍ଠିତ ପଲ୍ଲୀ ସଭାରେ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ ପୋଖରୀ ଖନନ ପାଇଁ ଖର୍ଚ୍ଚ ହୋଇଥିବା ଅର୍ଥ କୌଣସି କାମରେ ଆସୁନି। ପୋଖରୀର ପୁନରୁଦ୍ଧାର କରି ଜଳ ଧାରଣ କ୍ଷମତା ବୃଦ୍ଧି କରିବାକୁ ସାରଥୀ ଜାନି ବସନ୍ତ ପୂଜାରୀ, ବାବୁଲା ଖାନ, ଲଛିମ ଗୌଡ଼, ମୁରା ଜାନି, ଡମ୍ବରୁ ସନ୍ତା ପ୍ରମୁଖ ଗ୍ରାମବାସୀ ଦାବି କରିଛନ୍ତି। ଏହି ପୋଖରୀ ଉପରେ ବେଲଝରୀ ଓ ମେର୍ଦ୍ଧାନଗୁଡ଼ା ଗ୍ରାମବାସୀ ସେମାନଙ୍କ ଗାଈ ଗୋରୁ ମଇଁଷି ଛେଳି ମେଣ୍ଢାଙ୍କ ପାଇଁ ଏହି ପୋଖରୀ ଉପରେ ନିର୍ଭର କରି ଆସୁଛନ୍ତି। ଏହି ଦୁଇ ଗାଁ ଲୋକେ ଗ୍ରୀଷ୍ମଋତୁରେ ଅନ୍ୟତ୍ର ଜଳଉତ୍ସ ଥିବା ନଦୀ ପୋଖରୀ ନାଳ ଝରଣା ପାଣି ପାଇଁ ଦୁରବାଟ ଯିବାକୁ ପଡୁଛି। ତେଣୁ ଦୁଇ ଗାଁ ଲୋକେ ଗ୍ରୀଷ୍ମଋତୁରେ ଜଳ ସଙ୍କଟ ସମସ୍ୟା ଭୋଗୀ ଆସୁଛନ୍ତି। ପ୍ରଶାସନ ଏହାକୁ ଦୃଷ୍ଟିରେ ରହି ଗ୍ରାମରେ ଆହୁରି ଏକାଧିକ ନୂତନ ନଳକୂପ ଖୋଲାଗଲେ କିଛି ମାତ୍ରରେ ପାଣି ଦୂର ହୋଇପାରନ୍ତା ବୋଲି ଗ୍ରାମବାସୀ କହିଛନ୍ତି। ସବୁଧା ପ୍ରକଳ୍ପରେ ଛଡ଼ା ଯାଉଥିବା ପାଣି ଗୋଟେ ଓଳି ଛଡ଼ା ଯାଉଥିବାରୁ ପାଣି ନିଅଣ୍ଟ ହେଉଛି ସକାଳ ଓ ସନ୍ଧ୍ୟାରେ ପାଣି କାର୍ଯ୍ୟକ୍ଷମ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।

ପିପୁଲ୍ସ କଲେଜରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ବୁଗୁଡ଼ା,୮।୪(ନି.ପ୍ର): ସ୍ଥାନୀୟ ପିପୁଲ୍ସ କଲେଜ ପରିସରରେ ୟୁଥ୍ ରେଡ୍ କ୍ରସ୍ ଓ ରେଡ୍ ରିବନ୍ କ୍ଲବ ୟୁନିଟ୍ ପକ୍ଷରୁ ଭାରତ ସ୍କାଉଟ ଏଣ୍ଡ୍ ଗାଇଡ୍ ୟୁନିଟ୍ ସହଯୋଗରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ପକ୍ଷ ପାଳନ ଅବସରରେ ଆୟୋଜିତ ଉକ୍ତ ଶିବିରକୁ କଲେଜ ଅଧ୍ୟକ୍ଷ ଡ.ପୁରୁଷୋତ୍ତମ ମିଶ୍ର ଉଦଘାଟନ କରିଥିବା ବେଳେ ଏଥିରେ ଉପାଧ୍ୟକ୍ଷ ହରିକୃଷ୍ଣ ନାୟକ, ଅଧ୍ୟାପକ ପ୍ରଦୀପ କୁମାର ଦାଶ ଓ ସଞ୍ଜୟ କୁମାର ପ୍ରଧାନ ଯୋଗ ଦେଇ ସ୍ୱେଚ୍ଛାକୃତ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଏହି ଶିବିର ଅବସରରେ କଲେଜ ଛାତ୍ରଛାତ୍ରୀଙ୍କ ସମେତ ଅନ୍ୟାନ୍ୟ ବ୍ୟକ୍ତିଗଣ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲା ବେଳେ ଭଞ୍ଜନଗର ବ୍ଲଡ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଦ୍ୱାରା ୪୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲାଛ ଅନ୍ୟପକ୍ଷରେ ୱାଇଆରସି କୋଅର୍ଡିନେଟର ଅଧ୍ୟାପକ ପବିତ୍ର ଖଣ୍ଡୁଆଳ ଏହି ଶିବିରକୁ ପରିଚାଳନା କରିଥିବା ବେଳେ ଭାରତ ସ୍କାଉଟ ଏଣ୍ଡ୍ ଗାଇଡ୍ ୟୁନିଟର ରୋଭର ଲିଡର ଅଧ୍ୟାପକ ଆତ୍ମପ୍ରକାଶ ନାୟକଙ୍କ ସମେତ ୱାଇଆରସି ଭଲ୍ୟୁଣ୍ଟରସ୍ ଏଥିରେ ସକ୍ରିୟ ସହଯୋଗ କରିଥିଲେ।

ପଦାରେ ପଡିଲା ଚୋରା ଖଣି ମାଫିଆଙ୍କର କଳା କାରନାମା

ହିନ୍ଦୋଳ,୮।୪(ନି.ପ୍ର): ଢେଙ୍କାନାଳ ଜିଲ୍ଲା ରେ ଅନେକ ଚୋରା ଖଣି ଖାଦାନ ରହିଛି। ସେହି ସବୁ ଖଣି ଖାଦାନର କୋଟି କୋଟି ଟଙ୍କା ର ରାଜସ୍ୱ ସରକାରୀ ଖାତାକୁ ନଯାଇ ଖଣି ମାଫିଆ ଓ କିଛି ଅସାଧୁ ପୋଲିସ ଓ ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀଙ୍କୁ ପକେଟକୁ ଯାଉଥିବା ସାଧାରଣରେ ଆଲୋଚିତ ହେଉଛିଛ ଯେଉଁ ମାନେ ସରକାରୀ ରାଜସ୍ୟ ପଇଠ କରି ଖଣି ଲିଜ ନେଇ ପଥର ସଂଗ୍ରହ କରିଥାନ୍ତି ସେମାନେ କ୍ଷତିଗ୍ରସ୍ତ ହେଉଥିବା ଅଭିଯୋଗ ହେଉଛି। ଖବର ନେବାରେ ଜଣାଗଲା ଯେ ସଂଜୟ କୁମାର ଘୋଷ ନାମକ ବ୍ୟକ୍ତି ହିନ୍ଦୋଳ ତହସିଲ ଅନ୍ତର୍ଗତ ବ୍ରହ୍ମପୁର ଗ୍ରାମ ରେ ଏକ ପଥର ଖଣି ପାଞ୍ଚ ବର୍ଷ ପାଇଁ ଲିଜ ନେଇଛନ୍ତି। ଯାହାର ପ୍ରଶାସନିକ ଅନୁମତି ନଂ ୧୦୦୬ /୨୦୨୨– ୨୩ ଅଟେ କିନ୍ତୁ ଜିପିଏସ୍ ଫଟୋ ରେ ଦୁଇଟି ଖଣି ରହିଥିବା ଜଣାପଡିବା ପରେ ବିଭାଗୀୟ ଅଧିକାରୀ ଲିଜ୍ ଧାରିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ନୋଟିସ ଜାରି କରି ପରେ ଲିଜ୍ ଧାରି ଚୋରା ଖଣି ସୂଚନା ପ୍ରଦାନ କରିବା ପରେ ଖଣି ମାଫିଆ ନିଜର କଳା କାରନାମାକୁ ଘଣ୍ଟ ଘୋଡାଇ ପାଇଁ ଖଣି ଭିତରେ ଥିବା ଗୋଟିଏ ହିଟାଜିରେ ନିଆଁ ଲଗାଇ ଦେଇ ଲିଜ୍ ଧାରି ସଂଜୟ ଘୋଷଙ୍କ ନାମରେ ରାସୋଳ ଥାନା ରେ ମିଥ୍ୟା ଅଭିଯୋଗ କରିଥିବା ସଂଜୟ ଘୋଷ ଗଣମାଧ୍ୟମରେ ଅଭିଯୋଗ କରିଛନ୍ତି। ନିଜେ ଧରା ପଡିବା ପୂର୍ବରୁ ଏବଂ ନିଜର କଳା କାରନାମାକୁ ଘଣ୍ଟ ଘୋଡାଇବାକୁ ଏହି ଅଭିଯୋଗ ଆଣିଥିବା ଏକ ଅନୁସନ୍ଧାନରୁ ଜଣାପଡିଛି। ପୋଡ଼ି ଯାଇଥିବା ହିଟାଜି ଖଣି ଭିତରେ ରହିଥିବା ଏକ ଫଟୋରୁ ଦେଖିବାକୁ ମିଳିଛି। ଏ ସମ୍ପର୍କରେ ପୋଲିସ ଓ ପ୍ରଶାସନ ତଦନ୍ତ କରି ସତ୍ୟାସତ୍ୟ ଜାଣିବା ସହିତ ଚୋରା ଖଣି ଖାଦାନ ର ପର୍ଦ୍ଦାଫାଶ କରିବା ପାଇଁ ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି ଲିଜ୍ ଖଣି ନିକଟରେ ହିନ୍ଦୋଳ ତହସିଲ ଅନ୍ତର୍ଗତ ବ୍ରହ୍ମପୁର ଗ୍ରାମ ର ଖାତା ନଂ ୩୭ ପ୍ଲଟ ନଂ ୧୩୮, ଏବଂ ଅନ୍ୟାନ୍ୟ ପ୍ଲଟରେ ଥିବା ପଥର ଖଣି ଗୁଡ଼ିକର ଅନୁମତି ରହିଛି କି ନାହିଁ। କାହା ନାମରେ ରହିଛି କିଏ ସେହି ଖଣିରୁ ପଥର ଚାଲାଣ କରୁଛି ତାହା ତଦନ୍ତ ପରେ ଜଣାପଡ଼ିବ ବୋଲି ସାଧାରଣରେ ଆଲୋଚିତ ହେଉଛି।

ଜିଲ୍ଲା ପ୍ରଶାସନର ଚଢ଼ାଉ ୩୮ ଗ୍ୟାସ ସିଲିଣ୍ଡର ଜବତ

ଉମରକୋଟ,୮।୪(ନି.ପ୍ର): ଉମରକୋଟରେ ପୁଣି ଥରେ ରନ୍ଧନ ଗ୍ୟାସକୁ ନେଇ ଜିଲ୍ଲା ପ୍ରଶାସନ ଚଢ଼ାଉ ହେଇଛି। ସୂଚନା ଥାଉ ଗତ ଦଶ ଦିନ ପୂର୍ବରୁ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀ ଓ ଉମରକୋଟ ପୋଲିସ ପ୍ରଶାସନ ଅତର୍କିତ ଚଢ଼ାଉ କରି୩୮ ଖାଲି ଗ୍ୟାସ ସିଲିଣ୍ଡର ଜବତ କରିଥିଲା ବେଳେ ଗୋଟିଏ ସିଲ ହାଣ୍ଡି, ଅନ୍ୟଟି ବ୍ୟବହୃତ ଗ୍ୟାସ ହାଣ୍ଡି ଜବତ କରି ଏଜେନସି ଜିମା ଦିଆଯାଇଛି। ବିଭିନ୍ନ ହୋଟେଲ ଯାଞ୍ଚ ସରିବା ପରେ ଅତିରିକ୍ତ ଯୋଗାଣ ଅଧିକାରୀ ଓ ଟିମ ତୁର୍ଜା ସ୍ଥିତ ଗ୍ୟାସ ଏଜେନ୍ସିଂ ଯାଇ ଷ୍ଟକ ଥିବା ଗ୍ୟାସ ଓ ଚୁକିଙ୍ଗର ସ୍ଥିତି ଯାଞ୍ଚ କରିଥିଲେ। ଏହି ଚଢ଼ାଉରେ ଜିଲ୍ଲା ଅତିରିକ୍ତ ଯୋଗାଣ ଅଧିକାରୀ ଗାୟତ୍ରୀ ପଟ୍ଟନାୟକ, ଉପଯୋଗାଣ ନିରୀକ୍ଷିକ ପୂର୍ଣ୍ଣଚନ୍ଦ୍ର ଦାସ ଓ ଉମରକୋଟ ଯୋଗାଣ ନିରୀକ୍ଷିକ ସୁନୀଲ ଜେନା ପ୍ରମୁଖ ଏଥିରେ ସାମିଲ ଥିଲେ।

ଗ୍ୟାସ କଳାବଜାରୀ ନେଇ ଚଢ଼ଉ, କିନ୍ତୁ ହାତ ଖାଲି

ତେନ୍ତୁଳିଖୁଣ୍ଟି,୮।୪(ନି.ପ୍ର): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକରେ ଗ୍ୟାସ୍ କଳାବଜାରୀ ହେଉଥିବା ନେଇ ବାରମ୍ବାର କଥିତ ଅଭିଯୋଗ ପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହେଉ ନଥିଲା। ତେବେ କେଶରୀ ସେନାପତିଙ୍କ ନାମରେ ଜିଲ୍ଲାପାଳଙ୍କ ନିକଟରେ ଗ୍ୟାସ କଳାବଜାରୀ ଅଭିଯୋଗ ପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ବୁଧବାର ରେଡ୍ କରାଯାଇଥିବା ବେଳେ ୬ କମର୍ସିଆଲ ଗ୍ୟାସ ସିଲିଣ୍ଡର ମଧ୍ୟରୁ ଗୋଟିଏ ପାଞ୍ଚ କେଜିଆ ଓ ୪ଟି ଘରୋଇ ଗ୍ୟାସ ସିଲିଣ୍ଡର ଘରୁ ଠାବ ହୋଇଛି । କୌଣସି ସିଲିଣ୍ଡର ରେ ଗ୍ୟାସ ନଥିବା ଦେଖାଯାଇଛି। ଘରୋଇ ସିଲିଣ୍ଡର ଘରେ ଥିବା ଏକ ଟାଙ୍କି ଭିତରୁ ଠାବ କରାଯାଇଥିଲା। ମଙ୍ଗଳବାର ରାତିରୁ ରେଡ୍ ସମ୍ପର୍କରେ ସୂଚନା ପାଇ ସେଥରୁ ସିଲିଣ୍ଡର ଗାଏବ କରି ଦିଆଯାଇଥିଲା। ଏହି ଅଞ୍ଚଳରେ ଦୁଇଟି ଘରୋଇ କମ୍ପାନୀ ମେଗା ଜଳସେଚନ ପ୍ରକଳ୍ପ କାମ କରୁଛନ୍ତି, ସେଇ ଦୁଇ ଅନୁଷ୍ଠାନରେ କାର୍ଯ୍ୟରତ ଶତାଧିକ କର୍ମଚାରୀଙ୍କ ଖାଦ୍ୟ ରୋଷେଇ ପାଇଁ ଏହି ବ୍ୟକ୍ତି ହିଁ ଗ୍ୟାସ ଯୋଗାଇଥାନ୍ତି ବୋଲି ଶୁଣାଯାଉଛି। କିନ୍ତୁ କେଉଁଠୁ କିଭଳି ସେ ଗ୍ୟାସ ଯୋଗାଇଥାନ୍ତି ପ୍ରଶ୍ନବାଚୀ। କେବଳ ୧୦ ବ୍ୟବସାୟୀକ ସିଲିଣ୍ଡର ବ୍ୟବହାର କାରି ଗ୍ରାହକ ତେନ୍ତୁଳିଖୁଣ୍ଟି ଏଜେନ୍ସୀର ରହିଛନ୍ତି। କେବଳ ନିର୍ଦ୍ଦିଷ୍ଟ ବ୍ୟକ୍ତି ବ୍ୟତୀତ ଅନ୍ୟ କୌଣସି ଖାଦ୍ୟ ବ୍ୟବସାୟୀକ ଅନୁଷ୍ଠାନ ଉପରେ ଚଢାଉ କରାଯାଇନାହିଁ। ବୁଧବାର ଚଢ଼ାଉ ଆରମ୍ଭ କରିଥିଲେ ଯୋଗାଣ ଅଧିକାରୀ ରୋହିତ ମାଝୀ । ପରେ ଏସିଏସ (ହେଡ କ୍ୱାର୍ଟର) ଗାୟତ୍ରି ପଟ୍ଟନାୟକ, ଓଏସିଏସ ଓ (ସଦର)ସଞ୍ଜୁ ପ୍ରଧାନ ଓ ପୂର୍ଣ୍ଣଚନ୍ଦ୍ର ଦାସଙ୍କ ଆସିଥିଲେ । ମାଜିଷ୍ଟ୍ରେଟ ଦାୟିତ୍ୱରେ ଅତିରିକ୍ତ ତହସିଲଦାର ସୀମାଞ୍ଚଳ ପାତ୍ର ଉପସ୍ଥିତ ଥିଲେ।

ଓଡ଼ିଆ ପକ୍ଷ ଅବସରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ନବରଙ୍ଗପୁର,୮।୪(ନି.ପ୍ର): ନବରଙ୍ଗପୁର ମହାବିଦ୍ୟାଳୟ ପରିସରରେ ଓଡ଼ିଆ ପକ୍ଷ ପାଳନ ଅବସରରେ ଏକ ଜିଲ୍ଲାସ୍ତରୀୟ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଗୌରୀ ଶଙ୍କର ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରକ୍ତଦାନ କରୁଥିବା ପ୍ରତ୍ୟେକ ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀ ଓ ଜନସାଧାରଣ ରକ୍ତଦାତାଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିବା ସହ ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ। ବିଧାୟକ ନିଜ ବକ୍ତବ୍ୟରେ ସ୍ୱେଚ୍ଛାକୃତ ରକ୍ତଦାନ ଏକ ମହତ କାର୍ଯ୍ୟ । ଅନ୍ୟର ଜୀବନ ବଞ୍ଚାଇବା ପାଇଁ ଏବଂ ନିଃସ୍ୱାର୍ଥପର ସମାଜସେବାରେ ନିଜକୁ ସାମିଲ କରିବାକୁ ସମସ୍ତଙ୍କୁ ଆହ୍ୱାନ

କରିଥିଲେ। ନବରଙ୍ଗପୁର ଉପ-ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା, ଜିଲ୍ଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ, ମହାବିଦ୍ୟାଳୟର ଅଧ୍ୟକ୍ଷ ଡି. ଗୋବିନ୍ଦ ରାଓ, ପ୍ରାଧ୍ୟାପକ ପ୍ରବୀଣ ବେହେରା, ପ୍ରାଧ୍ୟାପିକା ସଙ୍ଗୀତା ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ । ଏନ୍ଏସଏସ କୋର୍ଡିନେଟର ତଥା ଅଧ୍ୟାପିକା ଅନୁପମା ମାଝୀ, ପ୍ରାଧ୍ୟାପକ ଦିଲୀପ ହୋତା, ପ୍ରାଧ୍ୟାପକ ସମ୍ବୁ ପ୍ରସାଦ ହୋତା, ପ୍ରାଧ୍ୟାପକ ରହିମ ଖୁରା, ଏନ୍ସିସି ଏବଂ ରେଡକ୍ରସ ଛାତ୍ର ଛାତ୍ରୀ, ସ୍ୱାସ୍ଥ୍ୟ କର୍ମଚାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ରକ୍ତଦାନ ଶିବିର ରେ ମୋଟ ୨୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ସଂସ୍କୃତି ବିଭାଗ ସହକାରୀ କର୍ମଚାରୀ ଆତ୍ମ ପ୍ରକାଶ ସାହୁ ଏହି ଶିବିରର ସମନ୍ୱୟ ଏବଂ ଦସ୍ତାବିଜ୍ କାର୍ଯ୍ୟରେ ପ୍ରମୁଖ ସହାୟତା କରିଥିଲେ। ଏହି ଅବସରରେ ସୂଚନା ଦିଆଯାଇଛି ଯେ, ଜିଲ୍ଲା ଚିକିତ୍ସାଳୟ ପକ୍ଷରୁ ଏହି ରକ୍ତ ସଂଗ୍ରହ ଅଭିଯାନ ଆସନ୍ତା ଏପ୍ରିଲ ୧୪ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ପର୍ଯ୍ୟାୟରେ ଜାରି ରହିବ। ସେଭଳି ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ୩୪ ୟୁନିଟ୍ ଏବଂ ରାଇଘର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ୨୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।

ବାବନପୁର ପଞ୍ଚାୟତକୁ ୟୁନିସେଫ୍ ଟିମର ପ୍ରଶଂସା

ଆସିକା,୮।୪(ନି.ପ୍ର): ୟୁନିସେଫ୍ ର ଓଡ଼ିଶାର ମୁଖ୍ୟ ସିପ୍ରା ସକ୍ସେନାଙ୍କ ପରାମର୍ଶ କମ୍ରେ ଆସିକା ବ୍ଲକ ଅର୍ନ୍ତଗତ ବାବନପୁର ପଞ୍ଚାୟତର ସଭାଗୃହ ଠାରେ ପାନୀୟ ଜଳ ଓ ପରିମଳ ପରିଚାଳନାକୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ପାନୀୟଜଳ ଓ ପଞ୍ଚାୟତରାଜ ବିଭାଗର ସଙ୍କୁଳି ବିଶ୍ୱାଳ, ୟୁନିସେଫ୍‌ର ରାଜ୍ୟ କ୍ୟାମ୍ପେନର ଧର୍ମାନନ୍ଦ ସୁନ୍ଦରାୟ, ଉଚ୍ଚ ଶିକ୍ଷା ବିଭାଗ ଏନ୍ଏସ୍ଏସ୍‌ର ପ୍ରଫେସର ରଘୁନାଥ ମଣ୍ଡଳ ଉପସ୍ଥିତ ରହି ପାନୀୟ ଜଳ, ପରିମଳ ଉପରେ ବିସ୍ତୃତ ଆଲୋଚନା କରି ପ୍ରତ୍ୟେକ ଘରେ ସାଟୋୟୁକ୍ତ ବ୍ୟବହୃତ ପାଇଖାନା ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏହି ପାଇଖାନା ଦ୍ୱାରା ବହୁଳ ଖର୍ଚ୍ଚ, ଜଳର ଅପଚୟକୁ ରୋକିବାରେ ସହାୟକ ହୋଇ ପାରିବ ବୋଲି ସାଟୋକୁ ପ୍ରଦର୍ଶନ କରିଥିଲେ । ତାହା ସହିତ ଶିଶୁ ମାନଙ୍କର ସୁରକ୍ଷା ପାଇଁ ଉତ୍ତ

ଖେଳ ପଡ଼ିଆ ନିର୍ମାଣ ପାଇଁ ବିଧାୟକଙ୍କୁ ଦାବିପତ୍ର

ଧର୍ମଗଡ଼,୮।୪(ନି.ପ୍ର): ଧର୍ମଗଡ଼ ବ୍ଲକ ଗତାଗୁଡା ଠାରେ ଖେଳ ପଡିଆ ପାଇଁ ଜାଗା ଚିହ୍ନଟ ସରିଛି । ପଡିଆ ନିର୍ମାଣ ପାଇଁ ସରପଞ୍ଚ ଠାରୁ ସାଂସଦ ପର୍ଯ୍ୟନ୍ତ ଲିଖିତ ମାଧ୍ୟମରେ ଦାବି ଉପସ୍ଥାପନ ମଧ୍ୟ କରାଯାଇଛି ହେଲେ ଅଦ୍ୟାବଧି ଖେଳପଡିଆ ନିର୍ମାଣ ହୋଇପାରିନାହିଁ । ଫଳରେ ମୁଖ୍ୟତଃ ଯୁବଗୋଷ୍ଠୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଏନେଇ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀଙ୍କୁ ଗତାଗୁଡା ଗ୍ରାମର ଯୁବକମାନେ ଅବଗତ କରାଇ ଖେଳ ପଡିଆ ନିର୍ମାଣ ପାଇଁ ବିଧାୟକ ପାଣ୍ଠିରୁ ଅର୍ଥ ମଞ୍ଜୁର ନିମନ୍ତେ ଦାବିପତ୍ର ପ୍ରଦାନ କରିଥିବାବେଳେ ଖେଳ ପଡିଆ ସମ୍ପର୍କରେ ମୋର ମନେଅଛି ଆଗାମୀ ଦିନରେ କରାଯିବ ବୋଲି ପ୍ରକାଶ କରିଥିବା ଚିତ୍ତରଞ୍ଜନ ଭୋଇ ପ୍ରକାଶ କରିଛନ୍ତି । ଦାବିପତ୍ର ଦେବା ସମୟରେ ଗ୍ରାମର ଚିତ୍ତରଞ୍ଜନ ଭୋଇ ସମେତ ସରୋଜ ମାଝୀ, ପିଣ୍ଟୁ ନାଏକ, ସୁବୁଧି ନାଏକ, ନେପାଳ ନାଏକ ପ୍ରମୁଖ ଉପସ୍ଥିତ ଥିଲେ । ସୂଚନା ଯୋଗ୍ୟଯେ ଏଥି ପୂର୍ବରୁ ଯୁବଗୋଷ୍ଠି ତରଫରୁ ଟିପିଗୁଡା ସରପଞ୍ଚ ହାତୀରାମ ଦୁର୍ଗା, ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ ଓ ରାଜ୍ୟସଭା ସାଂସଦ ସୁଜିତ କୁମାରଙ୍କୁ ଯୁବକମାନେ ଦାବିପତ୍ର ପ୍ରଦାନ କରିଥିଲେ ମଧ୍ୟ ଖେଳ ପଡିଆ ନିର୍ମାଣ କାମ ଆଗେଇ ପାରିନାହିଁ ।

୧୦୦ତମ ଚଇତି ପୂର୍ଣ୍ଣିମା ମହୋତ୍ସବ

କଣ୍ଟାପଡ଼ା,୮।୪(ନି.ପ୍ର): କଣ୍ଟାପଡ଼ା ବ୍ଲକ ପାଟସୁନ୍ଦର ପୁର ପଞ୍ଚାୟତ ସାନ ପାଟସୁନ୍ଦରପୁର ଢିଅ ସାହି ଗ୍ରାମରେ ମା ବାସୁଳେଇ କୈବତ ମହାସଙ୍ଘ ର ଶହେ ତମ ବାର୍ଷିକ ଚଇତି ପୂର୍ଣ୍ଣିମା ମହୋତ୍ସବ ୨୦୨୬ଅନୁଷ୍ଠିତ ହୋଇଯାଇଛି। ଏହି ମୌତ୍ସବରେ ମୁଖ୍ୟ ଅତିଥି ଭାବେ କଣ୍ଟାପଡ଼ା ବ୍ଲକ ଉପାଧକ୍ଷ ଯତିନ୍ଦ୍ରନାଥ ବରାଳ ଯୋଗ ଦେଇଥିଲେ। ବାବୁଲି ଚରଣ ପ୍ରଧାନ ଅବସର ପ୍ରାପ୍ତ ଥାନା ଅଧିକାରୀ ସୁକାନ୍ତ କୁମାର ରାଉତରାୟ,ଜୟରାମ ବେହେରା,ପୂର୍ବତନ ନୋମିନି ମନୋଜକୁମାର ବେହେରା,ବାବନ ବେହେରା ବରିଷ୍ଠ ନାଗରିକ ମାନସୀ ମଲ୍ଲିକ ସରପଞ୍ଚ କର୍ମକର୍ତା –ଅମୁଲ୍ୟବେହେରା, ସନ୍ତୋଷ କୁମାର ବେହେରା, ମଙ୍ଗୁଳି ଚରଣ ବେହେରା,ଭଗବାନ ବେହେରା, ସୁଦାମ ବେହେରା,ଦେବେନ୍ଦ୍ର ବେହେରା, ବେଣୁଧର ଦାସ, ତ୍ରିଲୋଚନ ବେହେରା, ବୈଦ ନାଥ ବେହେରା,ସ୍ମୃତି ରଞ୍ଜନ ବେହେରା, ନରେଶ କୁମାର ବେହେରା,ବାବୁଲି ଚାରଣ ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ।

ସରସ୍ୱତୀ ଶିଶୁବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

କେନ୍ଦ୍ରାପଡ଼ା,୮।୪(ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଭାଗବତପୁର ପଞ୍ଚାୟତର ବାଲିଆ ସରସ୍ୱତୀ ଶିଶୁବିଦ୍ୟାମନ୍ଦିରର ଚର୍ତୁବିଂଶତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାମନ୍ଦିର ପରିଚାଳନା ସମିତି ସଭାପତି ପ୍ରମୋଦ କୁମାର ସାହୁ, ସମ୍ପାଦକ ରାଜଗୋପାଳ ମହାନ୍ତି, ପ୍ରଧାନଆଚାର୍ଯ୍ୟ ବିଭୁତିରଞ୍ଜନ ରାଉତଙ୍କ ତତ୍ତ୍ୱାବଧାନରେ ଏହି ଉତ୍ସବ ଆୟୋଜନ

ହୋଇଥିଲା। ମୁଖ୍ୟଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଧାକର ସାହୁ, ସୁନାମଧନ୍ୟ ଚିକିତ୍ସକ ତଥା ସମାଜସେବୀ ଡା. ବିଶ୍ୱପ୍ରକାଶ କାନୁନଗୋ, କେନ୍ଦ୍ରାପଡା ବେସରକାରୀ ବିଦ୍ୟାଳୟ ସଙ୍ଘ ସଭାପତି ନିରଞ୍ଜନ ବେହେରା, ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ପ୍ରସନ୍ନ କୁମାର ନାୟକ, ଭାଗବତପୁର ପଞ୍ଚାୟତ ସମିତି ସଭ୍ୟ ପ୍ରମିଳା ମିଶ୍ର, ଅବସରପ୍ରାପ୍ତ ଅଧ୍ୟାପକ ଡ. ମୁରଲୀଧର ରଥ, ସାହିତ୍ୟିକ ମଦନମୋହନ ବେହେରା, ଅଭିଜ୍ଞ ଶିକ୍ଷକ ନାରାୟଣ ସ୍ୱାଇଁ ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟରେ ଅଧ୍ୟୟନରତ ଅରୁଣରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କ ଦ୍ୱାରା ସାମୁହିକ ନୃତ୍ୟ ପରିବେଷଣ କରାଯିବା ସହ ଏକ ଗୀତିନାଟ୍ୟ 'ଅଭିଷାପ ନୁହେଁ ଆଶିର୍ବାଦ ପିତୃଭକ୍ତ ଶ୍ରବଣ କୁମାର' ପରିବେଷଣ କରାଯାଇଥିଲା। ଏହାସହ ବାର୍ଷିକ କ୍ରୀଡାର ପୁରସ୍କାର ବିତରଣ ସହିତ ସରକାରୀ ବୃତ୍ତି ପାଇଥିବା ୩ଜଣ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଉତ୍ସବରେ ବହୁ ସଂଖ୍ୟାରେ ଦର୍ଶକ ଓ ଅଭିଭାବକଙ୍କ ସମେତ ଗୁରୁଜୀ ଓ ଗୁରୁମାମାନେ ଉପସ୍ଥିତ ଥିଲେ।

ଖଡ଼ିଛୁଆଁ ପ୍ରବେଶ ଉତ୍ସବ ପାଳିତ

ବୋଲଗଡ,୮।୪(ନି.ପ୍ର): ରାଜ୍ୟ ସରକାରଙ୍କ ନିର୍ଦେଶ ମୁତାବକ ସମଗ୍ର ରାଜ୍ୟରେ ବିଦ୍ୟାଳୟ ମାନଙ୍କରେ ଆଜି ଖଦି ଛୁଆଁ ଓ ପ୍ରବେଶ ଉତ୍ସବ ପାଳିତ ହେଉଛି। ବୋଲଗଡ ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରମୋଦ କୁମାର ସ୍ୱାଇଁଙ୍କ ପୌରୋହିତ୍ୟରେ ବୋଲଗଡ ପିଏମ ଶ୍ରୀ ବାମନ ସରକାରୀ ଉଚ୍ଚ ବିଦ୍ୟାଳୟ ରେ ମଣ୍ଡଳସ୍ତରୀୟ ଖଦି ଛୁଆଁ ଓ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ ଗୋପୀନାଥ ଖାଡ଼ଙ୍ଗା ଏବିଇଓ କୈଳାସ ନାଥ ସ୍ୱାଇଁ ଅମିତା ମିଶ୍ର ସରପଞ୍ଚ ଦିବସର ଗୀତାଞ୍ଜଳି ସାହୁ ସମିତି ସଭ୍ୟା ନିର୍ମଳା ପ୍ରଧାନ ପରିଚାଳନା କମିଟି ସଭାପତି ଅଶୋକ କୁମାର ଦଳବେହେରା ଓ ପଞ୍ଚ ସଖା ଶିକ୍ଷା ସେତୁ ଗଦାଧର ଚମ୍ପତି ପ୍ରମୁଖ ଯୋଗଦେଇ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଛୋଟଛୋଟ ଶିଶୁଙ୍କ ହାତ ଧରି ସିଲଟରେ ଅକ୍ଷର ଲେଖି ପିଲାଙ୍କ ହାତ ଧରି ଶିଖାଇଥିଲେ। ପିଲାମାନଙ୍କୁ ଗିଫ୍ଟ ବ୍ୟାଗ ପ୍ରଦାନ କରାଯାଇଥିଲା। ସିଆରସିସି ରବୀନ୍ଦ୍ର ବେହେରା ସନ୍ତୋଷ ସାହୁ ଲୋକନାଥ ସାହୁମହମ୍ମଦ ମୁସ୍ତାକ ଅଲି ବିଭୂପ୍ରସାଦ ମହାପାତ୍ର ହୃଷିକେଶ ନାୟକ ଚନ୍ଦ୍ରଶେଖର ନାୟକ ପ୍ରକାଶ ମହାପାତ୍ର ବିପିନ ସ୍ୱାଇଁ ପ୍ରଦୀପ ବଳବନ୍ତରାୟ ରବୀନ୍ଦ୍ର ନାୟକ ପ୍ରମୁଖ ସହଯୋଗ କରିଥିଲେ। ପ୍ରଧାନଶିକ୍ଷକ ପୀତବାସ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଏକ ଶିକ୍ଷା ସଚେତନତା ରଥ ବ୍ଲକ ଭ୍ରମଣ ଭ୍ରମଣ କରିଥିଲା।

ପଞ୍ଚୁ ଦଣ୍ଡ ମହାମିଳନ: ସାରା ଅଞ୍ଚଳ ଭକ୍ତିମୟ ପରିବେଶ

ଜି.ଉଦୟଗିରି,୮।୪(ନି.ପ୍ର): ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ଅଞ୍ଚଳର ବିଭିନ୍ନ ଗ୍ରାମ ଓ ସାହି ସାହିରେ ଚାଲିଛି ମାଆ ରୁଦ୍ରକାଳୀ ଙ୍କ ପ୍ରସିଦ୍ଧ ଦଣ୍ଡଯାତ୍ରା । ମଙ୍ଗଳବାରରେ ଦିନ ସହରର ୱାର୍ଡ ନମ୍ବର – ୪,ଶ୍ରୀରାମପଦା ଛକଠାରେ ଶ୍ରୀରାମପଦା ପଞ୍ଚୁ ଦଣ୍ଡ ମହାମିଳନ କମିଟି ତରଫରୁ ବ୍ୟାପକ ବ୍ୟବସ୍ଥା ମଧ୍ୟରେ ଆୟୋଜିତ କରା ଯାଇଥିଲା । ଏହି ପଞ୍ଚୁ ଦଣ୍ଡ ମହାମିଳନରେ ପେନାଲା,ବାଗାରାମା,କଇଁଝର,ଗଣ୍ଡଗାଁ ଏବଂ ସିରିକାକୁଟି ଦଣ୍ଡ କାଳୀ ମାଆଙ୍କୁ ନିମନ୍ତ୍ରଣ କରାଯାଇଥିଲା ଔ ସେହିଭଳି ବୁଧବାର ଦିନ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ ନିଜଟସ୍ଥ ହାଟପଦା ସାହି ଠାରେ ପାଞ୍ଚଗୋଟି ପେନାଲା,ରାଇକିଆ,ଗଣ୍ଡଗାଁ,କଇଁଝର, ବାଗାରାମା ଦଣ୍ଡକାଳୀ ମାଆ ଙ୍କୁ ହାଟପଦା ପୂଜା କମିଟି ତରଫରୁ ନିମନ୍ତ୍ରଣ କରା ଯାଇଥିଲା । ହାଟପଦା ପଞ୍ଚୁଦଣ୍ଡ ମହାମିଳନ ପୂଜା କମିଟି ତରଫରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିବା ସୂଚନା ରହିଛି । ମଙ୍ଗଳବାର ସ୍ଥାନୀୟ କଳିଙ୍ଗ ମିନି ଷ୍ଟାଡିୟମ ଠାରେ ମହାମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଆଜି ଏନଏସି କାର୍ଯ୍ୟା ଳୟ ସମ୍ମୁଖରେ ସନ୍ଧ୍ୟାରେ ମାଆ ଙ୍କ ମହାମିଳନ ଅନୁଷ୍ଠିତ ହେବ ବୋଲି କମିଟି ତରଫରୁ ସୂଚନା ରହିଛି ।

ସୁରକ୍ଷା ଅବହେଳା: ଶ୍ରୀହରି ସ୍ପଞ୍ଜ କାରଖାନାରେ ଦୁର୍ଘଟଣା, ଠିକା ଶ୍ରମିକ ଗୁରୁତର

ବଣାଇ,୮।୪(ନି.ପ୍ର): ବଣାଇ ଥାନା ଅନ୍ତର୍ଗତ କେନ୍ଦ୍ରିକଳା ଗ୍ରାମ ସ୍ଥିତ ଶ୍ରୀ ହରି ସ୍ପଞ୍ଜ କାରଖାନାରେ ଘଟିଥିବା ଏକ ଦୁର୍ଘଟଣା ଶ୍ରମିକ ସୁରକ୍ଷା ପ୍ରତି ଗଭୀର ପ୍ରଶ୍ନ ଉଠାଇଛି। ଏହି ଘଟଣାରେ ଜଣେ ଠିକା ଶ୍ରମିକ ଗୁରୁତର ଭାବେ ଆହତ ହୋଇ ରାଉରକେଲା ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତରିତ ହୋଇଥିବା ଜଣାପଡ଼ିଛି। ସୂଚନାନୁସାରେ, ଉପରପଡ଼ା ଗ୍ରାମର ଯୁଗଳ ସୂତାର ଦୀର୍ଘଦିନ ଧରି ଏହି କାରଖାନାରେ ଠିକା ଶ୍ରମିକ ଭାବେ କାର୍ଯ୍ୟରତ ଥିଲେ। ଆଜି ଅପରାହ୍ନ ସମୟରେ ସେ ଉପରେ କାର୍ଯ୍ୟ କରୁଥିବା ବେଳେ ହଠାତ ଅସାବଧାନତା ଯୋଗୁଁ ତଳ କୁ ଖସି ପଡ଼ିଥିଲେଛ ଫଳରେ ତାଙ୍କ ଗୋଡରେ ଏକ ଲୁହା ରଡ ପଶିଯାଇଥିଲା, ଫଳରେ ସେ ଗୁରୁତର ଆହତ ହୋଇଥିଲେ। ସହକର୍ମୀମାନଙ୍କ ତତ୍ପରତାରେ ତାଙ୍କୁ ତୁରନ୍ତ ବଣାଇ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲାଛ ପରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାକୁ ପ୍ରେରଣ କରାଯାଇଥିଲା। ତାଙ୍କୁ ଦେଖା କରିବାକୁ ତାଙ୍କ ଭାଇଙ୍କ ଶାଶୁ ଯାଉଥିବା ବେଳେ କେନ୍ଦ୍ରିକଳା ଛକ ନିକଟରେ ବାଇକ ଦୁର୍ଘଟଣା ଘଟି ତଳେ ପଡ଼ି ଯିବାରୁ ତାଙ୍କ ହାତ ମଧ୍ୟ ଭାଙ୍ଗି ଯାଇଥିବା ଜଣା ପଡିଛି। ଏହି ଘଟଣା ପୁଣିଥରେ କାରଖାନା ମାନଙ୍କରେ ଶ୍ରମିକ ସୁରକ୍ଷା ବ୍ୟବସ୍ଥା ନେଇ ଅବହେଳାକୁ ପ୍ରକାଶ କରିଛି। ଅନେକ କାରଖାନାରେ ଶ୍ରମିକମାନଙ୍କୁ ଆବଶ୍ୟକ ସୁରକ୍ଷା ଉପକରଣ ଯଥା ହେଲମେଟ୍, ସୁରକ୍ଷା ଜୋତା, ସୁରକ୍ଷା ବେଲ୍ଟ ଓ ଅନ୍ୟାନ୍ୟ ସାଧନ ଯୋଗାଇ ନ ଦେବାରୁ ସେମାନେ ପ୍ରତିଦିନ ଜୀବନକୁ ବାଜି ଲଗାଇ କାମ କରୁଛନ୍ତି। ଏନେଇ ସ୍ଥାନୀୟ ଲୋକମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିବା ବେଳେ, ଶ୍ରମିକ ସୁରକ୍ଷାକୁ ପ୍ରାଥମିକତା ଦେବା ସହ ସମସ୍ତ କାରଖାନାରେ କଡ଼ା ଯାଞ୍ଚ ଓ ନିୟମ ପାଳନକୁ ସୁନିଶ୍ଚିତ କରିବାକୁ ପ୍ରଶାସନଙ୍କୁ ଦାବି କରିଛନ୍ତି।

ବାସୁଦେବପୁର ଅଙ୍ଗନୱାଡ଼ି କେନ୍ଦ୍ରର ତାଲା ଭାଙ୍ଗି ଚୋରି ଅଭିଯୋଗ

ଦାରିଙ୍ଗବାଡି,୮।୪(ନି.ପ୍ର): କନ୍ଧମାଳ ଜିଲ୍ଲା ବ୍ରାହ୍ମଣୀଗାଁ ଥାନା ଅଞ୍ଚଳ ରେ ଘଟିଛି ଏକ ଅଭାବନୀୟ ଘଟଣା ମଙ୍ଗଳବାର ବିଳମ୍ବିତ ରାତ୍ରିରେ କେହି ଦୁର୍ବୁତ୍ତ ଅଙ୍ଗନ୍ୱାଡି କେନ୍ଦ୍ରର ର ତାଲା ଭାଙ୍ଗି ଚୋରୀ କରିଥିବା ଅଭିଯୋଗ ହୋଇଛି। ସୁଚନା ଅନୁଯାୟୀ ଉକ୍ତ ଥାନା ଅଞ୍ଚଳର ବାସୁଦେବ ପୁର ସାହିର ଅଙ୍ଗନ୍ୱାଡି କର୍ମୀ ମିନତି ମାଝୀ ସବୁଦିନ ଭଳି ବୁଧବାର ଦିନ ସକାଳ ୬ଟା ରେ ନିଜ କେନ୍ଦ୍ରରେ ପହଞ୍ଚି ଥିଲେ, ସେତେ ବେଳକୁ ତାଙ୍କ କେନ୍ଦ୍ର ର ତାଲା ଭାଙ୍ଗି ଥିବା ଦେଖିବାକୁ ପାଇ ଥିଲେ, ପରେ ସେ କେନ୍ଦ୍ର ଭିତରେ ପ୍ରବେଶ କରି ସେଠାରେ ପିଲାମାନଙ୍କ ପାଇଁ ମହଜୁଦ ଥିବା ଖାଦ୍ୟ ଚାଉଳ ଦୁଇ ପ୍ୟାକେଟ, ଅଣ୍ଡା ଦୁଇ ଟ୍ରେ, କାଛ ଘଣ୍ଟା, ପାଣି ମଟର ,ଗ୍ୟାସ ଚୁଲା ଆଦି ଦେଖିବାକୁ ନ ପାଇ କେହି ଅଜଣା ବ୍ୟକ୍ତି ଚୋରିକରି ନେଇଥିବା ନେଇ ବ୍ରାହ୍ମଣୀଗାଁ ଥାନା ରେ ଏକ ଲିଖିତ ଅଭିଯୋଗ କରିଥିବା ଜଣା ପଡ଼ିଛି। ଅଭିଯୋଗ ପାଇ ପରେ ଥାନା କେଶ ନଂ ୨୩/୨୦୨୬ ରେ ମାମଲା ରୁଜୁ କରି ଥାନା ଉପ ଆରକ୍ଷୀ ଅଧିକାରୀ ଭୋଳାନାଥ ପଣ୍ଡା, ଏ ଏସ ଆଇ ଶଙ୍କର ୱାର୍ଡକା ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ ତଦନ୍ତ ଭାର ଏ ଏସ ଆଇ ଶ୍ରୀ ୱାଡକା ନେଇଥିବା ସୂଚନା ମିଳିଛି।

ବ୍ରାହ୍ମଣୀଗାଁ ବନାଞ୍ଚଳରେ ବାଘ ଆତଙ୍କ

ଦାରିଙ୍ଗବାଡି,୮।୪(ନି.ପ୍ର): କନ୍ଧମାଳ ଜିଲ୍ଲା ବ୍ରାହ୍ମଣୀଗାଁ ବାନାଞ୍ଚଳ ରେ ବାଘ ର ଆତଙ୍କ । ବ୍ରାହ୍ମଣୀଗାଁ ବାନାଞ୍ଚଳ କାର୍ଯ୍ୟାଳୟ ଠାରୁ ପ୍ରାୟ ଦେଢ଼ କିମି ଦୂର ବଡ଼ ଶଙ୍ଖ ନିକଟରେ ଘଟିଛି ଏକ ଅଭାବନୀୟ ଘଟଣା, ବନ୍ୟ ଜନ୍ତୁ ଆକ୍ରମଣ ରେ ଗୋଟିଏ ବାଛୁରୀ ଛୁଆ ମରି ପଡ଼ିଥିବା ବେଳେ ଆଉ ଗୋଟିଏ ଆହତ ହୋଇ ଥିବା ଦେଖିବାକୁ ମିଳିଛି ସୂଚନା ଅନୁସାରେ ଦୁଇଟି ବାଛୁରୀ ଛୁଆ ବଡ଼ଶଙ୍ଖ ନିକଟ ରାସ୍ତା କଡ଼ ରେ ଶୋଇଥିବା ବେଳେ ମଙ୍ଗଳବାର ବିଳମ୍ବିତ ରାତ୍ରୀ ରେ କୌଣସି ଏକ ବନ୍ୟ ଜନ୍ତୁ ସେହି ବାଛୁରୀ ଛୁଆ ମାନଙ୍କୁ ଆକ୍ରମଣ କରିଥିଲା ତେବେ କୌଣସି ମତେ ଗୋଟିଏ ବାଛୁରୀ ସେଠାରୁ ଖସି ଯିବାକୁ ସକ୍ଷମ ହୋଇ ଥିବା ବେଳେ ଆଉ ଗୋଟିଏ ବାଛୁରୀ କୁ ଆକ୍ରମଣ କରି ତାର ପଛ ଭାଗରୁ ଖଣ୍ଡିଆ ଖାବରା କରି ମାରି ଦେଇଥିବା ଦେଖିବାକୁ ମିଳିଛି। ଖବର ପାଇ ବନପାଳ ଯୋଗେଶ୍ୱର ଧାରୁଆ ଓ ବନରଖି ଶ୍ରୀରାମ ପଣ୍ଡା ଙ୍କ ସମେତ ଅନ୍ୟ ବନ କର୍ମଚାରୀ ମାନେ ଘଟଣା ସ୍ଥଳ ରେ ପହଞ୍ଚି ତଦନ୍ତ ଜାରି ରଖିଥିବା ବେଳେ ଏହା କେଉଁ ପ୍ରକାର ର ବନ୍ୟ ଜନ୍ତୁ ବାଘ ନା ହେଟା ବାଘ କିମ୍ବା ଅନ୍ୟ କେଉଁ ଜନ୍ତୁ ତାହା ସ୍ପଷ୍ଟ ଜଣା ପଡ଼ିନାହିଁ। ତେବେ ଉକ୍ତ ଜୀବର ବିକଟାଳ ଶବ୍ଦ ଶୁଣି ପାଖରେ ଥିବା ଘର ର ଜଣେ ମହିଳା ରାତ୍ରୀ ରେ ଉଠି ଘର ଭିତରୁ ଥାଇ ଦେଖିଥିଲେ । ଆଗରୁ ସେହି ପରି ଜୀବକୁ ସେ କେବେ ଦେଖିନାହାନ୍ତି, କୁକୁର ମାନଙ୍କ ଠାରୁ ବଡ ଦେଖାଯାଉ ଥିଲା ମୁଣ୍ଡ ବି ତାର ବଡ଼ ଥିଲା, ଆଲୁଅ କମ ଥିବାରୁ ସ୍ପଷ୍ଟ ଦେଖା ଗଲା ନାହିଁ କିନ୍ତୁ କୁକୁର ଭୋକିବାରୁ ବିଲ ମାଳ ଆଡ଼େ ଗଲା ବୋଲି କହିଛନ୍ତି ।

ଦୁଇ ମାସ ହେଲା ବନ୍ଦ ରହିଛି ନାମ୍ପୋ ଅନୁଭବ କେନ୍ଦ୍ର: ଗ୍ରାହକ ହନ୍ତସନ୍ତ

ଜଳେଶ୍ୱର,୮।୪(ନି.ପ୍ର): ଟାଟା ପ୍ୟାର ପକ୍ଷରୁ ଦୀର୍ଘ ୪ ବର୍ଷ ତଳେ ଆରମ୍ଭ କରାଯାଇଥିବା ଅନୁଭବ କେନ୍ଦ୍ର ଦୁଇ ମାସ ହେଲା ବନ୍ଦ ରହି ଥିବାରୁ ଏହି ଅଞ୍ଚଳର ଗ୍ରାହକ ମାନେ ହନ୍ତସନ୍ତ ହେଉଛନ୍ତି। ସୂଚନା ଅନୁଯାୟୀ ଜଳେଶ୍ୱର ବ୍ଲକରେ ଜଳେଶ୍ୱର, ହାତୀଗଡ ଓ ନାମ୍ପୋ ଠାରେ ଅନୁଭବ କେନ୍ଦ୍ର ପ୍ରତିଷ୍ଠା କରାଯାଇ ଗ୍ରାମାଞ୍ଚଳ ଗ୍ରାହକ ମାନଙ୍କ ପାଇଁ ନୂତନ ବିଦ୍ୟୁ ସଂଯୋଗ,ବିଦ୍ୟୁତ୍ ବିଲ୍ ପୈଠ,ବିଭିନ୍ନ ଅସୁବିଧା ସମ୍ପର୍କରେ ପଞ୍ଜୀକରଣ ଗୋଟିଏ ସ୍ଥାନରେ ହୋଇ ପାରୁଥିଲା। ମାତ୍ର ଅଧୁନା ଏହି ଅନୁଭବ କେନ୍ଦ୍ର ଜଳେଶ୍ୱର, ହାତୀଗଡ ଠାରେ ଚାଲୁ ରହିଥିବା ବେଳେ ଦୁଇ ମାସ ହେଲା ଏହି କେନ୍ଦ୍ରଟି ବନ୍ଦ ରହିଥିବାରୁ ବିଦ୍ୟୁତ୍ ଗ୍ରାହକ ମାନେ ନାହିଁ ନ ଥିବା ହଇରାଣର ସମ୍ମୁଖୀନ ହେଉଛନ୍ତି। ଏହି ଅଭିଯୋଗ ସମ୍ପର୍କରେ ନାମ୍ପୋ ବିଦ୍ୟୁତ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିବାରୁ ସେ ଏହି ଅନୁଭବ କେନ୍ଦ୍ରକୁ କମ୍ପାନୀ ପକ୍ଷରୁ ସମ୍ପୂର୍ଣ୍ଣ ଭାବେ ଉଠାଇ ଦିଆଯାଇଛି। ବାକୀ ଅନ୍ୟ ଦୁଇଟି ସ୍ଥାନରେ ଏହି ପରି ଅନୁଭବ କେନ୍ଦ୍ର ଚାଲୁ ରହିଛି। ଉକ୍ତ କେନ୍ଦ୍ର ସମ୍ପର୍କରେ ଭଡ଼ାଘର ଦେଇଥିବା ଉମାକାନ୍ତ ଭୁୟାଁଙ୍କୁ ଯୋଗାଯୋଗ କରିବାରୁ ସେ ବିଭାଗୀୟ ଅଧିକାରୀ ମାନେ ଘର ଅଦ୍ୟାବଧି ଛାଡ଼ି ନାହାନ୍ତି ବୋଲି କହିଛନ୍ତି।ମାତ୍ର ଦୁଇ ମାସ ହେଲା ଘର ତାଲା ପଡ଼ିଛି ବୋଲି କହିଥିଲେ। ଏହି କେନ୍ଦ୍ର ଦ୍ୱାରା ନାମ୍ପୋ,ଖୁଲୁଡ଼ା, ଖାଲିନା,ସମ୍ପତ୍ତିଆ, ସୁଗୋ ଓ ନେତୁଆ ପଞ୍ଚାୟତର ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ ଗ୍ରାହକ ଉପକୃତ ହେଉଥିବା ବେଳେ କମ୍ପାନୀ ପକ୍ଷରୁ ଏଭଳି ନିଷ୍ପତ୍ତିର ପୁର୍ନବିଚାର କରାଯାଇ ଅନୁଭବ କେନ୍ଦ୍ର କାର୍ଯ୍ୟକ୍ଷମ ନ ହେଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଗ୍ରାମବାସୀ ମାନେ ଚେତାବନୀ ଦେଇଛନ୍ତି।

ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ପକ୍ଷରୁ ଆୟୋଜିତ ହେଲା ବିଶ୍ୱ ସ୍ୱାସ୍ଥ୍ୟ ଦିବସ

ଜୀବନଶୈଳୀର ପରିବର୍ତ୍ତନ ଉପରେ ଗୁରୁତ୍ୱାରୋପ

ବାଲେଶ୍ୱର,୮।୪(ନି.ପ୍ର): ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଉପଲକ୍ଷେ ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ(ଓବିବିଏ) ପକ୍ଷରୁ ଏକ ସ୍ୱାସ୍ଥ୍ୟ ଓ ସାହିତ୍ୟ ଭିତ୍ତିକ କାର୍ଯ୍ୟକ୍ରମ ଅନୁଷ୍ଠାନର ସଭାପତି ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦଙ୍କ ପୌରୋହିତ୍ୟରେ ସ୍ରଷ୍ଟା ନାଟ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ପ୍ରାରମ୍ଭରେ କଲ୍ୟାଣୀ ନନ୍ଦଙ୍କ ନିର୍ଦ୍ଦେଶନାରେ ଏକ ସମୂହ ସଂଗୀତ ପରିବେଷଣ କରାଯାଇ ସ୍ୱାସ୍ଥ୍ୟ ପ୍ରତି ସଚେତନ ରହିବାର ବାର୍ତ୍ତା ପ୍ରେରଣ କରାଯାଇଥିଲାଛ ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦ ସ୍ୱାସ୍ଥ୍ୟ ପାଇଁ ସମସ୍ତେ ଏକତ୍ର ଭାବରେ କାର୍ଯ୍ୟ କରିବା ଓ ବିଜ୍ଞାନକୁ ସେଥିସହ ସଂଯୁକ

ବିଜେପି କର୍ମୀ ନିଷ୍ଠାବାନ, କର୍ମଠ ଓ ରାଷ୍ଟ୍ର ପାଇଁ ସମର୍ପିତ: ଜୁଏଲ ଓରାମ

ରାଉରକେଲା,୮।୪(ନି.ପ୍ର): ସେକ୍ଟର ୩ ସ୍ଥିତ ବିଜେପି କାର୍ଯ୍ୟାଳୟ ପରିସରରେ ବିଜେପିର ୪୭ ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ ସକାଳ ୯ ଘଟିକା ସମୟରେ ରାଜ୍ୟ ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ଲତିକା ପଟ୍ଟନାୟକ ଓ ବିଜେପି ରାଜ୍ୟ ସମ୍ପାଦକ ରାମ ଚନ୍ଦ୍ର ହାଁସଦା ବିଜେପି ପତାକା ଉତ୍ତୋଳନ କରିଥିଲେ। ମାନ୍ୟବର ସୁନ୍ଦରଗଡ ସାଂସଦ ତଥା କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଦିଲ୍ଲୀରୁ ଭିଡିଓ କନ୍ଫରେନ୍ସିଙ୍ଗ ମାଧ୍ୟମରେ ଉପସ୍ଥିତ ସମସ୍ତ କାର୍ଯ୍ୟକର୍ତ୍ତା ଓ କର୍ମୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇ ଥିଲେ । ଶ୍ରୀ ଓରାମ ଉପସ୍ଥିତଙ୍କୁ ଉଦବୋଧନ ଦେଇ ବିଜେପିର ଦୀର୍ଘ ଦିନର ଯାତ୍ରା ଭାରତୀୟ ଜନ ସଙ୍ଘରୁ ବିଜେପି ଜନ୍ମ ବୃତ୍ତାନ୍ତ ଏବଂ ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜୀ ଠାରୁ ଆରମ୍ଭ କରି ଭାରତରତ୍ନ ତଥା ବିଜେପିର ପ୍ରତିଷ୍ଠାତା ଅଟଳ ବିହାରି ବାଜପାୟୀ ଓ ଜସ୍ୱଶୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ରାଷ୍ଟ୍ରଭକ୍ତି ଉପରେ ଆଲୋକପାତ କରିଥିଲେ। କର୍ମୀଙ୍କ କର୍ତ୍ତବ୍ୟ ନିଷ୍ଠା, ରାଷ୍ଟ୍ରପ୍ରେମ, ସାହସିକତା ଓ କଠିନ ପରିଶ୍ରମ ଯୋଗୁ ଆଜି ବିଜେପି ବିଶ୍ୱରେ ଏକ ନମ୍ବର ପାର୍ଟି ରୂପେ ଉଭା ହୋଇ ପାରିଛି । ସେ ତାଙ୍କ ବକ୍ତବ୍ୟରେ ମୋଦୀଜିଙ୍କ ଆତ୍ମ ନିର୍ଭଶୀଳ ଭାରତ, ବିକଶିତ ଭାରତ ଉପରେ ଆଲୋକପାତ କରିଥିଲେ। ଯୁବ ପିଢୀ ବିକଶିତ ଭାରତର ପ୍ରକୃତ ସାରଥୀ ହୋଇ ତାକୁ କାର୍ଯ୍ୟରେ ପରିଣତ କରିବେ ବୋଲି ସେ ପ୍ରକାଶ କରିଥିଲେ । ସନ୍ଧ୍ୟା ସମୟରେ ପ୍ରତିଷ୍ଠା ଦିବସ ଅବସରରେ ଏଠାରେ ବୈଠକ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ଲତିକା ପଟ୍ଟନାୟକ, ବରିଷ୍ଠ ନେତା ରମେଶ ଅଗ୍ରୱାଲ, ଗଙ୍ଗାଧର ଦାଶ ଓ ଅଶୋକ ଲେଙ୍କାଙ୍କୁ ସମ୍ମାନିତ କରାଯାଇଥିଲା ଓ ଉକ୍ତ ନେତୃବୃନ୍ଦ ବିଜେପିର ପୂର୍ବଜ ଓ କର୍ଣ୍ଣଧାରଙ୍କ ସ୍ମୃତି ଚାରଣ କରିବା ସହିତ ସେମାନଙ୍କ ବଳିଦାନ ଉପରେ ଆଲୋକପାତ କରିଥିଲେ । ବରିଷ୍ଠ ନେତା ଶଶାଙ୍କ ଶେଖର ଜେନାଙ୍କ ସଂଯୋଜନାରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ ନେତା ମଳୟ ମହାପାତ୍ର, ଉତ୍ତମ ଅଗ୍ରୱାଲ, ତ୍ରିଲୋକ ନାଥ ଶୁକ୍ଳା, ମନୋରଞ୍ଜନ ମୁନି, ବାବୁଲି ମୁର୍ମୁ, ଦିଲ୍ଲୀପ ପଟ୍ଟନାୟକ, ସରୋଜ ଦାସ, ଅକ୍ଷୟ କୁମାର ଦାଶ, ଦିଲ୍ଲୀପ ଦାଶ, ପରେଶ ମିଶ୍ର, ସନ୍ଦୀପ ଅଗ୍ରୱାଲ, ସୁଶାନ୍ତ ମହାପାତ୍ର, ମନୋଜ କୁମାର ସ୍ୱାଇଁ, ଆଶା ନାଇଡୁ, ପ୍ରତିମା ରାଉତଙ୍କ ସହିତ ବହୁକର୍ମି ଉପସ୍ଥିତ ଥିଲେ ବୋଲି କାର୍ଯ୍ୟକ୍ରମର ସଂଯୋଜକ ଶଶାଙ୍କ ଶେଖର ଜେନା ଏକ ପ୍ରେସ ବିବୃତିରେ ଜଣାଇଛନ୍ତି।

ମରଣାନ୍ତଙ୍କ ଆକ୍ରମଣ ଘଟଣାରେ ପୋଲିସର ନିଷ୍କ୍ରିୟତା

ପରିବାରର ସୁରକ୍ଷା ଦାବିରେ ଏସପିଙ୍କ କାର୍ଯ୍ୟାଳୟ ଆଗରେ ଧାରଣା

କେନ୍ଦ୍ରାପଡ଼ା,୮।୪(ନି.ପ୍ର): ଏକ ମରଣାନ୍ତଙ୍କ ଆକ୍ରମଣ ଘଟଣାରେ ମାର୍ଶାଘାଇ ଥାନା ପୋଲିସର ନିଷ୍କ୍ରିୟତା ଓ ପରିବାରର ସୁରକ୍ଷା ଦାବିରେ କେନ୍ଦ୍ରାପଡା ଏସପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି ମାନସରଞ୍ଜନ ଆଚାର୍ଯ୍ୟ। ତାଙ୍କୁ ସମର୍ଥନ ଜଣାଇ ଅନ୍ୟମାନେ ମଧ୍ୟ ଏହି ଧାରଣାରେ ବସିରହିଛନ୍ତି। ଅଭିଯୋଗ ଅନୁଯାୟି କେନ୍ଦ୍ରାପଡା ଜିଲ୍ଲାର ମାର୍ଶାଘାଇ ଥାନା ଅନ୍ତର୍ଗତ କରଞ୍ଜ ଗ୍ରାମର ନଳିନୀ କୁମାର ଆଚାର୍ଯ୍ୟଙ୍କ ପୁତ୍ର ମାନସରଞ୍ଜନ ଆଚାର୍ଯ୍ୟ ସେହି ପଞ୍ଚାୟତରେ ଚାଲିଥିବା ରାସ୍ତା ମରାମତି, ପୋଖରୀ ସଫେଇ, ଓମଫେଡ କେନ୍ଦ୍ର ଗୃହ ନିର୍ମାଣ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର କରାଯାଇ ଦୁର୍ନୀତି କରାଯାଉଥିବା ଏବଂ ଓପିଟିସିଏଲର ସିମେଣ୍ଟ ଓ ରଡ ଚୋରୀ ଭଳି ଘଟଣାର ଚୁପ ରହିବାକୁ ବାଧ କରି ଏକ ରାଜନୈତିକ ଗୋଷ୍ଠିର କେତେକ ଯୁବକ ସଙ୍ଘବଦ୍ଧ ହୋଇ ଚଳିତମାସ ୧୭ତାରିଖରେ ମାନସରଞ୍ଜନଙ୍କୁ ଧମକ ଦେବା ସହ ମରଣାନ୍ତଙ୍କ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ମାନସରଞ୍ଜନଙ୍କ ବାମହାତଟି ଭାଙ୍ଗିଯାଇଥିବା ବେଳେ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି ହୋଇଥିଲା। ସ୍ଥାନୀୟ ଲୋକ ଓ ସାନଭାଇର ସହାୟତାରେ ମାନସରଞ୍ଜନ ପ୍ରଥମେ ମାର୍ଶାଘାଇ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଅଧିକ ଚିକିତ୍ସା ନିମନ୍ତେ କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ଏସମ୍ପର୍କରେ ମାନସରଞ୍ଜନ ମାର୍ଶାଘାଇ ଥାନାରେ ଅଭିଯୋଗ କରିଥିଲେବି ମାର୍ଶାଘାଇ ଥାନା ପୋଲିସ କୌଣସି ପଦକ୍ଷେପ ଗ୍ରହଣ କରିନଥିଲା। ସେହିଦିନ ମାନସରଞ୍ଜନ ୧୧୨କୁ କଲ କରି ସମସ୍ତ କଥା ଜଣାଇଥିଲେବି ପୋଲିସ କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିଲା। ପୋଲିସର ନିଷ୍କ୍ରିୟତା ଯୋଗୁଁ ଭବିଷ୍ୟତରେ ମାନସରଞ୍ଜନଙ୍କ ପରିବାରଜନଙ୍କ ଜୀବନହାନୀ ହେବାର ସମ୍ଭାବନା ରହିଥିବାରୁ ପରିବାରବର୍ଗଙ୍କୁ ସୁରକ୍ଷା ଯୋଗାଇଦେବା ସହିତ ଘଟଣାର ନିରପେକ୍ଷ ତଦନ୍ତ ପୂର୍ବକ ଅଭିଯୁକ୍ତଙ୍କୁ ଗିରଫ କରାଯିବାକୁ ସେ ଜିଲ୍ଲାପାଳ ଓ ଏସପିଙ୍କୁ ଲିଖିତ ଭାବେ ନିବେଦନ କରିଥିଲେ। ଏହାପରେବି ମାର୍ଶାଘାଇ ଥାନା ପୋଲିସ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାନଯିବାରୁ ସେ ଏସପିଙ୍କୁ ଭେଟି ଏସମ୍ପର୍କରେ ଲିଖିତ ଭାବେ ଜଣାଇବା ସହ ତାଙ୍କ ପରିବାରୁ ସୁରକ୍ଷା ଯୋଗାଇଦେବାକୁ ପୂର୍ବରୁ ନିବେଦନ କରିଥିଲେ। ଯଦି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାନଯାଏ ତେବେ ସେ ପରିବାରଜନଙ୍କ ଜୀବନର ସୁରକ୍ଷା ଦୃଷ୍ଟିରୁ ଏସପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଏସପିଙ୍କୁ ଲିଖିତ ଭାବେ ଜଣାଇଥିଲେ। ତାଙ୍କ ପରିବାରକୁ ସୁରକ୍ଷା ଯୋଗାଇ ଦିଆନଯିବାରୁ ସେ ବାଧ ହୋଇ ଏସପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଲେ। ତାଙ୍କୁ ସମର୍ଥନ କରି କେତେକ ସାମାଜିକ କର୍ମୀ ଓ ସୂଚନା ଅଧିକାର ଅଭିଯାନର କର୍ମକର୍ତ୍ତାମାନେ ମଧ୍ୟ ଧାରଣାରେ ସାମିଲ ହେଲେ। କେନ୍ଦ୍ରାପଡା ଏସଡିପିଓ ଜ୍ୟୋତିରଞ୍ଜନ ଗୌଡା ମାନସଙ୍କ ଠାରୁ ଦାବିପତ୍ର ଗ୍ରହଣ କରିବା ସହ ଖୁବଶୀଘ୍ର ପୋଲିସ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବ ବୋଲି ପ୍ରତିଶ୍ରୁତି ଦେବା ପରେ ମାନସ ଧାରଣାକୁ ପ୍ରତ୍ୟାହାର କରିନେଇଛନ୍ତି। ପୋଲିସ ଯଦି ପଦକ୍ଷେପ ଗ୍ରହଣ ନକରେ ତେବେ ପୁନର୍ବାର ନ୍ୟାୟ ପାଇବା ନିମନ୍ତେ ସେ ଧାରଣା ଦେବେ ବୋଲି ମାନସ କହିଛନ୍ତି।

ସ୍ୱୟଂଶାସିତ ମହାବିଦ୍ୟାଳୟରେ ରକ୍ତଦାନ ଶିବିର

କେନ୍ଦ୍ରାପଡ଼ା,୮।୪(ନି.ପ୍ର): କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ରେଡକ୍ରସ ୟୁନିଟ ପକ୍ଷରୁ ଏକ ବିଶାଳ ରକ୍ତଦାନ ଶିବିର କଲେଜ ଗାନ୍ଧୀ ଭବନ ପରିସରରେ ଆୟୋଜିତ ହୋଇଯାଇଛି। ମହାବିଦ୍ୟାଳୟ ଯୁବରେଡକ୍ରସର ପରାମର୍ଶଦାତା ତଥା ଜିଲ୍ଲା ରେଡକ୍ରସ ସମ୍ପାଦକ ଅଧ୍ୟାପକ ବିକାଶ କୁମାର ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସ୍ୱେଚ୍ଛାକୃତ ରକ୍ତଦାନ ଶିବିରକୁ ଜିଲ୍ଲାପାଳ ରଘୁରାମ ଆର. ଆୟର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରି କହିଲେ ରକ୍ତଦାନ ହେଉଛି ମହତଦାନ। ଜଣେ ରକ୍ତଦାନ କଲେ ଦୁଇଟି ଜୀବନ ରକ୍ଷା ହୋଇଥାଏ। ତେଣୁ ପ୍ରତ୍ୟେକ ପିଲା ସ୍ୱେଚ୍ଛାକୃତ ରକ୍ତଦାନ କରିବା ଉଚିତ ବୋଲି ଜିଲ୍ଲାପାଳ କହିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ତଥା କଲେଜ ପରିଚାଳନା ପରିଷଦ ସଭାପତି ନବକ୍ରିଷ୍ଣ ଜେନା ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ସ୍ୱେଚ୍ଛାକୃତ ରକ୍ତଦାନ ପାଇଁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଲେଜ ଅଧ୍ୟକ୍ଷ ଶାନ୍ତନୁ କୁମାର ଜେନା,ଏନସିସି ଅଫିସର (ବାଳକ ବିଭାଗ) ଲେଫ୍ଟନାଣ୍ଟରଜନୀକାନ୍ତ ତ୍ରିପାଠୀ, ଏନସିସି ଅଫିସର(ବାଳିକା ବିଭାଗ) ଲେଫ୍ଟନାଣ୍ଟ ସୀମା ମହାନ୍ତି, ଏନଏସଏସ ପ୍ରୋଗ୍ରାମ ଅଫିସର ପ୍ରମୋଦ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଶିବିରଟି ଶ୍ରୀରାମଚନ୍ଦ୍ରଭଞ୍ଜ ଭେଷଜ ଚିକିତ୍ସାଳୟ ଓ ମେଡିକାଲ କଲେଜ ରକ୍ତଭଣ୍ଡାର କର୍ମଚାରୀଙ୍କ ସହଯୋଗରେ ସମ୍ପାଦିତ ହୋଇଥିଲା। ଶିବିରଟି ୟୁବରେଡକ୍ରସର ୫୦ରୁ ଉର୍ଦ୍ଧ୍ୱ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। ଏଥିରେ ୭୩ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। ଓଡିଆ ପକ୍ଷ ପାଳନ ଅବସରରେ ଏହି ବିଶାଳ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର 'ରକ୍ତଦାନ ମହତଦାନ' ବାର୍ତ୍ତା ଉପରେ ଆଲୋକପାତ କରିଥିଲା।

ପୌରପାଳିକା ୨ନଂ ୱାର୍ଡ ଷ୍ଟେସନ ବଜାର ବସଷ୍ଟାଣ୍ଡରେ ନୂତନ କମ୍ୟୁନିଟି ହଲ ନଗରପାଳଙ୍କ ଦ୍ୱାରା ଉଦ୍‌ଘାଟିତ

ଜଳେଶ୍ୱର,୮।୪(ନି.ପ୍ର): ଜଳେଶ୍ୱର ପୌରପାଳିକାର ୨ନଂ ୱାର୍ଡ ଷ୍ଟେସନ ବଜାର ବସଷ୍ଟାଣ୍ଡ ଠାରେ ୭ତାରିଖ ମଙ୍ଗଳବାର ଅପରାହ୍ନ ୪ଟା ସମୟରେ ନଗରପାଳ ପ୍ରତୀପ କୁମାର ପ୍ରଧାନଙ୍କ ଦ୍ୱାରା ନବ ନିର୍ମିତ କମ୍ୟୁନିଟି ହଲ ଆନୁଷ୍ଠାନିକ ଭାବେ ଉଦଘାଟିତ ହୋଇଯାଇଛି। ୨ନଂ ୱାର୍ଡ କାଉନସିଲର ସୁରଜ କୁମାର ଚୌରସିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉଦ୍ଘାଟନୀ ସଭାରେ ମୁଖ୍ୟ ଅତିଥି ଭାବେ ନଗରପାଳ ପ୍ରତୀପ କୁମାର ପ୍ରଧାନ ଯୋଗ ଦେଇ ପୌରପାଳିକାର କେନ୍ଦ୍ର ସ୍ଥଳ ର ଗୁରୁତ୍ୱ ଥିବା ବେଳେ ସ୍ଥାନ ଅଭାବରୁ ବହୁ ପ୍ରକଳ୍ପର ରୂପରେଖ ହୋଇ ପାରୁ ନ ଥିବା ବେଳେ ଶୌଚାଳୟ କୋଠା ଉପରେ ପ୍ରାୟ ୫ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି କମ୍ୟୁନିଟି ହଲଟି ନିର୍ମାଣ ହୋଇପାରିଥିବାରୁ କାଉନସିଲର ଶ୍ରୀ ଚୌରସିଆଙ୍କୁ ପ୍ରଶଂସା କରିଥିଲେ। ଏହା ବ୍ୟତୀତ ୨ନଂ ୱାର୍ଡ ଓ ୧୨ନଂ ୱାର୍ଡରେ ଇଲେକ୍ଟ୍ରିଭେହିକେଲ ଚାର୍ଜଂ ଷ୍ଟେସନ ନିର୍ମାଣ କରାଯିବ ବୋଲି ନଗରପାଳ ପ୍ରତିଶ୍ରୁତି ଦେଇଥିଲେ। ଏହି ସଭାରେ ସମ୍ମାନିତ ଅତିଥି ଭାବେ କାର୍ଯ୍ୟ ନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂ, ଆସିଷ୍ଟାଣ୍ଟ ଇଂ. ସୁଶୀଲ କୁମାର ମୁର୍ମୁ, ବଣିକ ସଂଘ ସଭାପତି ତଥା ପୂର୍ବତନ କାଉନସିଲର ସୁଧୀର କୁମାର ମହାନ୍ତି, ବିଜୟ କାମିଲା, ସଞ୍ଜୀବ ପାଳ, ସତ୍ୟେନ ଶାମ ନାଗ, ଗୁରୁ ପ୍ରସାଦ ଚୌରସିଆ, ଗୋବିନ୍ଦ ଚନ୍ଦ୍ର ସାହୁ, ଅନିରୁଦ୍ଧ ମଣ୍ଡଳ, ପୁଷ୍ପେନ୍ଦ୍ର କୁମାର ଜେନା, ବରିଷ୍ଠ ସାମ୍ବାଦିକ ରବୀନ୍ଦ୍ର ନାଥ ସେନାପତି, ପରିମଳ କର୍ମକାର, ଦୀପକ ଚୌରସିଆଙ୍କ ସମେତ ସ୍ୱୟଂ ସହାୟିକା ଗୋଷ୍ଠୀର ବହୁ ମହିଳା ଯୋଗ ଦେଇଥିଲେ। ଶେଷରେ କାଉନସିଲର ଶ୍ରୀ ଚୌରସିଆ ଧନ୍ୟବାଦ ଅର୍ପଣ କରିଥିଲେ।

ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆଇନ ସଚେତନତା ସୃଷ୍ଟି ପାଇଁ ପୋଲିସ ପକ୍ଷରୁ କାର୍ଯ୍ୟକ୍ରମ

ରାଉରକେଲା,୮।୪(ନି.ପ୍ର): ଛାତ୍ରଛାତ୍ରୀଙ୍କ ମଧ୍ୟରେ ନୂତନ ଆଇନ ବିଷୟରେ ସଚେତନତା ସୃଷ୍ଟି ପାଇଁ ରାଉରକେଲା ପୋଲିସ୍ ପକ୍ଷରୁ ଝିରପାଣି ସରକାରୀ ହାଇସ୍କୁଲରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆଇନଗତ ସଚେତନତା ପ୍ରସାର କରିବା ସହିତ ନୂତନ ଅପରାଧିକ ଆଇନ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସଚେତନତା କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ବିତର୍କ ଏବଂ କୁଇଜ୍ ପ୍ରତିଯୋଗିତାର ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ। ଯୁବ ପିଢ଼ିଙ୍କ ମଧ୍ୟରେ ଆଇନଗତ ସାକ୍ଷରତା ଏବଂ ସଚେତନତାକୁ ଉତ୍ସାହିତ କରିବା ପାଇଁ ବିଜେତାମାନଙ୍କୁ ରାଉରକେଲା ପୋଲିସ୍ ପକ୍ଷରୁ ପୁରସ୍କାର ବଣ୍ଟନ କରାଯାଇ କାର୍ଯ୍ୟକ୍ରମ ଶେଷ ହୋଇଥିଲା ।

କଂଗ୍ରେସ କମିଟି ପକ୍ଷରୁ ଦଳର ନୂତନ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା

ଜଳେଶ୍ୱର,୮।୪(ନି.ପ୍ର): ଜଳେଶ୍ୱର ବ୍ଲକ ଖୁସି ପ୍ଲାଜା ପରିସରରେ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଦଳର ନୂତନ କର୍ମକର୍ତା ମାନଙ୍କୁ ସମ୍ବର୍ଦ୍ଧନା ସହ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ କଂଗ୍ରେସ ନେତା ଲକ୍ଷ୍ମୀକାନ୍ତ କରଙ୍କ ସଭାପତିତ୍ୱରେ ବାଲେଶ୍ୱର ଜିଲ୍ଲା ସଭାପତି ସତ୍ୟଶିବ ଦାସ, ବରିଷ୍ଠ କଂଗ୍ରେସ ନେତା ସୁଦର୍ଶନ ଦାସ, ପୂର୍ବତନ ଏନ.ଏ.ସି ନଗରପାଳ ସୁନୀଲ କୁମାର ପରିଡା, ଜିଲ୍ଲା ସାଧାରଣ ସମ୍ପାଦକ ମଧୁସୂଦନ ଦାସ, ଭୋଗରାଇ ବ୍ଲକ ସଭାପତି ସନ୍ତୋଷ କୁମାର ଜେନା ପ୍ରମୁଖ ଉପସ୍ଥିତ ରହି ନୂତନ ଜଳେଶ୍ୱର ବ୍ଲକ ସଭାପତି ହେମନ୍ତ ଗିରି, ନଗର ସଭାପତି ଜଗଦିଶ ନନ୍ଦୀ ସହିତ ଜିଲ୍ଲା କମିଟିରେ ସମ୍ପାଦକ ରୂପେ ସ୍ଥାନ ପାଇଥିବା ପଦ୍ମଲୋଚନ ବେହେରା, ଶ୍ରୀକାନ୍ତ ସିଂ, ସୁଦାମ ଚରଣ ପାତ୍ରଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ। ଏଥିସହିତ ଅନୁଷ୍ଠିତ ସାଧାରଣ ସଭାରେ ବିଜେଡି ଓ ବିଜେପିରୁ ୫୦ ଉର୍ଦ୍ଧ୍ୱ କର୍ମୀ କଂଗ୍ରେସରେ ଯୋଗ ଦେଇଥିବା ଜଣାପଡିଛି।

୨୦ କୋଟି ଟଙ୍କା ପର୍ଯ୍ୟନ୍ତ ଟେଣ୍ଡରରେ ବାହାର ଜିଲ୍ଲା ଠିକାଦାରଙ୍କୁ ଭାଗ ନ ନେବା ପାଇଁ ଅନୁରୋଧ

ଦେବଗଡ଼,୮।୪(ନି.ପ୍ର): ସମସ୍ତ ସଭ୍ୟମାନଙ୍କ ଯୋଗଦାନରେ ପୂର୍ବ ସାଧାରଣ ବୈଠକର ନିଷ୍ପତ୍ତି ଅନୁଯାୟୀ, ଦେବଗଡ଼ ଡିଷ୍ଟ୍ରିକ୍ଟ କଣ୍ଟ୍ରାକ୍ଟର୍ସ ୟୁନିଅନ ପକ୍ଷରୁ ଆଜି ନିମ୍ନଲିଖିତ ଦାବୀ ସମ୍ପର୍କିତ ସ୍ମାରକ ପତ୍ର ବିଭିନ୍ନ ନିର୍ମାଣ କର୍ତ୍ତୃପକ୍ଷ ଙ୍କୁ ପ୍ରଦାନ କରାଯାଇଛି: ଅଧିକ୍ଷଣ ଯନ୍ତ୍ରୀ, ଦେବଗଡ଼ (ରାସ୍ତା ଓ ଗୃହ) ବିଭାଜନ। ଅଧିକ୍ଷଣ ଯନ୍ତ୍ରୀ, ଗ୍ରାମ୍ୟ ଉନ୍ନୟନ ବିଭାଜନ ଅଧିକ୍ଷଣ ଯନ୍ତ୍ରୀ, ଗ୍ରାମ୍ୟ ଜଳ ଯୋଗାଣ ଏବଂ ପରିମଳ ବିଭାଜନ । ଏହି ସ୍ମାରକପତ୍ର ମାଧ୍ୟମରେ ସଂଘ ପକ୍ଷରୁ 'ସ୍ଥାନୀୟ ସୁରକ୍ଷାବାଦ' ଉପରେ ଗୁରୁତ୍ୱାରୋପ କରାଯାଇଛି ଜିଲ୍ଲାରେ ହେଉଥିବା ୨୦ କୋଟି ଟଙ୍କା ପର୍ଯ୍ୟନ୍ତ କୌଣସି କାର୍ଯ୍ୟରେ ବାହାର ଜିଲ୍ଲାର ଠିକାଦାରଙ୍କୁ ଅନୁମତି ନଦେବା ପାଇଁ ବିଭାଗୀୟ ମୁଖ୍ୟମାନଙ୍କୁ ଅନୁରୋଧ କରାଯାଇଛି। ସ୍ଥାନୀୟ ଠିକାଦାରମାନଙ୍କ ଜୀବିକା ସୁରକ୍ଷିତ ରଖିବା ଏବଂ ଜିଲ୍ଲାର ଅର୍ଥନୀତିକୁ ସୁଦୃଢ଼ କରିବା ଏହି ପଦକ୍ଷେପର ମୂଳ ଲକ୍ଷ୍ୟ। ସଂଘର ସଭାପତି ଇଂ. ସୁଜିତ କୁମାର ପ୍ରଧାନ ପ୍ରକାଶ କରିଛନ୍ତି ଯେ, ଜିଲ୍ଲା ମଧ୍ୟରେ ଏକ ସନ୍ତୁଳିତ ଏବଂ ସ୍ଥାୟୀ ଠିକାଦାରୀ ପରିବେଶ ବଜାୟ ରଖିବା ପାଇଁ ଜିଲ୍ଲା ଠିକାଦାର ସଙ୍ଘ ର ପ୍ରୟାସ ଓ ନିଷ୍ପତ୍ତି ଅତ୍ୟନ୍ତ ଆବଶ୍ୟକ ବୋଲି କୁହାଯାଉଛି ।

ବିଦ୍ୟାଳୟ ପ୍ରତିଷ୍ଠାତାଙ୍କ ସ୍ମୃତି ଚାରଣ ସଭା

ବୋଲଗଡ,୮।୪(ନି.ପ୍ର): ବୋଲଗଡ ଶିକ୍ଷା ମଣ୍ଡଳ ଅନ୍ତର୍ଗତ ଦିଘିରି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେ ପ୍ରତିଷ୍ଠାତା ସ୍ୱର୍ଗତ ବିଦ୍ୟାଧର ପ୍ରଧାନଙ୍କ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଭିକାରୀ ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ମୁଖ୍ ବକ୍ତା ଅତିଥି ରୂପେ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ସ୍ୱାଇଁ ଯୋଗଦେଇ ସ୍ୱର୍ଗତ ପ୍ରଧାନଙ୍କ ଦ୍ୱାରା ପ୍ରତିଷ୍ଠିତ ବିଦ୍ୟାଧର ମଧ୍ୟ ଇରାଂଜି ବିଦ୍ୟାଳୟ ଆଜି ସରକାରୀ ମାନ୍ୟତା ପାଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେ ପରିଣତ ହୋଇଛି। ଏ ଅଂଚଳର ବହୁ ଗରିବ ଛାତ୍ରଛାତ୍ରୀ ଙ୍କୁ ଶିକ୍ଷାର ଆଲୋକ ଦେଖାଇଛି। ସ୍ୱର୍ଗତ ପ୍ରଧାନ ନିଜସ୍ୱ ମୂଲ୍ୟବାନ ଜମିକୁ ବିଦ୍ୟାଳୟ ଗଠନ ନିମିତ୍ତ ଦାନ କରିଥିଲେ। ଫଳରେ ଆଜି ଏହି ବିଦ୍ୟାଳୟ ମୁଣ୍ଡ ଟେକି ଠିଆ ହୋଇପାରିଛି। ମୁଖ୍ୟ ଅତିଥି ତଥା ସରପଞ୍ଚ ଶ୍ରୀମତୀ ପୁଷ୍ପଲତା ଭଜ ଛାତ୍ରଛାତ୍ରୀ ସର୍ବଦା ସେବା ମନୋଭାବ ନେଇ କାର୍ଯ୍ୟ କଲେ ସ୍ୱର୍ଗତ ପ୍ରଧାନଙ୍କ ଭଳି ଯଶସ୍ୱୀ ହୋଇପାରିବେ ବୋଲି ଆଶା ପୋଷଣ କରିଥିଲେ। ସ୍ୱର୍ଗତ ପ୍ରଧାନଙ୍କ ନାମରେ ଏକ ପାଣ୍ଠି ଜମା କରି ବିଦ୍ୟାଳୟ ରେ ପ୍ରତିଯୋଗିତା ମାନ କରି ଛାତ୍ରଛାତ୍ରୀ ମାନଙ୍କ ପ୍ରତିଭାକୁ ବିକଶିତ କରିବାକୁ ପରାମର୍ଶ ଦେଇଥିଲେ। ସ୍ୱର୍ଗତ ପ୍ରଧାନଙ୍କ ଅଣନାତି ବିଶ୍ୱଜିତ ପ

ଏଟିଏମ୍ କାର୍ଡ ବଦଳ କରି ଲୁଟିନେଲେ ୪୭ ହଜାର ଟଙ୍କା

ହାଟଡିହି,୮।୪(ନି.ପ୍ର): ଏଟିଏମ୍ କାର୍ଡ ଯୋଗେ ଟଙ୍କା ଉଠାଣ ବେଳେ ସାମାନ୍ୟ ଅସାବଧାନତାରୁ ଜଣେ ବ୍ୟକ୍ତିଙ୍କ ଏଟିଏମ୍ ବଦଳ କରି ଲୁଟି ନେଇଛନ୍ତି ୪୭ ହଜାର ଟଙ୍କା । ଏପରି ଏକ ଘଟଣା ଘଟିଚି ହାଟଡିହି ବ୍ୟାଙ୍କ ଛକ ନିକଟରେ । ଅଭିଯୋଗରୁ ଜଣାଯାଇଛି ଯେ, ହାଟଡିହି ବ୍ଲକ ସଢା ପଂଚାୟତ ମୌଦା ଗ୍ରାମର ସୁବୋଧ କୁମାର ସାହୁ ମଙ୍ଗଳବାର ଦିନ ହାଟଡିହି ବ୍ୟାଙ୍କ ଛକରେ ଥିବା ଏସ୍‌ବିଆଇ ଏଟିଏମରୁ ଦୁଇହଜର ଟଙ୍କା ଉଠାଇଥିଲେ । ଟଙ୍କା ଗଣି ପକେଟରେ ରଖିବା ବେଳେ ପଛପଟେ ଥିବା ଜଣେ ଯୁବକ ସୁବୋଧଙ୍କ ଏଟିଏମ୍‌ଟିକୁ ଏଟିଏମ୍ ମେସିନରୁ ବାହାର କରି ଆପଣଙ୍କ କାର୍ଡ ନିଅନ୍ତୁ ବୋଲି ଧରାଇ ଦେଇଥିଲେ । କିନ୍ତୁ ଯୁବକ ଜଣକ ଅତି ଚତୁରତାର ସହ ସୁବୋଧଙ୍କ ଏଟିଏମ୍ କାର୍ଡ ବଦଳରେ ଭିନ୍ନ ଏକେ ଏଟିଏମକାର୍ଡ ଧରାଇ ଦେଇଥିଲେ। ତାହା ସୁବୋଧ ଜାଣିପାରିନଥିଲେ। ସୁବୋଧ ବନ୍ତରେ ଥିବାବେଳେ ତାଙ୍କ ମୋବାଇଲକୁ ତାଙ୍କ ଏକାଉଣ୍ଟରୁ ଟଙ୍କା ଉଠିବାର ମେସେଜ ଆସିଥିଲା । ପର୍ଯ୍ୟାୟ କ୍ରମେ ୪୭ହଜାର ଟଙ୍କା ଉଠିଥିଲା । ସେ ଆଶ୍ଚର୍ଯ୍ୟ ହୋଇ ପାଖରେ ଥିବା ଏଟିଏମକାର୍ଡଟିକୁ ଦେଖିବା ବେଳକୁ ତାହା ତାଙ୍କର ହୋଇନଥିବା ଜାଣିବାକୁ ପାଇଥିଲେ । ଏହା ଜାଣିବା ପରେ ସେ ନନ୍ଦିପଦା ଥାନାରେ ଅଭିଯୋଗ କରିଥିଲେ । ନନ୍ଦିପଦା ପୋଲିସ ଏକ ମାମଲା ରୁଜୁ କରି ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି ଯାଞ୍ଚ କରି ତଦନ୍ତ ଆରମ୍ଭ କରିଛନ୍ତି।

ମୋଚିଗାଁ ରାସ୍ତା ପାର୍ଶ୍ୱ ଜମି ଜବରଦଖଲ ମୁକ୍ତ ପାଇଁ ଚିଠି କଲା ପୂର୍ତ୍ତ ବିଭାଗ

କେନ୍ଦୁଝର,୮।୪(ନି.ପ୍ର): କେନ୍ଦୁଝର ସଦର ତହସିଲ ଅଧିନ ମୋଚିଗାଁ ପ୍ଲାଏ ଓଭର ନିକଟ ପୂର୍ତ୍ତ ବିଭାଗ ରାସ୍ତା କଡରେ ଥିବା ଜମି ଚିହ୍ନଟ ଓ ଜବରଦଖଲ ମୁକ୍ତ କରିବା ପାଇଁ ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ କେନ୍ଦୁଝର ତହସିଲଦାର ଏବଂ କେନ୍ଦୁଝରଗଡ ପୌରପାଳିକା ନିର୍ବାହୀ ଅଧିକାରୀଙ୍କୁ ଚିଠି କରିଛନ୍ତି। ଚିଠି ସଂଖ୍ୟା ୩୧୨୫/୨-୪-୨୦୨୬ରେ ଏହା ଉଲ୍ଲେଖ ଥିବାବେଳେ ଏହାର କପି ଜିଲ୍ଲାପାଳ, ଚିଫ୍ କନଷ୍ଟ୍ରକ୍ସନ ଇଞ୍ଜିନିୟର ଏବଂ କେନ୍ଦୁଝର ଉପ ଜିଲ୍ଲାପାଳଙ୍କୁ କପି ପ୍ରଦାନ କରିଛନ୍ତି। ପ୍ରକାଶ ଯେ, କେନ୍ଦୁଝର ସହର ଓ ଆଖପାଖ ଅଞ୍ଚଳରେ ଜମିର ମୂଲ୍ୟ କାଶ ଛୁଆଁ ହୋଇଥିବାବେଳେ ଏହାର ସୁଯୋଗ ନେଇ ଜମି ଦଲାଲ ମାନେ ଚାଷ ଜମିକୁ କିଣି ବେଆଇନ ଭାବେ ରାସ୍ତା କରି ପରେ ଏହାକୁ ପ୍ଲଟିଂ କରି ବିକ୍ରୀ କରୁଛନ୍ତି। ରାସ୍ତା ପାର୍ଶ୍ୱ ସରକାରୀ ଜମି, ନାଳ ପୋତି ରାସ୍ତା କରି ଧୂର୍ପଦା ଏବଂ ମୋଚିଗାଁ ରେ ଏକର ଏକର ଚାଷ ଜମି ପ୍ଲଟିଂ କରି ବିକ୍ରୀ କରାଯାଉଛି। ପୂର୍ତ୍ତ ବିଭାଗ ରାସ୍ତା ପାର୍ଶ୍ୱ ମୋଚିଗାଁରେ ଚାଷ ଜମିକୁ ରାସ୍ତା ନିର୍ମାଣ ପାଇଁ ବର୍ଜ୍ୟବସ୍ତୁ ପକାଇ ନାଳ ଅବରୋଧ ହୋଇଥିବାରୁ ବର୍ଷା ଜଳ ନିଷ୍କାସନରେ ସମସ୍ୟା ଦେଖାଦେବା ସୂଚନାଯୋଗ୍ୟଯେ ପୂର୍ତ୍ତ ବିଭାଗ ରାସ୍ତା ପାର୍ଶ୍ୱ ନାଳ ଅବରୋଧ କରି ବେଆଇନ ରାସ୍ତା ନିର୍ମାଣ ନେଇ ୨୦୨୫ ମସିହା ମାର୍ଚ୍ଚ ମାସରେ ଜବର ଦଖଲ ଉଚ୍ଛେଦ ପାଇଁ ସଦର ତହସିଲଦାରଙ୍କୁ ପୂର୍ତ୍ତ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଚିଠି କରିଥିଲେ। ଏହି ରାସ୍ତା ପାର୍ଶ୍ୱରେ ନାଳ ଅବରୋଧ ମୁକ୍ତ କରି ପୂର୍ବଭଳି ନାଳର ସ୍ଥିତି ବଜାୟ ରଖିବା ପାଇଁ ପୂର୍ତ୍ତ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଚିଠି ସଂଖ୍ୟା ୨୫୨୪ ତା ୧୦/୦୩/୨୦୨୫ରେ ସଦର ତହସିଲଦାର ଙ୍କୁ ଚିଠି କରିଥିଲେ। ପୂର୍ତ୍ତ ବିଭାଗର ଅଧିକ୍ଷଣ ଯନ୍ତ୍ରୀଙ୍କ ଚିଠି କରାଯିବାର ୧ ବର୍ଷ ପରେ ମଧ୍ୟ ସଦର ତହସିଲ ପକ୍ଷରୁ ନାଳ ଜବରଦଖଲ ମୁକ୍ତ କରାଯାଇନାହିଁ। ମୋଚିଗାଁରେ ପୂର୍ତ୍ତ ବିଭାଗର ଆର ଓ ଡବ୍ଲ୍ୟୁ କୁ ଜବରଦଖଲ କରି ରାସ୍ତା ପାର୍ଶ୍ୱ ନାଳକୁ ମାଟି,କଳାଗୁଣ୍ଡ ପକାଇ ଅବରୋଧ କରାଯାଇ ଏକ ରାସ୍ତା ନିର୍ମାଣ କରାଯାଇଛି। ରାସ୍ତା ନିର୍ମାଣରେ କାରଖାନାର ବର୍ଜ୍ୟବସ୍ତୁ କଳାଗୁଣ୍ଡ ବ୍ୟବହାର କରାଯାଉ ଥିବାରୁ ଉକ୍ତ ଅଂଚଳରେ ଜଳ,ମୃତ୍ତିକା ଓ ବାୟୁ ପ୍ରଦୂଷଣ ହେଉଛି। ରାଜପଥ ପାର୍ଶ୍ୱ ନୟନଯୋରିକୁ ପୋତି ରାସ୍ତା ନିର୍ମାଣ ହୋଇଥିବାରୁ ନାଳରେ ବର୍ଷା ଜଳ ପ୍ରବାହ ବନ୍ଦ ହୋଇଛି। ନାଳ ପୋତି ହୋଇ ଯାଇଥିବାରୁ ବର୍ଷା ଦିନରେ ସହରର ପାଣି ନିଷ୍କାସନରେ ସମସ୍ୟା ହେବାର ଆଶଙ୍କା ରହିଛି। ଜମି ମାଫିଆମାନେ କେବଳ ଏହି ଗୋଟିଏ ସ୍ଥାନ ନୁହେଁ ସହର ଏବଂ ଆଖପାଖ ଅଂଚଳରେ କାରଖାନା ବର୍ଜ୍ୟବସ୍ତୁ ବେଆଇନ ଭାବରେ ପକାଇ ବିଭିନ୍ନ ସ୍ଥାନରେ ରାସ୍ତା କରୁଛନ୍ତି। ମାଷ୍ଟରପ୍ଲାନ ଅଞ୍ଚଳରେ ପାର୍ଟ ପ୍ଲଟ ବିକ୍ରୀ ସଂପୂର୍ଣ୍ଣ ନିଷେଧ ଥିଲେ ମଧ୍ୟ ଜମି ମାଫିଆମାନେ ଚାଷ ଜମିରେ ରାସ୍ତା କରି ପାର୍ଟ ପ୍ଲଟ କରି ବିକ୍ରୀ କରୁଛନ୍ତି।

ଜମିବାଡି ବିବାଦକୁ କେନ୍ଦ୍ର କରି ଆକ୍ରମଣ, ୭ ଆହତ

ହାଟଡିହି,୮।୪(ନି.ପ୍ର): ନନ୍ଦିପଦା ଥାନା ଜମ୍ବୀରା ଗାଁରେ ଜମିବାଡି କଳହକୁ କେନ୍ଦ୍ର କରି ଗୋଟିଏ ପରିବାର ଉପରେ ମରଣାନ୍ତକ ଆକ୍ରମଣ ହେବା ସହିତ ୭ଜଣ ଆହତ ହୋଇଥିବା ବେଳେ ସେମାନଙ୍କୁ ଆନନ୍ଦପୁର ମେଡିକାଲରେ ଭର୍ତ୍ତି କରାଯାଇଛି । ସୂଚନାରୁ ଜଣାପଡିଛି ଯେ, ଗ୍ରାମର ଉମାକାନ୍ତ ବାରିକଙ୍କ ପୁଅ କାଳନ୍ଦୀ ବାରିକଙ୍କ ସହିତ ବାସୁଦେବ ବାରିକଙ୍କ ପୁଅ ଅଶୋକ ବାରିକ ସହିତ ଜମିବାଡି ବିବାଦ ଲାଗି ରହିଥିଲା । ଏନେଇ ଅଶୋକ ପୂର୍ବରୁ ଥାନାରେ ଅଭିଯୋଗ କରିବା ସହିତ କୋର୍ଟରେ ମଧ୍ୟ କେସ୍ କରିଥିଲେ । କାଳନ୍ଦୀଙ୍କ ପରିବାର ଲୋକେ ଥାନାକୁ ଯାଉନାହାଁନ୍ତି । ଆଜି ଉଭୟଙ୍କ ଭିତରେ ତିକ୍ତତା ବୃଦ୍ଧି ପାଇବା ସହ ଅଶୋକଙ୍କ ପରିବାର ଲୋକେ ଘରେ ଥିବାବେଳେ କାଳନ୍ଦୀ ଓ ତାଙ୍କ ପରିବାର ଲୋକେ ସଂଘବଦ୍ଧ ହୋଇ ଅଶୋକଙ୍କ ପରିବାର ଉପରେ ବିଭିନ୍ନ ମାରଣାସ୍ତ୍ରରେ ଆକ୍ରମଣ କରିବାରୁ ଅଶୋକଙ୍କ ପରିବାରର ୭ଜଣ ଆହତ ହୋଇଛନ୍ତି । ଖବର ପାଇ ଆନନ୍ଦପୁର ଏସଡିପିଓ ଡାକ୍ତରଖାନାରେ ପହଞ୍ଚି ପଚରା ଉଚରା କରିଥିଲେ । ଏନେଇ ନନ୍ଦିପଦା ଥାନାରେ ଦୁଇଟି ମାମଲା ରୁଜୁ ହୋଇଛି । ପୋଲିସ ତଦନ୍ତ ଆରମ୍ଭ କରିଥିବା ବେଳେ ଅଶୋକଙ୍କ ପରିବାରକୁ ଆକ୍ରମଣ କରିଥିବା ଅଭିଯୁକ୍ତମାନେ ଫେରାର ଥିବାରୁ ପୋଲିସ କାହାରିକୁ ଗିରଫ କରିପାରିନି ।

କ୍ଷତି ପୂରଣ ଦାବିରେ ଚାଷୀଙ୍କ ଧାରଣା ଓ ରାସ୍ତା ଅବରୋଧ

ପାଟଣା,୮।୪(ନି.ପ୍ର): କେନ୍ଦୁଝର ଜିଲ୍ଲା ପାଟଣା ଅଞ୍ଚଳରେ କୁଆପଥର ମାଡ଼ରେ ବ୍ୟାପକ କ୍ଷତି ଘଟିବା ପରେ ଚାଷୀମାନେ ବିଭିନ୍ନ ସ୍ଥାନରେ ରାସ୍ତା ଅବରୋଧ କରି ଆନ୍ଦୋଳନ କରିଥିଲେ। ବ୍ଲକ କାର୍ଯ୍ୟାଳୟ, ତହସିଲ ଅଫିସ ସହ ୨୨୦ ନମ୍ବର ଜାତୀୟ ରାଜପଥର ବାଇପାସ ଛକ, ସ୍ୱାମଛକ, ଭାଲୁଘର ଛକ, ମିରିଖଜି ଛକ ଓ ପାଟଣା-ଭୀମକୁଣ୍ଡ ରାସ୍ତାର ଏରେଣ୍ଡେଇ ଛକରେ ଚାଷୀମାନେ ଧାରଣା ଦେଇଥିଲେ। ମୂଷାଖରୀ ପଞ୍ଚାୟତରେ ମଧ୍ୟ ତାଲା ପକାଇ ପ୍ରତିବାଦ ଜାରି ରହିଥିଲା। ଘଟଣା ସ୍ଥଳରେ କେନ୍ଦୁଝର ସଦର ଉପଜିଲ୍ଲାପାଳ ଉମାଶଙ୍କର ଦଳେଇ, ତହସିଲଦାର ଅଶ୍ୱନୀ କୁମାର ନାଏକ, ବିଡ଼ିଓ ମାନସ କୁମାର ଦଣ୍ଡପାଟ ଓ ଥାନା ଅଧିକାରୀ କିରଣ ପ୍ରସାଦ ସାହୁ ଘଟଣାସ୍ଥଳରେ ପହଞ୍ଚି ଚାଷୀମାନଙ୍କୁ ବୁଝାସୁଝା କରିଥିଲେ। ସେମାନେ କ୍ଷୟକ୍ଷତିର ସଠିକ୍ ଆକଳନ କରି ସହାୟତା ଯୋଗାଇଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ପ୍ରଶାସନଙ୍କ ଏହି ପ୍ରତିଶ୍ରୁତି ପରେ ଚାଷୀମାନେ ବିଭିନ୍ନ ସ୍ଥାନରୁ ଧାରଣା ତ୍ୟାଗ କରିଥିଲେ। ଚାଷୀମାନଙ୍କ ଦାବି ଅନୁଯାୟୀ, ପ୍ରତି ଘର ପିଛା ଦୁଇଟି ଜୋରିପାଲ ପ୍ରଦାନ, ଘର ମରାମତି ପାଇଁ ଆର୍ଥିକ ସହାୟତା ଓ ଯାହାର ସମ୍ପୂର୍ଣ୍ଣ ଘର ଭାଙ୍ଗିଯାଇଛି ସେମାନଙ୍କୁ ନୂତନ ଘର ପ୍ରଦାନ କରିବାକୁ ଦାବି କରାଯାଇଥିଲା। ପ୍ରଶାସନ ପକ୍ଷରୁ କ୍ଷତିଗ୍ରସ୍ତ ଅଞ୍ଚଳର ସର୍ବେକ୍ଷଣ ଜାରି ରହିଥିବା ସୂଚନା ମିଳିଛି।

ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ଅବସରରେ ଶିକ୍ଷା ରଥର ବିଦ୍ୟାଳୟ ପରିଦର୍ଶନ

ପାଟଣା,୮।୪(ନି.ପ୍ର): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ କେନ୍ଦେଇପଶି ସିଆରସିସି ରଞ୍ଜନ କୁମାର ସେଠୀଙ୍କ ତତ୍ତ୍ୱାବଧାନରେ ବୁଧବାର ପ୍ରବେଶ ଉତ୍ସବ, ଖଡ଼ିଛୁଆଁ ଏବଂ ଶିଶୁମାନଙ୍କୁ ସ୍କୁଲ ସହ ଯୋଡିବା ନେଇ ଶିକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଶିକ୍ଷା ରଥ ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରିଥିଲା। କେନ୍ଦେଇପଶି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜେମାମଣି ମହାନ୍ତ, ଶିକ୍ଷକ ରତ୍ନାବତୀ ନାୟକ, ଇନ୍ଦ୍ରଦ୍ୟୁମ୍ନ ମହାନ୍ତ ଓ ବିକାଶ କୁମାର ସିଂହ ବିଦ୍ୟାଳୟରେ ପହଞ୍ଚିବା ପରେ ଶିକ୍ଷା ରଥକୁ ସ୍ୱାଗତ କରିଥିଲେ। ସେହିପରି ଖୁଣ୍ଟାପଡ଼ା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପାତ୍ର, ଶିକ୍ଷୟିତ୍ରୀ ପ୍ରଜ୍ଞାପରମିତା ସାହୁ ସ୍ୱାଗତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷକ ସନ୍ତୋଷ କୁମାର ନାଏକ ପାଟଣା ସିଆରସିସି ଜ୍ୟୋତିମୟ ତ୍ରିପାଠୀଙ୍କ ଉପସ୍ଥିତିରେ ଶିଶୁମାନଙ୍କୁ ସ୍କୁଲ ଆଣିବା, ନାମଲେଖା ବଢ଼ାଇବା ଓ ଶିକ୍ଷାର ଗୁରୁତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା। ପ୍ରବେଶ ଉତ୍ସବ ଓ ଖଡ଼ିଛୁଆଁ ମାଧ୍ୟମରେ ନୂତନ ଶିଶୁମାନଙ୍କୁ ବିଦ୍ୟାଳୟ ସହ ଯୋଡିବାକୁ ଏହି ଅଭିଯାନ ଉଦ୍ଦେଶ୍ୟ ରଖିଥିଲା। ଚଳିତ ଶିକ୍ଷା ସପ୍ତାହ ଅବସରରେ ଏପରି ପଦକ୍ଷେପ ଦ୍ୱାରା ଅଧିକରୁ ଅଧିକ ଶିଶୁଙ୍କୁ ସ୍କୁଲ ଆଣିବା ପାଇଁ ଆହ୍ୱାନ ଦିଆଯାଇଛି।

ଓଡ଼ିଆ ପକ୍ଷ ଅବସରରେ ରକ୍ତଦାନ ଶିବିର

କେନ୍ଦୁଝର,୮।୪(ନି.ପ୍ର): ଓଡ଼ିଆ ପକ୍ଷ ପାଳନର ଅଷ୍ଟମ ଦିବସ ଅବସରରେ ବୁଧବାର ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ରେଡକ୍ରସ ସଂସ୍ଥାର ମିଳିତ ଆନୁକୂଲ୍ୟରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଏହି ରକ୍ତଦାନ ଅଭିଯାନରେ ଜିଲ୍ଲାର ବିଭିନ୍ନ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଓ ସାଧାରଣ ଜନତା ସ୍ୱତଃସ୍ଫୂର୍ତ୍ତ ଭାବେ ଅଂଶଗ୍ରହଣ କରିଥିଲେ। ମୋଟ ୮୫ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିବା ବେଳେ, ଏଥିମଧ୍ୟରୁ ଜିଲ୍ଲା ରକ୍ତ ଭଣ୍ଡାରରୁ ୧୫ ୟୁନିଟ୍, ସରକାରୀ ମହିଳା ମହାବିଦ୍ୟାଳୟ କେନ୍ଦୁଝରରୁ ୨୭ ୟୁନିଟ୍, ଧରଣୀଧର ବିଶ୍ୱବିଦ୍ୟାଳୟ ପକ୍ଷରୁ ୩୦ ୟୁନିଟ୍ ଏବଂ ଦରବାର ହଲ୍ଲାରେ ଆୟୋଜିତ ଶିବିରରୁ ୧୩ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ସଂଗୃହୀତ ରକ୍ତକୁ ଜରୁରୀକାଳୀନ ପରିସ୍ଥିତିରେ ଜୀବନ ରକ୍ଷା ତଥା ମାନବ କଲ୍ୟାଣ ନିମନ୍ତେ ଜିଲ୍ଲା ରକ୍ତକେନ୍ଦ୍ରକୁ ପଠାଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ, ରକ୍ତଭଣ୍ଡାର ଅଧିକାରୀ ଡାକ୍ତର ରବିମଙ୍ଗତ ମାରାଣ୍ଡି, ରକ୍ତକେନ୍ଦ୍ର ସମ୍ପାଦକ ଏଆର ଖାନ, ଧରଣୀଧର ବିଶ୍ୱବିଦ୍ୟାଳୟର କୁଳପତି, ରେଜିଷ୍ଟ୍ରାର, ଯୁବ ରେଡକ୍ରସ କାଉନସିଲର, ସରକାରୀ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ, ରେଡକ୍ରସ ଅଧିକାରୀ, ସମାଜ ସେବୀ ଡାକ୍ତର ସଂଜୀବ ଓଝା, ସହକାରୀ ଜିଲ୍ଲାପାଳ ସନ୍ତୋଷ ଜେନା, ସୂର୍ଯ୍ୟଙ୍କିତା ସାହୁ ଏବଂ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସାର୍ଥକ ରାୟ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାମାନଙ୍କୁ ପ୍ରୋତ୍ସାହିତ କରିଥିଲେ। ଅତିଥିମାନେ ରକ୍ତଦାନର ଗୁରୁତ୍ୱ ଉପରେ ଆଲୋକପାତ କରିବା ସହ ସମସ୍ତ ରକ୍ତଦାତାଙ୍କୁ ସମ୍ମାନଜନକ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି ଅଭିଯାନକୁ ସଫଳ କରିବାରେ ଜିଲ୍ଲା ରେଡକ୍ରସ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଏବଂ ଉଚ୍ଚଶିକ୍ଷା ବିଭାଗର ଅଧିକାରୀ ଓ କର୍ମଚାରୀମାନେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ରକ୍ତକେନ୍ଦ୍ରର ବୈଷୟିକ କର୍ମଚାରୀମାନଙ୍କ ସହାୟତାରେ ରକ୍ତ ସଂଗ୍ରହ ପ୍ରକ୍ରିୟା ଶୃଙ୍ଖଳିତ ଭାବେ ସମ୍ପନ୍ନ ହୋଇଥିବା ବେଳେ ବିଭିନ୍ନ ଶିକ୍ଷାନୁଷ୍ଠାନର ସ୍ୱେଚ୍ଛାସେବୀମାନେ ପରିଚାଳନାରେ ସହଯୋଗ କରିଥିଲେ।

ଟାଟା ମେନ୍ ହସ୍ପିଟାଲ ପକ୍ଷରୁ ରକ୍ତଦାନ ଶିବିର

ଯୋଡା,୮।୪(ନି.ପ୍ର): ଟାଟା ମେନ୍ ହସ୍ପିଟାଲ ଯୋଡା ପକ୍ଷରୁ ବୁଧବାର, ୧୪ ଦିନିଆ ସାଂସ୍କୃତିକ ପର୍ବ ଓଡିଆ ପକ୍ଷ -୨୦୨୬ ଅବସରରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି । ଟାଟା ଷ୍ଟିଲ ହସ୍ପିଟାଲ, ଯୋଡାର ମୁଖ୍ୟ ଚିକିତ୍ସାଧିକାରୀ (ଭାରପ୍ରାପ୍ତ) ଡଃ ତାପସ ଷଡଙ୍ଗୀଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏଥିରେ ହସ୍ପିଟାଲର ଅନ୍ୟ ଡାକ୍ତର ଏବଂ କର୍ମଚାରୀମାନେ ସହଯୋଗ କରିଥିଲେ । ରାଜ୍ୟର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଓ ପରମ୍ପରା ସହ ଲୋକମାନଙ୍କୁ ପୁନଃ ଯୋଡିବାକୁ ଉଦ୍ଦିଷ୍ଟ ଓଡିଆ ପକ୍ଷ ଏପ୍ରିଲ ୧ ରେ ଉତ୍କଳ ଦିବସରୁ ଆରମ୍ଭ ହୋଇ ଏପ୍ରିଲ ୧୪ରେ ଓଡିଆ ନବବର୍ଷ ପର୍ଯ୍ୟନ୍ତ ଏକ ଭବ୍ୟ ଉତ୍ସବ ଭାବେ ପାଳିତ ହେବ । ସମୁଦାୟ ଭିତ୍ତିକ ସ୍ୱଇଚ୍ଛିକ ରକ୍ତଦାନ ଶିବିର ରାଜ୍ୟର ବ୍ଲଡ୍ ବ୍ୟାଙ୍କ ମହଜୁଦକୁ ବୃଦ୍ଧି କରିବା ସହ ଜୀବନ ରକ୍ଷା ସଂସ୍କୃତିକୁ ପ୍ରୋତ୍ସାହନ ଦେଇଥାଏ । ଓଡିଆ ପକ୍ଷ ଅବସରରେ ସ୍ୱଇଚ୍ଛାରେ ରକ୍ତଦାନ କରିବାକୁ ଓଡିଆର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟବାସୀଙ୍କୁ ଆହ୍ୱାନ କରିଥିଲେ ଏବଂ ଏହାକୁ ଜୀବନ ବଞ୍ଚାଇବାର ସର୍ବୋତ୍ତମ ଉପାୟ ବୋଲି କହିଥିଲେ।

ଓପିଏସ୍ ମହାବିଦ୍ୟାଳୟର ପଦର୍ଥ ବିଜ୍ଞାନ ବିଭାଗରେ ପାଠଚକ୍ର

ଓଡ଼ପଡ଼ା,୮।୪(ନି.ପ୍ର): ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳରୋଡ଼ସ୍ଥିତ ଓଡ଼ାପଡ଼ା ପଞ୍ଚାୟତ ସମିତି ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗରେ ସାମ୍ପ୍ରତିକ ସମୟରେ ରେଡ଼ିଓ ଆଇସୋଟୋପର ବ୍ୟବହାର ଶୀର୍ଷକ ପାଠଚକ୍ର ବିଭାଗମୁଖ୍ୟ ଅଧ୍ୟାପକ ନୀଳକଣ୍ଠ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଶମ୍ଭୁପ୍ରସାଦ ପ୍ରଧାନ ମୁଖ୍ୟଅତିଥି ଭାବରେ ଯୋଗଦେଇ ସାମ୍ପ୍ରତିକ ସମୟରେ ରେଡିଓ ଆଇସୋଟୋପର ଆବଶ୍ୟକତା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ହିନ୍ଦୋଳ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗର ଅଧ୍ୟାପକ ଜୟନ୍ତ କୁମାର ପତି ମୁଖ୍ୟବକ୍ତା ଭାବରେ ଯୋଗଦେଇ ଚିକିତ୍ସା କ୍ଷେତ୍ରରେ ରେଡିଓ ଆଇସୋଟୋପର ବ୍ୟବହାର ସମ୍ପର୍କରେ ଆଲୋଚନା କରିଥିଲେ। ଇତିହାସ ବିଭାଗରମୁଖ୍ୟ ପ୍ରାଧ୍ୟାପକ ପ୍ରଦୀପ୍ତ କୁମାର ଦାସ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ପୁରାତନ କୀର୍ତ୍ତିରାଜିର ଗବେଷଣା କ୍ଷେତ୍ରରେ ଏହାର ବ୍ୟବହାର ସମ୍ପର୍କରେ ଆଲୋଚନା କରିଥିଲେଛ ସମ୍ମାନିତ ଅତିଥି ଅଧ୍ୟାପକ ଡ. ରାଜକିଶୋର ସାମଲ ଶିଳ୍ପ କ୍ଷେତ୍ରରେ ଏହାର ବ୍ୟବହାର ସମ୍ପର୍କରେ ଆଲୋଚନା କରିଥିଲେ। ସଭାପତି ଶ୍ରୀଯୁକ୍ତ ଦାସ ସାମ୍ପ୍ରତିକ ସମୟରେ ଛାତ୍ରଛାତ୍ରୀମାନେ ରେଡିଓ ଆଇସୋଟୋପର ବ୍ୟବହାର ସମ୍ପର୍କରେ ଜାଣିବା ଆବଶ୍ୟକ ବୋଲି ନିଜର ବକ୍ତବ୍ୟରେ କହିଥିଲେ। ଛାତ୍ର ଦିବ୍ୟ ରଞ୍ଜନ ନାୟକ, ନରେନ୍ଦ୍ର ବେହେରା ଓ ଛାତ୍ରୀ ସଲୋନୀ କରଣ ପ୍ରବନ୍ଧ ପାଠ କରିଥିଲେ। ଅଧ୍ୟାପିକା ସ୍ୱାତୀସ୍ନିଗ୍ଧା ପାଣିଗ୍ରାହୀ ସମଗ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ଛାତ୍ର ବିକାଶ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

ପ୍ରଧାନଶିକ୍ଷକ ଶତ୍ରୁଘ୍ନ ସାହୁଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା

ରାମଚନ୍ଦ୍ରପୁର,୮।୪(ନି.ପ୍ର): ଘଷିପୁରା ବ୍ଲକ ରାମଚନ୍ଦ୍ରପୁର ସ୍ଥିତ ଲକ୍ଷ୍ମୀନାରାୟଣ ସରାକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶତ୍ରୁଘ୍ନ ସାହୁଙ୍କୁ ଆଜି ଅବସର କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ମଧୁସ୍ମିତା

ଦୁଷ୍କର୍ମ ମାମଲା: ଟ୍ୟୁସନ୍ ଶିକ୍ଷକଙ୍କୁ ୨୦ ବର୍ଷ ଜେଲ୍

ବ୍ରହ୍ମପୁର, ୮।୪(ନିପ୍ର): ଜଣେ ୩ୟ ଶ୍ରେଣୀର ଛାତ୍ରୀଙ୍କୁ ଦୁଷ୍କର୍ମ ମାମଲାର ବିଚାରଣ କରି ବ୍ରହ୍ମପୁରସ୍ଥିତ ଫାଷ୍ଟଟ୍ରାକ୍ ପୋକ୍ସୋ କୋର୍ଟର ଜଜ୍ ରୋହିତ ଲାଲ ପଣ୍ଡା ଅଭିଯୁକ୍ତ ଟିୟୁସନ୍ ଶିକ୍ଷକଙ୍କୁ ୨୦ ବର୍ଷ ଜେଲ୍ ଦଣ୍ଡରେ ଦଣ୍ଡିତ କରିଛନ୍ତି । ଦୋଷୀ ସାବ୍ୟସ୍ତ ହୋଇଥିବା ଅଭିଯୁକ୍ତ ଜଣକ ହେଲେ ଖଲ୍ଲିକୋଟ ଥାନା ଅଞ୍ଚଳର କାର୍ତ୍ତିକ ନାୟକ (୨୯) । ଜେଲ୍ ଦଣ୍ଡ ସହ ୫୦ ହଜାର ଟଙ୍କା ଜରିମାନା ଦେବାକୁ ଜଜ୍ ନିର୍ଦ୍ଦେଶ ଦେଇଛନ୍ତି । ଜରିମାନା ଅନାଦାୟ ଅତିରିକ୍ତ ୬ମାସ ଜେଲ୍ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି । ଅନ୍ୟପକ୍ଷରେ ପୀଡ଼ିତା ନାବାଳିକାଙ୍କୁ ୫ ଲକ୍ଷ ଟଙ୍କା ସହାୟତା ପ୍ରଦାନ ପାଇଁ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି । ୨୦୨୧ ଅଗଷ୍ଟ ୨୩ ରେ ଏହି ୮ ବର୍ଷର ପୀଡ଼ିତା ନାବାଳିକା ଜଣକ ସବୁଦିନ ଭଳି ଟ୍ୟୁସନ୍ ଯାଇଥିଲେ । ଟ୍ୟୁସନ୍ ସରିବା ପରେ ସେହି ଟ୍ୟୁସନ୍‌ର ଶିକ୍ଷକ ତଥା ଅଭିଯୁକ୍ତ କାର୍ତ୍ତିକ ତାଙ୍କୁ ଛାତ ଉପରକୁ ଡ଼ାକି ନେଇ ଦୁଷ୍କର୍ମ କରିଥିଲା । ନାବାଳିକା ଜଣଙ୍କ ଘରକୁ ଫେରିବା ପରେ ତାଙ୍କ ଗୁପ୍ତାଙ୍ଗରୁ ରକ୍ତସ୍ରାବ ହେଉଥିବା ବେଳେ ସେ ଯନ୍ତ୍ରଣା ଅନୁଭବ କରିଥିଲେ। ପରିବାର ଲୋକେ ପଚାରିବା ପରେ ସେ ଘଟଣା ସମ୍ପର୍କରେ କହିଥିଲେ। ଏହାପରେ ପୀଡ଼ିତାଙ୍କ ମା' ଥାନାରେ ଅଭିଯୋଗ କରିଥିଲେ । ପୋଲିସ କାର୍ତ୍ତିକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ।

ଦଣ୍ଡଯାତ୍ରା ପାଇଁ ସହର ଉତ୍ସବମୁଖର

ବ୍ରହ୍ମପୁର, ୮।୪(ନିପ୍ର) ମହାନଗର ନିଗମ ବ୍ରହ୍ମପୁର ସହରରେ ବର୍ତ୍ତମାନ ମାଁ ଦଣ୍ଡକାଳୀଙ୍କ ଦଣ୍ଡଯାତ୍ରା ଜାରି ରହିଛି । ସାଧାରଣତଃ ମାଁ ଦଣ୍ଡକାଳୀ ବିଭିନ୍ନ ଅଞ୍ଚଳ ଭ୍ରମଣ କରିବା ସହ ଦଣ୍ଡୁଆ ମାନଙ୍କ ଦ୍ୱାରା ଦଣ୍ଡଯାତ୍ରା ପରିବେଷଣ କରାଯାଇଥାଏ । ପାଟଭୁକ୍ତାଙ୍କ ସମେତ ବହୁ ଦଣ୍ଡୁଆ ଏବଂ ସେବାୟତମାନେ ଏଥିରେ ଉତ୍ସାହର ସହ ସାମିଲ ହୋଇଥିବା ପରିଲକ୍ଷିତ ହୋଇଛି । ମାଁ ଦଣ୍ଡକାଳୀଙ୍କ ଏହି ଯାତ୍ରା ପାଇଁ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହେଉଅଛି । ବର୍ତ୍ତମାନ ବ୍ରହ୍ମପୁରରେ ହଳଦିଆପଦର ଗ୍ରାମର ଚନ୍ଦ୍ର କାଳେଶ୍ୱର ଦକ୍ଷିଣ ଦଣ୍ଡକାଳୀ ଦଳ ତରଫରୁ ଦଣ୍ଡଯାତ୍ରା ପରିବେଷଣ କରାଯାଉଛି । ସେହିପରି ଗାନ୍ଧୀନଗର ଓ ତୁଳସୀନଗରରେ ଅନୁରୂପ ଦଣ୍ଡୁଆ ଦଳ ତରଫରୁ ଦଣ୍ଡନାଚ ପରିବେଷଣ କରାଯାଇଥିଲା । ସନ୍ଧ୍ୟା ସମୟରେ ଆୟୋଜିତ ମାଁ ଦଣ୍ଡକାଳୀଙ୍କ ଆଳତୀ କାର୍ଯ୍ୟକ୍ରମରେ ଅର୍ବାନ୍ ବ୍ୟାଙ୍କ ସଭାପତି ଆର୍. ମୁରଲୀ ମୋହନ, କର୍ପୋରେଟର ଆର୍. ପାବନି, ପ୍ରଦୀପ ଶତପଥୀଙ୍କ ସମେତ ବହୁକର୍ପୋରେଟର ଓ ସ୍ଥାନୀୟ ଅଞ୍ଚଳବାସୀମାନେ ଉପସ୍ଥିତଥିଲେ ।

ରେଶମ ସହର ମହୋତ୍ସବରେ ଦର୍ଶକଙ୍କ ଭିଡ଼

ବ୍ରହ୍ମପୁର, ୮।୪(ନିପ୍ର) ଦକ୍ଷିଣ ଓଡ଼ିଶାର ପ୍ରାଣକେନ୍ଦ୍ର ବ୍ରହ୍ମପୁରସ୍ଥିତ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ହେଉଥିବା ରେଶବ ସହର ମହୋତ୍ସବ ଓ ସୁଭଦ୍ରା ଶକ୍ତି ମେଳାର ଦ୍ୱିତୀୟ ଦିନରେ ସାଂସ୍କୃତିକ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଧାୟକ କେ. ଅନୀଲ୍ କୁମାର ଏବଂ ସମ୍ମାନୀତ ଅତିଥି ଭାବେ ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷର ପୂର୍ବତନ ଅଧ୍ୟକ୍ଷ ଶରତ ପଟ୍ଟନାୟକ, ସ୍ୱେଦେଶୀ ମେଳାର ରାଜ୍ୟ ଆବାହକ ରଘୁନାଥ ବେହେରା, ଗଞ୍ଜାମ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ସମୀର କୁମାର ଜେନା, ବ୍ରହ୍ମପୁର ମହାନଗର ନିଗମର କମିଶନର ସସ୍ୟା ରେଡ୍ଡି, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର ପ୍ରମୁଖ ଯୋଗ ଦେଇଥିଲେ । ଅତିଥିମାନେ ମହୋତ୍ସବର ଭବ୍ୟ ଓ ଦିବ୍ୟ ଆୟୋଜନ ପାଇଁ ସ୍ଥାନୀୟ ବିଧାୟକଙ୍କ ଉଚ୍ଚ ପ୍ରଶଂସା କରିବା ସହିତ ବ୍ରହ୍ମପୁରର ପାଟ ମଠା, ପିତଳ ସାମଗ୍ରୀ, ଆଚାର, ପାମ୍ପଡ଼ର ସ୍ୱତନ୍ତ୍ରତା, ଗଞ୍ଜାମ ଜିଲ୍ଲାର ନୌବାଣିଜ୍ୟ ଇତିହାସ, ସୁଭଦ୍ରା ଶକ୍ତି ମେଳା ଓ ଆତ୍ମ ନିର୍ଭର ଭାରତ ସ୍ୱଦେଶୀ ମେଳାରେ ସମୁଚିତ ମୂଲ୍ୟରେ ଉପଲବ୍ଧ କୃଷି ଯନ୍ତ୍ରପାତି, ପାଟ ଶାଢ଼ୀ ଓ ଅନ୍ୟାନ୍ୟ ସାମଗ୍ରୀ ଉପରେ ଆଲୋକପାତ କରିଥିଲେ । ଏହା ସହିତ ଏହି ଆୟୋଜନ ସ୍ଥାନୀୟ କଳା ଓ ସଂସ୍କୃତିକୁ ଅଧିକ ଲୋକାଭିମୁଖୀ କରୁଛି ବୋଲି କହିଥିଲେ । ଆଜିର ସଙ୍ଗୀତମୟ ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ଓଡ଼ିଶାର ସୁପ୍ରସିଦ୍ଧ କଣ୍ଠଶିଳ୍ପୀ ନବ୍ୟା, ଯାଜ୍ଞସେନୀ ଏବଂ ସଚିନଙ୍କ ଅନେକ ଲୋକପ୍ରିୟ ସଙ୍ଗୀତ ସହିତ ମା ମଙ୍ଗଳା କୋଠିଶାଳ ଗାହାଣ, ଧନତରାର କୋଠିଶାଳ ଗାହାଣ, ଗଞ୍ଜାମ କଳା ପରିଷଦର ଓଡ଼ିଶୀ ନୃତ୍ୟ, ସଙ୍ଗୀତ ଆରାଧନା ଡ଼୍ୟାନ୍ସ ଆଣ୍ଡ୍ ମ୍ୟୁଜିକ୍ ଏକାଡ଼େମୀ, ବ୍ରହ୍ମପୁରର ସମ୍ବଲପୁରୀ ନୃତ୍ୟ, ମହାବୀର ସାଂସ୍କୃତିକ ଅନୁଷ୍ଠାନ, କଳାହାଣ୍ଡିର ଘୁମୁରା ନୃତ୍ୟ, ରିଧିକା ଗ୍ରୁପ୍ ଅଫ୍ ଏକାଡ଼େମୀର ଆଧୁନିକ ନୃତ୍ୟ, ସରଞ୍ଜନା, ବ୍ରହ୍ମପୁରର ଆଦିବାସୀ ନୃତ୍ୟ ଏବଂ ସ୍ଥାନୀୟ କଳାକାରମାନଙ୍କ ନୃତ୍ୟ ସଙ୍ଗୀତ ଦର୍ଶକ ମାନଙ୍କୁ ବିଭୋର କରିଥିଲା ।

AFFIDAVIT

I Biplaba Nand Hota S/o Mr. Bibhava Nand Hota, Resident Plot No- 304 , Royal Garden, House No - 10, Aiginia, Dist - Khurda, Pin-751019, Odisha, declare by this affidavit No - 78AA518181, dt - 07.04.2026 that now onwards I shall be known as BIPLABA NANDA HOTA for all future purposes.

AFFIDAVIT

I, Hin Tareni, aged about 35 years, S/o- Trinath Tarini, resident of Village: Kantapada, PO: Mardakote, PS: Kodala, DIst: Ganjam, Odisha declared by this affidavit No. A-01, dtd- 11/03/2026 that now onwards I shall be known as **HINA TARINI** for all future purposes.

AFFIDAVIT

By virtue of an affidavit sworn before the EXECUTIVE MAGISTRATE BHADRAK on Dated 2nd April 2026, I, Mrs. LATIKA SAHU , W/o-DUKHA SAHU, Address- AT-CHARIGHARIA, Po-TARAGO, P.s-BONTH, BHADRAK-756114, Odisha, I have changed my name from " LATA SAHOO " to " LATIKA SAHU ". Henceforth, I shall be known as " LATIKA SAHU " for all purposes.
LATIKA SAHU

AFFIDAVIT

I, Gopal Prasad Kamani @ Gopal Chandra Kamani @ Gopal Prasad Agrawal, age about 74years, S/o- Basudev Prasad Agrawal , resident of ward No-9,Jagannath Pada, Po/Ps-Kesinga, Dist-Kalahandi, Pin-766012, Odisha Declared by this affidavit No: 1260, Dated 08.04.2026 that now onwards I shall be known as Gopal Prasad Agarwal for all future purposes .

AFFIDAVIT

I, Saket Agarwal, age about 36 years, S/o- Pradeep Kumar Agarwal, resident of ward No-1,in front of SD women's College, Po/Ps-Rajgangpur, Dist-Sundergarh, Pin-770017, Odisha Declared by this affidavit No: 1258, Dated 08.04.2026 that now onwards I shall be known as Saket Agrawal for all future purposes

AFFIDAVIT

I, Jagdish Prasad Kamani, age about 50 years, S/o- Gopal Prasad Agarwal, resident of ward No-12,Jagannath Pada, Po/Ps-Kesinga, Dist-Kalahandi, Pin-766012, Odisha Declared by this affidavit No: 1259, Dated 08.04.2026 that now onwards I shall be known as Jagadish Prasad Agrawal for all future purposes .

NOTICE

By virtue of an affidavit sworn before the Notary Public Bhubaneswar, dt.- 7th April 2026 , I, Lipsa Rani Shankhua, W/o Maheshwar Shankhua, At - Dudugaon, Po- Sankho, Ps. Nandipada, Dist - Kendujhar, Odisha,PIN- 758022 declare that I have changed my name from Lipsa Rani Jena (old name) to Lipsa Rani Shankhua (new name). Henceforth I shall be known as Lipsa Rani Shankhua for all purposes.
Lipsa Rani Shankhua (new name)

AFFIDAVIT

By virtue of an affidavit sworn before the Executive Magistrate Astaranga, dt- 06.04.2026,I, Ullas Muduli C/o Manei Muduli Permanent Resident of Vill/ Po-Alasahi, Ps- Astaranga, Odisha, Pin-752109, declare that I have changed my name from Babuli Muduli to Ullas Muduli. Henceforth , I shall be known as Ullas Muduli for all purposes.
Ullas Muduli

ସର୍ଭାଇକାଲ୍ କ୍ୟାନ୍ସର ଟିକା ନେଲେ ଡାକ୍ତରୀ ଛାତ୍ରଛାତ୍ରୀ

ବ୍ରହ୍ମପୁର, ୮।୪(ନିପ୍ର): ମହାରାଜା କୃଷ୍ଣଚନ୍ଦ୍ରଗଜପତି ମେଡ଼ିକାଲ୍ କଲେଜ ଓ ହସ୍‌ପିଟାଲ୍ ବ୍ରହ୍ମପୁରରେ ୧୪୦ ଡ଼ାକ୍ତରୀ ଛାତ୍ରୀଙ୍କୁ ସର୍ଭାଇକାଲ୍ କ୍ୟାନ୍ସରରୁ ସୁରକ୍ଷିତ କରିବା ପାଇଁ ଆଜି ଟୀକାକରଣ କରାଯାଇଛି ।ଏମାନଙ୍କ ବୟସ ସୀମା ୧୫ ରୁ ୨୬ ବର୍ଷ ଥିଲା ଓ ଛାତ୍ରୀମାନେ ଅତି ଆଗ୍ରହ ସହକାରେ ଏହି ଟୀକା ନେଇଥିଲେ । ବ୍ରହ୍ମପୁରର ଅବସ୍ଥାପିତ ଅବସ୍ଟ୍ରିଟ୍ସ ଏଣ୍ଡ୍ ଗାଇନୋଲୋଜି ସୋସାଇଟି ମାଧ୍ୟମରେ ମାଗଣାରେ ଏହି ହ୍ୟୁମନ୍ ପାପିଲୋମା ଭାଇରସ୍ ଟିକାକରଣ କରାଯାଇଛି । ପୂର୍ବରୁ ୧୬୦ ଜଣ ଛାତ୍ରୀଙ୍କୁ ଏଭଳି ଭାବେ ଟୀକାକରଣ କରାଯାଇଛି । ଜାତୀୟ ସ୍ତରରେ ଖ୍ୟାତି ସମ୍ପନ୍ନ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ପ୍ରଫେସର ଡ଼ାକ୍ତର ଭାରତୀ ମିଶ୍ର, ଡ଼ାକ୍ତର ଇନ୍ଦିରା ପାଳ, ଡ଼ାକ୍ତର ପି. ସୁଲେଖା ପ୍ରମୁଖ ଉପସ୍ଥିତଥିଲେ । ସେରମ୍ ଇନ୍‌ଷ୍ଟିଚ୍ୟୁଟ୍ ଦ୍ୱାରା ଭାରତରେ ସ୍ୱଦେଶୀ ଢ଼ାଞ୍ଚା ରେ ନିର୍ମିତ କେରଭାଭେସ୍ ଏଚ୍‌ପିଭି ଟୀକା ସମସ୍ତଙ୍କୁ ଏହି କ୍ରମରେ ଦିଆଯାଉଛି ବୋଲି ଫିଲ୍ଡ ଷ୍ଟାଫ୍ ଏସ୍ ଶ୍ରୀନିବାସ ଓ ବୀରେନ୍ଦ୍ର ଦୋରା ପ୍ରକାଶ କରିଛନ୍ତି । ଏଚ୍‌ପିଭିର ୬, ୧୧, ୧୬ ଓ ୧୮ ରୁଚୁ କେରଭାଭେସ୍ ପ୍ରତିହତ କରିଥାଏ । ପ୍ରସିଦ୍ଧ ଶତାୟୁ ସ୍ତ୍ରୀରୋଗ ବିଶେଷଜ୍ଞ ପ୍ରଫେସର ଡ଼ାକ୍ତର କେ. ଲକ୍ଷ୍ମୀ ବାଇ କିଶୋରୀ କନ୍ୟାମାନଙ୍କ ପାଇଁ ସର୍ଭାଇକାଲ୍ କ୍ୟାନ୍ସର ଟିକାକରଣକୁ ସମର୍ଥନ କରିବାରେ ପୂର୍ବରୁ ଯେଉଁ ୩ଲକ୍ଷ ଟଙ୍କା ସୋସାଇଟିକୁ ଦାନ କରିଛନ୍ତି, ତାହାର ଅଂଶ ସ୍ୱରୂପ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ମେଡ଼ିକାଲ୍ କଲେଜ ଓ ହସ୍‌ପିଟାଲ୍ ବ୍ରହ୍ମପୁରରେ ଏଭଳି କାର୍ଯ୍ୟକ୍ରମ ଗ୍ରହଣ କରାଗଲା । ଭାରତରେ ଏଚ୍‌ପିଭି ଯୋଗୁଁ ପ୍ରତିବର୍ଷ ହଜାର ହଜାର ମହିଳା ସର୍ଭିକାଲ୍ କ୍ୟାନ୍ସର ରେ ମୃତ୍ୟୁବରଣ କରିଥାନ୍ତି । ଏହାକୁ ପ୍ରତିହତ କରିବା ଏହି ଅଭିଯାନର ମୂଳ ଲକ୍ଷ୍ୟ ।

୩୦ ମେଧାବୀ ବିଦ୍ୟାର୍ଥୀଙ୍କୁ ଛାତ୍ରବୃତ୍ତି ପ୍ରଦାନ

ବ୍ରହ୍ମପୁର, ୮।୪(ନିପ୍ର): ଟିପିଏସ୍‌ଓଡ଼ିଏଲ୍ ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ, ସମୁଦାୟର ମଙ୍ଗଳ ଏବଂ ଯୁବ ଶକ୍ତିକୁ ସଶକ୍ତ କରିବା ଦିଗରେ ଥିବା ତାର ପ୍ରତିବଦ୍ଧତାକୁ ଦୋହରାଇଛି । ଏହି କ୍ରମରେ ଦକ୍ଷିଣ ଓଡ଼ିଶାର ୩୦ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ଛାତ୍ରବୃତ୍ତି ପ୍ରଦାନ କରାଯାଇଛି । ଯାହା ସେମାନଙ୍କୁ ସେମାନଙ୍କର ଶୈକ୍ଷିକ ଯାତ୍ରାରେ ବିଶେଷ ଭାବରେ ସହାୟକ ହେବ । କମ୍ପାନୀ ତରଫରୁ ନିଆଯାଇଥିବା ଏହି ପଦକ୍ଷେପ ଏହି ଭବିଷ୍ୟତ ପ୍ରସ୍ତୁତ ପ୍ରତିଭା ବିକଶିତ କରିବା ଦିଗରେ ଏବଂ ଆର୍ଥିକ ଓ ଅବହେଳିତ ବର୍ଗଙ୍କୁ ସଶକ୍ତ କରିବା ପ୍ରତି ଥିବା ସଂକଳ୍ପକୁ ଦର୍ଶାଏ । ଛାତ୍ରବୃତ୍ତି ପାଇଁ ଚୟନ ହୋଇଥିବା ସମସ୍ତ ଛାତ୍ରଛାତ୍ରୀମାନେ ବିଭିନ୍ନ ସରକାରୀ ପଲିଟେକ୍‌ନିକ୍ ଏବଂ ଶିଳ୍ପ ତାଲିମ୍ ଅନୁଷ୍ଠାନରେ ଡ଼ିପ୍ଲୋମା ଏବଂ ଆଇଟିଆଇ ପାଠ୍ୟକ୍ରମର ବିଭିନ୍ନ ବିଭାଗରେ ଅଧ୍ୟୟନରତ ଅଛନ୍ତି । ଏହି ଛାତ୍ରବୃତ୍ତି ପଦକ୍ଷେପ ମାଧ୍ୟମରେ ପ୍ରାୟ ୮୦ଟି ଆବେଦନ ଆସିଥିବା ବେଳେ ତନ୍ମଧ୍ୟରୁ ବିଭିନ୍ନ ପ୍ରକ୍ରିୟା ମାଧ୍ୟମରେ ୩୦ ଜଣ ଛାତ୍ରଛାତ୍ରୀଙ୍କୁ ଟିପିଏସ୍‌ଓଡ଼ିଏଲ୍ ତରଫରୁ ଚୟନ କରାଯାଇଥିଲା । ଏହି ଛାତ୍ରବୃତ୍ତି ପ୍ରଦାନର ମୂଳ ଉଦ୍ଦେଶ୍ୟ ହେଉଛି ପ୍ରଯୁକ୍ତି ବିଦ୍ୟା ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କୁ ଆର୍ଥିକ ସ୍ତରରେ ସଶକ୍ତ କରିବା ଏବଂ ଉତ୍ସାହିତ କରିବା । ଏହି ଅବସରରେ ଟିପିଏସ୍‌ଓଡ଼ିଏଲ୍ ତରଫରୁ ୩୩ ଜଣ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ଯେଉଁମାନେ ଟିପିଏସ୍‌ଓଡ଼ିଏଲ୍‌ର ଅନୋଖା ଧାଗା ସେଣ୍ଟରରେ ସିଲାଇ ପ୍ରଶିକ୍ଷଣ ସମାପ୍ତ କରୁଛନ୍ତି ସେମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଛି । ଏହି ପ୍ରଶିକ୍ଷଣ ସେମାନଙ୍କୁ ସ୍ୱାବଲମ୍ବୀ ହେବା ଏବଂ ଆର୍ଥିକ ସ୍ତରରେ ସଶକ୍ତ କରିବା ଦିଗରେ ବିଶେଷ ଭାବରେ ସହାୟକ ହେବ । ଶ୍ରୀ ସୁନୀଲ୍ ସିଂହ, ନିର୍ଦ୍ଦେଶକ, ଟିପିଏସ୍‌ଓଡ଼ିଏଲ୍ ଏହି ଅବସରରେ କହିଛନ୍ତି ମୁଁ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଉଛି ।

ପ୍ରଥମ ପୃଷ୍ଠାରୁ...

୪୦କୋଟି ନିବେଶରେ...

କାର୍ଯ୍ୟକ୍ରମ ଆରମ୍ଭରେ ମୁଖ୍ୟମନ୍ତ୍ରୀ ଦେଶର ବିଭିନ୍ନ ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା ଶିଳ୍ପପତିମାନଙ୍କ ସହ ଏକ ସ୍ୱତନ୍ତ୍ର ରାଉଣ୍ଡଟେବୁଲ ବୈଠକରେ ଯୋଗଦେଇ ରାଜ୍ୟରେ ଆରମ୍ଭ ହେବାକୁ ଥିବା ବିଭିନ୍ନ ପ୍ରକଳ୍ପ ବିଷୟରେ ଆଲୋଚନା କରିଥିଲେ। କହିଥିଲେ,ରାଜ୍ୟରେ ଶିଳ୍ପ ଉନ୍ନତି ପାଇଁ ଓଡିଶା ସରକାର ସମସ୍ତ ପ୍ରକାରର ସହଯୋଗ ଯୋଗାଇବାକୁ ପ୍ରତିବଦ୍ଧ। ଜମି, ବିଦ୍ୟୁତ, ପାଣି ଓ ଯୋଗାଯୋଗ ପରି ସମସ୍ତ ଆବଶ୍ୟକୀୟ ସୁବିଧା ପୂର୍ବରୁ ଆମ ସରକାର ଯୋଗାଇ ଆସୁଛନ୍ତି ଏବଂ ଆଗକୁ ମଧ୍ୟ ଯୋଗାଇବେ। ଏହାସହିତ ଶିଳ୍ପ ପ୍ରତିଷ୍ଠା ପାଇଁ ଆବଶ୍ୟକ ସମସ୍ତ ଅନୁମୋଦନ ସମୟତା ମଧ୍ୟ ମିଳିବ। କୌଣସି ସମସ୍ୟା ହେଲେ ଶିଳ୍ପପତିମାନେ ସିଧାସଳଖ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ସହ ସମ୍ପର୍କ କରି ସମାଧାନ ପାଇପାରିବ। ସାଧାରଣ ସଭା ପରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ଶିଳ୍ପ ଅନୁଷ୍ଠାନ ଦ୍ୱାରା ଆୟୋଜିତ ପ୍ରକଳ୍ପ ଗୁଡିକର ପ୍ରଦର୍ଶନୀ ବୁଲି ଦେଖିବା ସହିତ କମ୍ପାନୀର କର୍ମଚାରୀ ମାନଙ୍କ ସହ କଥା ହୋଇଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ, ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଆଦାନୀ ପୋର୍ଟସ୍ ଆଣ୍ଡ ଏସ୍‌ଇଜେଡର ମ୍ୟାନେଜିଂ ଡାଇରେକ୍ଟର କରନ୍ ଆଦାନୀ ଏବଂ ଶିଳାନ୍ୟାସ ଓ ଉଦ୍‌ଘାଟନ ହେଉଥିବା ବିଭିନ୍ନ କମ୍ପାନୀର ପ୍ରତିନିଧି।

ଖସିଲା ଅଶୋଧିତ....

ଅଟୋ, ରିଅଲ୍‌ଟି ଏବଂ ବ୍ୟାଙ୍କିଂ ଷ୍ଟକ୍‌ରେ ପ୍ରବଳ କିଣାବିକା ହୋଇଛି। ନିଫ୍ଟିର ଅଟୋ ଏବଂ ରିଅଲ୍‌ଟି ସୂଚକାଙ୍କ ବୃଦ୍ଧି ପାଇଛି ପ୍ରାୟ ୫%। ସରକାରୀ ବ୍ୟାଙ୍କ ଇଣ୍ଡେକ୍ସ ଏବଂ ମେଟାଲ ଇଣ୍ଡେକ୍ସ ମଧ୍ୟ ୩% ରୁ ଅଧିକ ବୃଦ୍ଧି ପାଇଛି। ଏଫ୍‌ଏମ୍‌ସିଜି ଓ ତୈଳ ଏବଂ ଗ୍ୟାସ ଇଣ୍ଡେକ୍ସ ୨% ରୁ ଅଧିକ ବୃଦ୍ଧି ପାଇଛି।

ରତ୍ନଭଣ୍ଡାର ଗଣତିମଣତି ...

ଏସ୍‌ଓପି ଅନୁସାରେ ଗଣତିମଣତି ଆରମ୍ଭ ହୋଇଛି। ପ୍ରତ୍ୟେକ ମୂଲ୍ୟବାନ ଜିନିଷର ୩ଡି ମ୍ୟାପିଂ କରାଯାଉଛି। ଏହା ଦ୍ୱାରା ପୂର୍ଣ୍ଣ ଛବି ମିଳିପାରିବ।

ଗଜପତି କହିଛନ୍ତି, ମହାପ୍ରଭୁଙ୍କର ଅଳଙ୍କାର ଭ୍ୟାଲୁଏସ ପାଇଁ ଯୋଜନା ନାହିଁ। ମହାପ୍ରଭୁଙ୍କ ଗହଣାର ବିସ୍ତୃତ ବିବରଣୀ ରଖାଯାଉଛି। ଏହା ଦ୍ୱାରା ଭବିଷ୍ୟତରେ କେଣସି ଅସୁବିଧା ହେବ ନାହିଁ। ବାହାର ରତ୍ନଭଣ୍ଡାର ଗଣତିମଣତି ପରେ ଭିତର ରତ୍ନଭଣ୍ଡାରର ଗଣତିମଣତି ହେବ। ମହାପ୍ରଭୁଙ୍କ ଦର୍ଶନରେ କେଣସି ଅସୁବିଧା ନାହିଁ। ଗଣତିମଣତିର ସମୟ ସୀମା ନାହିଁ। ଶ୍ରଦ୍ଧାଳୁମାନେ ଭଲଭାବରେ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି। ମହାପ୍ରଭୁଙ୍କ ଇଚ୍ଛା ଅନୁସାରେ ଏହି କାମ ସଂପାଦିତ ହେବ। ପର୍ବଦିନଗୁଡ଼ିକରେ ଗଣତିମଣତି ହୋଇପାରିବ ନାହିଁ। ଯେଉଁଦିନ ମନ୍ଦିରରେ ଶ୍ରଦ୍ଧାଳୁମାନଙ୍କର ଭିଡ଼ ରହିବ, ସେଦିନ ଗଣତିମଣତି ସ୍ଥଗିତ ରଖାଯିବା ସମୟ ଲାଗୁ ପଛେ ମହାପ୍ରଭୁଙ୍କ କାମ ଭଲରେ ହେଉ।

ନିଯୁକ୍ତି ପାଇବେ ୧୩୬୩ ଜୁନିୟର...

ଜିଲ୍ଲାଭିତ୍ତିକ ଖାଲି ଥିବା ପଦବୀ ସଂଖ୍ୟା ସହିତ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଏବଂ ସାମାଜିକ ଓ ଶିକ୍ଷାଗତ ପଛୁଆ ବର୍ଗ, ମହିଳା, ଦିବ୍ୟାଙ୍ଗ, ଏକ୍ସ ସର୍ଭିସମ୍ୟାନ ଏବଂ କ୍ରୀଡ଼ାବିତ୍‌ଙ୍କ ପାଇଁ ଆବଶ୍ୟକୀୟ ସଂରକ୍ଷଣ ନିମନ୍ତେ ଏହି ଚିଠିରେ ଉଲ୍ଲେଖ ରହିଛି। ଏହି ନିଯୁକ୍ତି ସମ୍ବନ୍ଧରେ ଜିଲ୍ଲାପାଳମାନଙ୍କୁ ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ ସହ ଆଲୋଚନା କରି ଶୀଘ୍ର ଅନଲାଇନ ଆବେଦନ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟ ସରକାରଙ୍କ ଏହି ପଦକ୍ଷେପ ରାଜସ୍ୱ ପ୍ରଶାସନର କ୍ଷମତା ବୃଦ୍ଧି ସହ ଜନସେବା ପ୍ରଦାନକୁ ଅଧିକ ସୁଦୂରପ୍ରସାରୀ କରିପାରିବ ବୋଲି ରାଜସ୍ୱ ସଚିବ ଆଶା ପ୍ରକାଶ କରିଛନ୍ତି ।

** କ୍ୟାନ୍‌ସର ହସ୍ପିଟାଲ୍‌କୁ ଲାଗି Yello Zone Plot ବର୍ଗଫୁଟ 800/- ରେ ବିକ୍ରି ହେଉଛି । Near by cancer hospital yellow zone plot per sqft- 800 /- for sale Contact: 9348317070, 8260495939**

18000sqft residential land with 1000sqft building for immediate sale near Padmapur Highschool (Pirabazar, Jagatpur), Cuttack. 7377889988

ଶ୍ରୀ ଅରବିନ୍ଦ ପୂର୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ର
ମାତୃ ବିହାର, ନାମ୍ପୋ, ବାଲେଶ୍ୱର
ୟୁ ଡାଇସ୍ କୋଡ- ୨୧୦୮୦୫୧୧୦୭୨
ଏତ

ରାୟଗଡ଼ାରେ ବର୍ଣ୍ଣବୋଧ ଦିବସ ପାଳିତ

ରାୟଗଡ଼ା: ୮/୪(ନି.ପ୍ର): ରାୟଗଡ଼ା ଜିଲ୍ଲା ପ୍ରଶାସନ ତରଫରୁ ବର୍ଣ୍ଣବୋଧ ଦିବସ ପାଳିତ ହୋଇଛି । ସ୍ଥାନୀୟ ଗାନ୍ଧିନଗର ଏବଂ ଇନ୍ଦିରା ନଗର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପାଳିତ ଏହି ଦିବସରେ ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ସୁସ୍ମିତା ବାଉରୀ , ରାୟଗଡ଼ା ଅତିରିକ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ କାଳୁ ଚରଣ ନାୟକ, ଗ୍ରାମ ପଞ୍ଚାୟତ ବିକାଶ ଅଧିକାରୀ ସ୍ମୃତି ରେଖା ନାୟକ, ବରିଷ୍ଠ ଶିକ୍ଷକ ନୀଳାଞ୍ଚଳ ମିଶ୍ର , ପ୍ରଧାନ ଶିକ୍ଷକ ପ୍ରତାପ ଚନ୍ଦ୍ର ବାତରିଆ ଓ ପ୍ରମିଳା ପଣ୍ଡା ପ୍ରମୁଖ ଯୋଗଦେଇ ଶିଶୁବାଟିକା , ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ପିଲାଙ୍କୁ ଛବିଳ ବର୍ଣ୍ଣବୋଧ ଏବଂ ତୃତୀୟ ଓ ଚତୁର୍ଥ ଶ୍ରେଣୀ ପିଲାଙ୍କୁ ଶିଶୁ ଲେଖା ଗଳ୍ପ ପୁସ୍ତକ ବଣ୍ଟନ କରିଥିଲେ । ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଏଥିରେ ସହଯୋଗ କରିଥିଲେ । ଜିଲ୍ଲାପାଳ ରାୟଗଡ଼ାଙ୍କ ପତ୍ର ସଂଖ୍ୟା ୯୪୯ ତା ୩୦.୩.୨୦୨୬ ଅନୁସାରେ ଜିଲ୍ଲାରେ ଓଡ଼ିଶା ଦିବସ ଠାରୁ ଓଡିଆ ପକ୍ଷ ପାଳନ କରାଯାଉଛି । ପଞ୍ଚାୟତ ସମିତି ରାୟଗଡ଼ା ତରଫରୁ କୁନି କୁନି ପିଲାଙ୍କୁ ବର୍ଣ୍ଣବୋଧ ସହ ମିଷ୍ଟାନ୍ନ ମଧ୍ୟ ବଣ୍ଟନ କରାଯାଇଥିଲା । ଓଡିଆ ଭାଷା ଓ ସାହିତ୍ୟର ସୁରକ୍ଷା ନିମନ୍ତେ ବର୍ଣ୍ଣବୋଧର ଆବଶ୍ୟକତା ବିଷୟରେ ପିଲାଙ୍କୁ ସଚେତନ କରାଯାଇଥିଲା । ଏହି ଅବସରରେ ପିଲାଏ ମାନଙ୍କୁଆଁ ଗୀତ ଓ ଗପ କହି ସମସ୍ତ ଶିଶୁଙ୍କ ମନ ମୋହିଥିଲେ । ସେହିଭଳି ଅନେକ ବିଦ୍ୟାଳୟ ସ୍ତରରେ ଛବିଳ ବର୍ଣ୍ଣବୋଧ ପିଲାଙ୍କୁ ବଣ୍ଟନ କରାଯାଇ ବ୍ଲକ ସ୍ତରୀୟ ବର୍ଣ୍ଣବୋଧ ଦିବସ ପାଳନ କରାଯାଇଥିଲା । ବର୍ଣ୍ଣବୋଧ ରେ ସୁଲଳିତ କବିତା, କ୍ଷୁଦ୍ର ଗଳ୍ପ ସହ ଯୁକ୍ତାକ୍ଷର ଆଦି ଶିକ୍ଷାର ବ୍ୟବସ୍ଥା ଥିବାରୁ ଏହା ଓଡିଆ ଭାଷା ଓ ସଂସ୍କୃତିର ପ୍ରାଣକେନ୍ଦ୍ର ଅଟେ । ଶିଶୁବାଟିକା ତଥା ବିଦ୍ୟାଳୟ ଶିକ୍ଷାର ପ୍ରାରମ୍ଭରେ ବର୍ଣ୍ଣବୋଧ ପିଲାଙ୍କ ଭାଷାଶୁଦ୍ଧି ସହ ମାତୃଭାଷାର ମୂଳଦୁଆକୁ ସୁଦୃଢକରେ । ଏଣୁ ଓଡ଼ିଶା ସରକାରଙ୍କ ଓଡିଆ ଭାଷା , ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ଓଡିଆ ଭାଷା ପ୍ରତିଷ୍ଠାନ ତରଫରୁ ଏହାକୁ ବିଶେଷ ଗୁରୁତ୍ୱ ପ୍ରଦାନ କରାଯାଉଥିବା ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ସୁସ୍ମିତା ବାଉରୀ କହିଛନ୍ତି ।

ଓଡ଼ିଆ ପକ୍ଷ ପାଳନର ଅଷ୍ଟମ ଦିବସରେ ରକ୍ତଦାନ ଅଭିଯାନ

ସମ୍ବଲପୁର, ୦୮।୪ ଓଡ଼ିଆ ପକ୍ଷ୨୦୨୬ ପାଳନ ଉପଲକ୍ଷେ ଆଜି ସମ୍ବଲପୁର ଜିଲ୍ଲା ରେ ରକ୍ତଦାନ ଅଭିଯାନ ଦିବସ ରେଡ଼କ୍ରସ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ର ସହଯୋଗ ରେ ବିଇଡି କଲେଜ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଓ ଗୋଶାଳା ଠାରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଆମ ମାତୃଭାଷାର ଗୌରବ ଗାନ ସହ ଜୀବନ ରକ୍ଷା ଭଳି ମହତ କାର୍ଯ୍ୟକୁ ଯୋଡ଼ିବା ପାଇଁ ଏହି ଅଭିନବ ପ୍ରୟାସ କରାଯାଇଛି । ଯେଉଁଠି ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ ମାନେ ଅଂଶଗ୍ରହଣ କରି ରକ୍ତଦାନ କରିଥିଲେ, ଆଜି ଦିନରେ ସମୁଦାୟ ୯୫ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା।

କର୍ତ୍ତବ୍ୟନିଷ୍ଠ ସୁଦକ୍ଷ କର୍ମୀ ଅନୁଷ୍ଠାନର ସମ୍ପଦ ଡଃ ତିରୁପତି ପାଣିଗ୍ରାହୀ

ଭୁବନେଶ୍ୱର, ୮।୪(ନିପ୍ର): ହାଇଟେକ ମେଡିକାଲ କଲେଜ ଏବଂ ହସ୍ପିଟାଲ ଓଡିଶାର ସର୍ବ ପ୍ରଥମ ଘରୋଇ ହସ୍ପିଟାଲ ଭାବରେ ସମଗ୍ର ଓଡିଶା ଓ ଭାରତରେ ସୁଖ୍ୟାତି ଅର୍ଜନ କରିବାରେ ଲାଗିଛି । ଓଡ଼ିଶାରେ ସ୍ୱାସ୍ଥ୍ୟଶିକ୍ଷା ଚିକିତ୍ସା ଓ ସେବା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିଥିବା ଅନୁଷ୍ଠାନର ସୁଦକ୍ଷ ଚିକିତ୍ସାବିତ, ପାରାମେଡିକାଲ ଷ୍ଟାଫ, ନର୍ସିଙ୍ଗ ଷ୍ଟାଫ , ଫାର୍ମାସିଷ୍ଟ ସମସ୍ତେ ଅନୁଷ୍ଠାନକୁ ସମୁଜ୍ଜ୍ୱଳ କରିବାରେ ଲାଗିଛନ୍ତି । ବିଶେଷ କରି ହାଇଟେକ ମେଡିକାଲ କଲେଜ ଓ ହସ୍ପିଟାଲର ହୃଦବକ୍ଷଶଲ୍ୟ ଚିକିତ୍ସା ବିଭାଗର ସୁଦକ୍ଷ ଚିକିତ୍ସାବିତ ପ୍ରଫେସର ଡାକ୍ତର ରିତେଶ କୁମାର ଆଚାର୍ଯ୍ୟ , ସହଯୋଗୀ ପ୍ରଫେସର ଡାକ୍ତର ସ୍ମୃତି ପ୍ରକାଶ ସାହୁ ବିଶେଷ ସ୍ୱାସ୍ଥ୍ୟ ସେବା ଯୋଗାଇଦେଇ ସମାଜର ପ୍ରତିଟି ବର୍ଗର ଲୋକଙ୍କ ପାଖରେ ଆଦରର ପାତ୍ର ହେବାରେ ଲାଗିଛନ୍ତି । ଏଥିପାଇଁ ହାଇଟେକ ଗ୍ରୁପ୍‌ର ଅଧକ୍ଷ ଡଃ ତିରୁପତି ପାଣିଗ୍ରାହୀ ସମ୍ବର୍ଧନା କରିବା ସହିତ କହିଥିଲେଯେ, ପ୍ରତ୍ୟେକ ଅନୁଷ୍ଠାନର ସୁଦକ୍ଷ ଏବଂ କର୍ମଯୋଗୀ କର୍ମଚାରୀ ମାନଙ୍କ ପାଇଁ ଅନୁଷ୍ଠାନ ସ୍ୱର୍ଣ୍ଣମୟ ହୋଇଥାଏ ଏବଂ ସେମାନେହିଁ ଅନୁଷ୍ଠାନର ସମ୍ପଦ ଓ ମୂଳପୁଞ୍ଜି . ଏହି ଅବସରରେ ହାଇଟେକ ମେଡିକାଲ କଲେଜ ଏବଂ ହସ୍ପିଟାଲର ଟ୍ରଷ୍ଟି ତଥା ନିର୍ଦ୍ଦେଶିକା ମଧୁସ୍ମିତା ତ୍ରିପାଠୀ ଯୋଗଦେଇ ଯୋଗଦେଇ ସମସ୍ତ ଡାକ୍ତର ଏବଂ ଷ୍ଟାଫ ମାନଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଧିତ କରିଥିବାବେଳେ ମେଡିକାଲ ସୁପରୀଟେଣ୍ଡେଣ୍ଟ ଡ଼କ୍ଟର ରବିନ୍ଦ୍ରନାଥ ବେହେରା ଡେପୁଟି ସୁପରୀ ଟେଣ୍ଡେଣ୍ଟ ଡ଼କ୍ଟର ଚନ୍ଦନ ସାମନ୍ତରାୟ ଆଗାମୀ ଦିନରେ ସମସ୍ତେ ମେଡିକାଲର କାର୍ଯ୍ୟ ପ୍ରଣାଳୀକୁ ମନଯୋଗ ସହକାରେ ସେବା ଯୋଗାଇ ଦେବାରେ ପ୍ରତିଶ୍ରୁତି ବଦ୍ଧତାକୁ ଦୃଢତାର ସହିତ କାର୍ଯ୍ୟକରିବେ ବୋଲି କହିଥିଲେ।

ଇଗ୍ନୋର ସମାବର୍ତ୍ତନ ଉତ୍ସବ

ଭୁବନେଶ୍ୱର, ୮/୪(ନିପ୍ର): ଇଣ୍ଦିରା ୩୯ତମ ସମାବର୍ତ୍ତନ ଉତ୍ସବ ଏହାର ନୂଆ ନୂଆଦିଲ୍ଲୀ ମୁଖ ମୁଖ୍ୟାଳୟ ସମେତ ଦେଶର ବିଭିନ୍ନ ଆଞ୍ଚଳିକ କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ଇଗ୍ନୋ ଆଞ୍ଚଳିକ କେନ୍ଦ୍ର ଭୁବନେଶ୍ୱର ୩୯ ପକ୍ଷରୁ ଜୟଦେବ ଭବନରେ ଆୟୋଜିତ ଉତ୍ସବରେ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବିନାରାୟଣ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ସଫଳ ବିଦ୍ୟାର୍ଥୀମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା, ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କରଦକ୍ଷତା, ଜ୍ଞାନ ବିକଶିତ ଭାରତ ୨୦୪୭ ପାଇଁ ଏକ ବଡ଼ ଯୋଗଦାନ ଦେବ ବୋଲି କହିଥିଲେ। କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ନରସିଂହ ଚରଣ ପଣ୍ଡା ଅନ୍ୟତମ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଶିକ୍ଷାର୍ଥୀଙ୍କ ଦ୍ୱାରା ଦେଶରେ ଉଚ୍ଚଶିକ୍ଷା ପହଞ୍ଚାଇବାରେ ଇଗ୍ନୋର ଭୂମିକାକୁ ପ୍ରଶଂସା କରିଥିଲେ। ଇଗ୍ନୋ ଭୁବନେଶ୍ୱରର ଆଞ୍ଚଳିକ ନିର୍ଦ୍ଦେଶକ ଏମ୍. କେ ଦାଶ ଜଣାଇ ଗତ ଏକ ବର୍ଷରେ ଇଗ୍ନୋ ଆଞ୍ଚଳିକ କେନ୍ଦ୍ର କାର୍ଯ୍ୟକଳାପର ଏକ ସଂକ୍ଷିପ୍ତ ରିପୋର୍ଟ ଉପସ୍ଥାପନ କରିଥିଲେ। ଉପନିର୍ଦ୍ଦେଶକ ବିମଳ ଚନ୍ଦ୍ର ନନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅତିରିକ୍ତ ନିର୍ଦ୍ଦେଶକ ଏସ୍.କେ. ପାଣିଗ୍ରାହୀ, ଉପନିର୍ଦ୍ଦେଶକ ପିକେ ଜେନା ଉପସ୍ଥିତ ଥିଲେ। ଇଗ୍ନୋର ୩.୨୪ ଲକ୍ଷ ବିଦ୍ୟାର୍ଥୀଙ୍କୁ ଡିଗ୍ରି ପ୍ରଦାନ କରାଯାଇଥିଲା । ଯେଉଁଥିରେ ଆଞ୍ଚଳିକ କେନ୍ଦ୍ର ଭୁବନେଶ୍ୱରର ୩୪୧୦ ମାଷ୍ଟର ଡିଗ୍ରି, ୨୬୬୮ ସ୍ନାତକଡିଗ୍ରି, ୨୪୩ଜଣ ପିଜିଡିପ୍ଲୋମାପିଜି ସାର୍ଟିଫିକେଟ୍, ୩୮୯ ଡିପ୍ଲୋମା ଓ ୪୦୪ ଜଣ ସାର୍ଟିଫିକେଟ୍ ଛାତ୍ରଛାତ୍ରୀ ରହିଥିଲେ

ଦେଶୀ ମଦ ଓ ମହୁଲ ପୋଚ ଜବତ, ୩ ଗିରଫ

ରାଇରଙ୍ଗପୁର/ବହଳଦା, ୦୮/୦୪ (ନିପ୍ର): ଅବକାରୀ ଅଧିକ୍ଷକ ଶ୍ରୀ ପ୍ରଶାନ୍ତ କୁମାର କହଁରଙ୍କ ନିର୍ଦ୍ଦେଶକ୍ରମେ ଓ ବହଳଦା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ଶ୍ରୀ ରଣଜିତ ସବରଙ୍କ ନେତୃତ୍ୱରେ ଗଠିତ ଏକ ସ୍ୱତନ୍ତ୍ର ଟିମ ଦ୍ୱାରା ତିରିଂ ଓ ବହଳଦା ଥାନା ଅନ୍ତର୍ଗତ ଇନ୍ଦକୁଳି, ବାଡେପଟକା ଓ ଶଶ ଗ୍ରାମ ଅଞ୍ଚଳରେ ଚଢ଼ାଉ କରାଯାଇ ୨୦୨ ଲିଟର ଦେଶୀ ରନ୍ଧା ମଦ ଏବଂ ୭.୫୦୦ ଲିଟର ଝାଡ଼ଖଣ୍ଡ ଓ ୨୨୫୦ ଲିଟର ମହୁଲ ପୋଚ ଜବତ କରିବା ସହିତ ଏଥିରେ ସମ୍ପୃକ୍ତ ମୋଟ ୦୩ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି ଜବତ ଦେଶୀ ରନ୍ଧା ମଦ, ଓ ମହୁଲ ପୋଚର ଆନୁମାନିକ ମୂଲ୍ୟ ୦୩ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି ଉକ୍ତ ଚଢ଼ାଉରେ ସହ ଉପ-ନିରୀକ୍ଷକ ସୁସାନ୍ତ କୁମାର ନାୟକ, କନେଷ୍ଟବଳ ସୁରେନ୍ଦ୍ର ସୋରେନ, ରାଜେନ୍ଦ୍ର ସେନାପତି, ଲଲାଟେନ୍ଦୁ ଶତପଥୀ, ଫୁଲମଣି ହାଁସଦାଃ ପ୍ରଭୃତି ସାମିଲ ଥିଲେ । ଏନେଇ ବହଳଦା ଅବକାରୀ ଥାନା ପକ୍ଷରୁ ୦୬ ଗୋଟି ମାମଲା ରୁଜୁ କରାଯାଇଛି ।

ବିଶ୍ୱାସ ପ୍ଲସ ଟୁ ସାଇନ୍ସ କଲେଜରେ ପ୍ରତିଭା ପରୀକ୍ଷା

ଭୁବନେଶ୍ୱର,୮।୪(ନିପ୍ର) ବିଶ୍ୱାସ ନର୍ସିଂ ଏବଂ ପାରାମେଡିକାଲ୍ କଲେଜ ଦ୍ୱାରା ୫ ଏପ୍ରିଲ ୨୦୨୬ରେ ପିତାପଲିର ବିଶ୍ୱାସ ପ୍ଲସ୍ ଟୁ ସାଇନ୍ସ କଲେଜରେ ପ୍ରତିଭା ପରୀକ୍ଷା – ୨୦୨୬ ସଫଳତାର ସହ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ୨୮୯ ଜଣ ଛାତ୍ରଛାତ୍ରୀ ଉତ୍ସାହଜନକ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମଟି କର୍ମଚାରୀଙ୍କ ଏକତ୍ରିତ ହେବା ସହିତ ଆରମ୍ଭ ହୋଇଥିଲା ଏବଂ ପରେ ଛାତ୍ରଛାତ୍ରୀଙ୍କ ରିପୋର୍ଟିଂ ଏବଂ ପଞ୍ଜୀକରଣ କରାଯାଇଥିଲା। ପ୍ରକ୍ରିୟାଟି ସୁଗମ ଏବଂ ବ୍ୟବସ୍ଥିତ ଭାବରେ ସମ୍ପାଦିତ ହୋଇଥିଲା। ପରବର୍ତ୍ତୀ ସମୟରେ, ସମସ୍ତ ଅଂଶ ଗ୍ରହଣକାରୀଙ୍କ ପାଇଁ ଉପଯୁକ୍ତ ଆସନ ବ୍ୟବସ୍ଥା ସୁନିଶ୍ଚିତ କରି ପରୀକ୍ଷା ହଲ୍ ବଣ୍ଟନ କରାଯାଇଥିଲା।ପ୍ରତିଭା ପରୀକ୍ଷା ଏକ ସୁଶୃଙ୍ଖଳିତ ଏବଂ ସଂଗଠିତ ଉପାୟରେ ପରିଚାଳିତ ହୋଇଥିଲା। ଛାତ୍ରଛାତ୍ରୀମାନେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ ଏବଂ ସେମାନଙ୍କର ଜ୍ଞାନ ଏବଂ ଶୈକ୍ଷିକ ଦକ୍ଷତାକୁ ଅତ୍ୟନ୍ତ ଉତ୍ସାହର ସହିତ ପ୍ରଦର୍ଶନ କରିଥିଲେ।ଏହି କାର୍ଯ୍ୟକ୍ରମକୁ ଅଧକ୍ଷ ଡକ୍ଟର ପ୍ରଜ୍ଞାନ ରଞ୍ଜନ ଘରାଇ, ସଚିବ ଡକ୍ଟର ନନ୍ଦିନୀ ଘରାଇ, ନିର୍ଦ୍ଦେଶକ ଡକ୍ଟର ଏଲ .ଏନ. ପଣ୍ଡା, ନର୍ସିଂ କଲେଜର ଅଧକ୍ଷ, ପ୍ରଫେସର ସତ୍ୟଭାମା ମିଶ୍ର, ପ୍ରିନ୍ସିପାରାମେଡିକାଲ୍ କଲେଜ, ଡକ୍ଟର ଏ.କେ.ବାହିନୀପତି, ପ୍ରିନ୍ସିପାଲ୍ ଯୁକ୍ତ୨ ସାଇନ୍ସ କଲେଜ, ପ୍ରଫେସର ଏ.କେ. କରଙ୍କ ପ୍ରମୁଖ ଉପସ୍ଥିତି ଏହି ଅବସରରେ ଗରିମା ଏବଂ ଗୌରବ ବୃଦ୍ଧି କରିଥିଲା। ସେମାନଙ୍କର ମୂଲ୍ୟବାନ ଉତ୍ସାହଜନକ କଥା ଛାତ୍ରଛାତ୍ରୀମାନଙ୍କୁ ଉତ୍କର୍ଷତା ହାସଲ କରିବାକୁ ଏବଂ ସେମାନଙ୍କର ଭବିଷ୍ୟତ ଲକ୍ଷ୍ୟ ପ୍ରତି ସମର୍ପିତ ରହିବାକୁ ପ୍ରେରଣା ଦେଇଥିଲା।। ପରୀକ୍ଷା ପରେ, ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା, ଅଧିବେଶନଟି ମହାନ ବ୍ୟକ୍ତିମାନଙ୍କୁ ସ୍ୱାଗତ ଜଣାଇବା ସହିତ ଆରମ୍ଭ ହୋଇଥିଲା, ତା'ପରେ ଶୁଭ ଦୀପ ପ୍ରଜ୍ୱଳନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏକ ସୁନ୍ଦର ସ୍ୱାଗତ ନୃତ୍ୟ ପରିବେଷଣ କରାଯାଇଥିଲା।

ପିଏମଶ୍ରୀ ସ୍କୁଲରେ ଶିକ୍ଷାରଥର ଶୁଭାରମ୍ଭ

ରାଇରଙ୍ଗପୁର ୮/୪ (ନିପ୍ର): ମୟୁରଭଞ୍ଜ ଜିଲ୍ଲା ବହଳଦା ବ୍ଲକ ଅନ୍ତର୍ଗତ ଝରାଡିହି ପିଏମଶ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବ୍ଲକ ସ୍ତରୀୟ ପ୍ରବେଶିକା ଉତ୍ସବ ଓ ଖଡିଛୁଆଁ କାର୍ଯ୍ୟକ୍ରମ ଅତ୍ୟନ୍ତ ଆଡମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି। ରାଇରଙ୍ଗପୁର ବିଧାୟକ ଶ୍ରୀ ଜଲେନ ନାଏକ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୁନି କୁନି ପିଲାଙ୍କୁ ଖଡିଛୁଆଁ କରାଇବା ସହ ଶିକ୍ଷା ରଥର ଶୁଭ ଉଦ୍ଘାଟନ କରିଛନ୍ତି। ଶିକ୍ଷା ରଥର ଶୁଭାରମ୍ଭ: ବିଧାୟକ ଶ୍ରୀ ନାଏକ ନଡ଼ିଆ ଫଟାଇ ଓ ଫିତା କାଟି ଶିକ୍ଷା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ରଥ ବ୍ଲକର ବିଭିନ୍ନ ବିଦ୍ୟାଳୟ ପରିକ୍ରମା କରି ଶିକ୍ଷାର ପ୍ରସାର କରିବା ପ୍ରବେଶିକା ଉତ୍ସବ: ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ୨୦ରୁ ଅଧିକ ନୂତନ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରାଯାଇଥିଲା। ଅତିଥିମାନଙ୍କ ଦ୍ୱାରା ପିଲାମାନଙ୍କୁ ସ୍କୁଲ ବ୍ୟାଗ, ସିଲଟ ଓ ଚକ୍ ଖଡି ବଣ୍ଟନ କରାଯାଇଥିଲା।ବାଲବାଟିକା ଷ୍ଟଲ: ବିଦ୍ୟାଳୟରେ ପ୍ରସ୍ତୁତ ହୋଇଥିବା ଖେଳକୁଦ, ଗୋପ ଓ ସୃଜନଶୀଳ ଶିକ୍ଷା ସମ୍ବନ୍ଧୀୟ ୩ଟି ଷ୍ଟଲକୁ ଅତିଥିମାନେ ବୁଲି ଦେଖିବା ସହ ପ୍ରଶଂସା କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ: ଶିଶୁମାନଙ୍କ ଦ୍ୱାରା ମନୋରମ ନାଚ ଓ ଗୀତ ପରିବେଷଣ କରାଯାଇଥିଲା।ଅତିଥି ଓ ପରିଚାଳନା:ବିଦ୍ୟାଳୟର ଅଧକ୍ଷା ଶ୍ରୀମତୀ ଦେଓଲା ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହିସଭାରେ ସମ୍ମାନୀତ ଅତିଥି ଭାବେ ଏବିଇଓ ଭୂତନାଥ ସିଟ୍ ଓ ସୂଜାତାକର ମହାପାତ୍ର ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ଧରୀତ୍ରୀ ବେହେରା ମଞ୍ଚ ପରିଚାଳନା କରିଥିବା ବେଳେ ଏବିଇଓ ଭୂତନାଥ ସିଟ୍ ଧନ୍ୟବାଦ ଅର୍ପଣ କରିଥିଲେ।

ଆଦିତ୍ୟ ଆଲୁମିନିୟମ ପକ୍ଷରୁ ଭିନ୍ନକ୍ଷମ ଶିଶୁଙ୍କ ପାଇଁ ସାଧନ କେନ୍ଦ୍ର ଉନ୍ମୋଚିତ

ରେଙ୍ଗାଲି, ୮।୪ (ନିପ୍ର):ସମାଜର ପରିପାର୍ଶ୍ୱିକ ଉନ୍ନୟନ ପ୍ରତି ନିଜ ଦାୟିତ୍ୱ ପୂରଣ କରୁଥିବା ଆଦିତ୍ୟ ଆଲୁମିନିୟମ ପକ୍ଷରୁ ରେଙ୍ଗାଲି ବ୍ଲକର ଭିନ୍ନକ୍ଷମ ଶିଶୁମାନଙ୍କ ପାଇଁ ଏକ ଆଧୁନିକ ସାଧନ କେନ୍ଦ୍ର ଉନ୍ମୋଚନ କରାଯାଇଛି। ''ପ୍ରକଳ୍ପ ପ୍ରେରଣା'' ଅନ୍ତର୍ଗତ ଆରମ୍ଭ ହୋଇଥିବା ଏହି କେନ୍ଦ୍ର ମାଧ୍ୟମରେ ଶିଶୁମାନଙ୍କୁ ଶିକ୍ଷା, ଚିକିତ୍ସା ଓ ପୁନର୍ବାସ ସହାୟତା ଏକେ ସ୍ଥାନରେ ଯୋଗାଇ ଦିଆଯିବା।ଏହି ସାଧନ କେନ୍ଦ୍ରରେ ପ୍ରତିଦିନ ଭିନ୍ନକ୍ଷମ ଶିଶୁମାନଙ୍କୁ ଫିଜିଓଥେରାପି, ସ୍ପିଚ୍ ଥେରାପି, ଧନ୍ଦାମୂଳକ ପ୍ରଶିକ୍ଷଣ ସହିତ ପୁଷ୍ଟିକର ଖାଦ୍ୟ ପ୍ରଦାନ କରାଯିବା ଏହା ସହ ତାଙ୍କର ସର୍ବାଙ୍ଗୀନ ବିକାଶ ପାଇଁ ବିଭିନ୍ନ ସୃଜନଶୀଳ ଓ ପ୍ରଶିକ୍ଷଣାତ୍ମକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି।ଉଦ୍ଘାଟନ ଅବସର ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ଲକ୍ଷ୍ମଣ ଭୋଇ କହିଥିଲେ ଯେ, ଜିଲ୍ଲାରେ ପ୍ରଥମଥର ପାଇଁ ଏପରି ଏକ ଉଦ୍ଦେଶ୍ୟ ମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି, ଯାହା ଭିନ୍ନକ୍ଷମ ଶିଶୁମାନଙ୍କ ପାଇଁ ନିଶ୍ଚୟ ଉପକାରୀ ହେବ। ରେଙ୍ଗାଲି ବ୍ଲକ ଶିକ୍ଷା ଅଧିକାରୀ ସପ୍ତଶ୍ରୀ ମହାପାତ୍ର ମତ ପ୍ରକାଶ କରି କହିଥିଲେ ଯେ, ଏପରି ସୁନ୍ଦର ଓ ସୁସଂଗଠିତ ପରିବେଶ ତିଆରି ହେବ ବୋଲି ସେ ଆଶା କରିନଥିଲେ। ଅତିରିକ୍ତ ଶିକ୍ଷା ଅଧିକାରୀ ମହେନ୍ଦ୍ର ବାଗ ମଧ୍ୟ ଏହି ପ୍ରୟାସକୁ ଉଚ୍ଚ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମ ରେ ହିଣ୍ଡାଲକୋ କର୍ପୋରେଟ୍ ସିଏସଆର୍ ମୁଖ୍ୟ ଅଭିଜିତ୍, କ୍ଲଷ୍ଟର ମାନବ ସମ୍ବଳ ମୁଖ୍ୟ ଡା. କ୍ରିଷ୍ଣା ପାଢ଼ୀ, ଆଦିତ୍ୟ ଆଲୁମିନିୟମର ମୁଖ୍ୟ ପରିଚାଳକ ଜଗନ୍ନାଥ ପ୍ରସାଦ ନାୟକ, ମାନବ ସମ୍ବଳ ମୁଖ୍ୟ ବିନୋଦାନନ୍ଦ ଠାକୁର, କ୍ଲଷ୍ଟର ସିଏସଆର୍ ମୁଖ୍ୟ ଶ୍ରୀ ଶିବ ମହାପାତ୍ର, ସିଏସଆର୍ ମୁଖ୍ୟ ଶ୍ରୀ ରବି ନିବାସ, ଶ୍ରୀ ସୁକାନ୍ତ ମହାପାତ୍ର ଓ ମନୋରଞ୍ଜନ ବେହେରା ଉପସ୍ଥିତ ଥିଲେ।

ପୁଣି ଛାତ୍ର ଅଶାନ୍ତି, ୬ ଘଣ୍ଟା ପରେ ଆନ୍ଦୋଳନ ପ୍ରତ୍ୟାହାର

କୋରାପୁଟ, ୮।୪(ନି ପ୍ର): କିଛି ଦିନର ବ୍ୟବଧାନ ପରେ ପୁଣି ଥରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓଡ଼ିଶା, ସୁନାବେଡ଼ା କ୍ୟାମ୍ପସରେ ଛାତ୍ରଛାତ୍ରୀଙ୍କ ଅଶାନ୍ତି ଦେଖାଦେଇଛି। ବୁଧବାର ଅନୁସୂଚିତ ଜାତି, ଜନଜାତି ଏବଂ ଓ.ବି.ସି. ବର୍ଗର ଛାତ୍ରଛାତ୍ରୀ ଏକାଠି ହୋଇ ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟ

ଶ୍ରୀମଦ ଭଗବତ ଗୀତା ଓ ଭାଗବତ ପ୍ରଚାର ପରିଷଦର ପ୍ରାଦେଶିକ ବୈଠକ ଓ ଲୋଗୋ ଉନ୍ମୋଚିତ

ଭୁବନେଶ୍ୱର,୮।୪(ନି.ପ୍ର): ଭଗବତ ଗୀତା ଓ ଭାବଗତ ପ୍ରଚାର ପରିଷଦର ପ୍ରାଦେଶିକ ବୈଠକ ଭୁବନେଶ୍ୱର ୟୁନିଟ୍ ୫ ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ପ୍ରାଦେଶିକ ସ୍ତରର ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକର ପ୍ରାରମ୍ଭରେ ଓଡିଶାର ଅଗ୍ରଗଣ୍ୟ ସନ୍ଥ ପୂଜ୍ୟ ସ୍ୱାମୀ ଶ୍ରୁତି ସାଗରାନନ୍ଦ ସରସ୍ୱତୀ,ବାବାଜୀ ଭୋଳାନାଥ ଦାସ, ବାବାଜୀ ଅମୀୟ ଦାସ ଓ ପରିଷଦର ପଦାଧିକାରୀମାନେ ବେଦମନ୍ତ୍ର ଉଚ୍ଚାରଣ ପୂର୍ବକ ଶଙ୍ଖନାଦ କରି ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସଭା ଆରମ୍ଭ କରିଥିଲେ । କାର୍ଯ୍ୟକାରୀ ସଭାପତି ସଞ୍ଜୀବ ପାଇକରାୟ ଉକ୍ତ ବୈଠକର ତାତ୍ପର୍ଯ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ । ପରିଷଦର ଉପସଭାପତି ଯୋଗୀ ଶୁଦ୍ଧନାଥଜୀ ମହାରାଜ, ସାଧାରଣ ସମ୍ପାଦକ ସଞ୍ଜୟ କୁମାର ଦାସ, ସହସମ୍ପାଦକ ପୁରୁଷୋତ୍ତମ ନାଏକ, ନାରାୟଣ ଖଟୁଆ, ଜଗବନ୍ଧୁ ରାଉତ, ଭାରତୀ ସାମଲ, ପ୍ରଦୀପ ସାହୁ, ବୁଦ୍ଧଦେବ ପ୍ରଧାନ, ରଞ୍ଜନ କୁମାର ନାଏକ, ଅଶୋକ ମହାନ୍ତି, ମାନସ ଷଡଙ୍ଗୀ, ଗଙ୍ଗାଧର ଗମାଙ୍ଗୋ, ମଦନ କୁମାର ଦଳବେହେରା, ସୁଦର୍ଶନ ଶବର, ନିତ୍ୟାନନ୍ଦ ପ୍ରଧାନ, ଡକ୍ଟର ସତ୍ୟନାରାୟମ ପଟେଲ, ପ୍ରସାନ୍ତ କୁମାର ସ୍ୱାଇଁ, ନୃସିଂହ ଚରଣ ମିଶ୍ରଙ୍କ ସହ ରାଜ୍ୟର ୩୦ଗୋଟି ଜିଲ୍ଲାରୁ ପ୍ରତିନିଧିତ୍ୱ କରି ସମଗ୍ର ରାଜ୍ୟରେ ଭଗବତ ଗୀତା ଓ ଭାଗବତ ପଠନର ପ୍ରସାର ନିମିତ୍ତ ଉତ୍ସର୍ଗୀକୃତ ଭାବେ କାମ କରିବେ ବୋଲି ସର୍ବସମ୍ମତି କ୍ରମେ ମତ ପ୍ରକାଶ କରିଥିଲେ । ପରିଷଦରେ କେତେକ ନିର୍ଣ୍ଣାୟକ ପଦକ୍ଷେପ ନିଆଯିବ ବୋଲି ମତ ପ୍ରକାଶ କରାଯାଇଥିଲା । ତନ୍ମଧ୍ୟରୁ ଗଜପତି ଜିଲ୍ଲାରେ ୧୦ ହଜାରରୁ ଉର୍ଦ୍ଧ୍ୱ ଗୀତା ଓ ପାଠକଙ୍କୁ ନେଇ ସମ୍ମିଳନୀ କରାଯିବ, ରାଜ୍ୟର ଘରେ ଘରେ ଶ୍ରୀମଦ ଭଗବତ ଗୀତା ଓ ଗୋରକ୍ଷା, ଭାଗବତ ଟୁଙ୍ଗୀ ଓ ସଙ୍କୀର୍ତ୍ତନ ମଣ୍ଡଳୀର ପୁନଃଉଦ୍ଧାର ଓ ଗଠନ କରାଯାଇ ସନାତନ ହିନ୍ଦୁ ଧର୍ମର ବ୍ୟାପକ ପ୍ରଚାର ଓ ପ୍ରସାର ନିମିତ୍ତ କାର୍ଯ୍ୟ କରାଯିବ । ଓଡିଶା ସରକାଙ୍କ ସଂସ୍କୃତି ବିଭାଗର ଧର୍ମ ସମ୍ବନ୍ଧୀୟ ଯୋଜନା ଗୁଡିକୁ ଆହୁରି କ୍ରିୟାଶୀଳ ଓ ବ୍ୟାପକ କରିବାକୁ ସରକାରଙ୍କ ସହ ସମନ୍ୱୟ ରକ୍ଷା କରି ତାହା କିପରି ଲୋକାଦୃତ ହେବ ସେ ସମ୍ବନ୍ଧରେ ଜନସଚେତନତା ସୃଷ୍ଟି କରାଯିବ । ପରିଶେଷରେ ୨୦୨୭ ବର୍ଷରେ ଶ୍ରୀକ୍ଷେତ୍ରରେ ଭକ୍ତି ରସାୟନ ସିନ୍ଧୁ ନାମରେ ଏକଲକ୍ଷ ସାଧୁ, ସନ୍ଥ ଓ ଭଗବତ ପ୍ରେମୀଙ୍କର ସମ୍ମିଳନୀ ଆୟୋଜନ କରିବାକୁ ସର୍ବସମ୍ମିତି କ୍ରମେ ସ୍ଥିର କରାଯାଇ ତଦନୁଯାୟୀ ଏବେ ଠାରୁ ପ୍ରୟାଶ ଜାରି ରଖିବାକୁ ସମସ୍ତ କର୍ମକର୍ତ୍ତାଙ୍କୁ ଅନୁରୋଧ କରାଗଲା । ଉପସ୍ଥିତ ସନ୍ଥଗଣ ସମସ୍ତ କର୍ମକର୍ତ୍ତାଙ୍କୁ ଆହ୍ୱାନ କରି ନିଜର ବକ୍ତବ୍ୟ ରଖିଥିଲେ ଯେ, ଶାସ୍ତ୍ର ଓ ଶସ୍ତ୍ର ମୁଦ୍ରାର ଉଭୟ ପାର୍ଶ୍ୱ ପରି । ଶାସ୍ତ୍ର ମଧ୍ୟରେ ନିମଜ୍ଜିତ ରହି ବିହିନିର୍ଦ୍ଦେଶ ବୋଲି କର୍ମକୁ ଆଦରି ନବସି ଆବଶ୍ୟକ ସ୍ଥଳେ ଏକ କ୍ରାନ୍ତିକାରୀ ପରିବର୍ତ୍ତନ ପାଇଁ ଅଗ୍ରଭାଗରେ ରହି ଆଗାମୀ ପୀଢିକୁ ଏହି ଘୋର ଧାର୍ମିକ ସଙ୍କଟରୁ ରକ୍ଷା କରିବା ପାଇଁ ଯୁବ ସମାଜକୁ ଅନୁପ୍ରେରିତ କରିବାର ସମୟ ଉପନିତ ହୋଇଛି ବୋଲି ମତବ୍ୟକ୍ତ କରିଥିଲେ । ଗୀତା, ଭାଗବତ ଓ ରାମାୟଣରେ ଭୁରି ଭୁରି ଉଦାହରଣ ଦେଇ ନିଜର ସାମାଜିକ ଓ ଜାତୀୟ କର୍ତ୍ତବ୍ୟ ପ୍ରତି ସଚେତନ ହୋଇ କାର୍ଯ୍ୟ କରିବାକୁ ନିବେଦନ କରିଥିଲେ । ସଭାରେ ଉପସ୍ଥିତ କେନ୍ଦୁଝର ଜିଲ୍ଲାର ବରିଷ୍ଠ ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ ଓ ଅନ୍ୟତମ ସାମ୍ବାଦିକ ସଞ୍ଜୟ ପଣ୍ଡା ପ୍ରମୁଖ ଅଂଶଗ୍ରହଣ କରି ସ୍ୱକୀୟ ମତବ୍ୟକ୍ତ କରିଥିଲେ । ଉକ୍ତ ବୈଠକକୁ ସଫଳ ରୂପାୟନ କରିବା ନିମନ୍ତେ ପରିଷଦର ମୁଖ୍ୟ ଉପଦେଷ୍ଟା ବ୍ରହ୍ମାନନ୍ଦ ସରସ୍ୱତୀ ମହାରାଜ, ସଭାପତି କ୍ୟାପ୍‌ଟେନ ସଞ୍ଜୀବ ମୁହୁଲି, ଗଜେନ୍ଦ୍ର ନାରାୟଣ ପାଣ୍ଡେ, ସାଧାରଣ ସମ୍ପାଦକ ସଞ୍ଜୟ କୁମାର ଦାଶ ଅତ୍ୟନ୍ତ ନିଷ୍ଠାର ସହ ପରିଷଦକୁ ପରିଚାଳନା କରିଥିବାରୁ କର୍ମକର୍ତ୍ତା ସେମାନଙ୍କର ଭୂୟସୀ ପ୍ରଶଂସା କରିଥିଲେ ।

ଆଇପିଏଲ: ଗୁଜରାଟ ଠାରୁ ହାରିଲା ଦିଲ୍ଲୀ

ନୂଆଦିଲ୍ଲୀ, ୮।୪ (ଏଜେନ୍ସି): ସ୍ଥାନୀୟ ଅରୁଣଜେଟଲି ଷ୍ଟାଡିୟମ୍‌ରେ ବୁଧବାର ଅନୁଷ୍ଠିତ ଆଇପିଏଲ୍‌ର ୧୪ତମ ମ୍ୟାଚ୍‌ରେ ଦୀଲ୍ଲି କାପିଟାଲ୍ସକୁ ୧ରନ୍ ପରାସ୍ତ କରିଛି ଗୁଜୁରାଟ୍ ଟାଇନନ୍ସ। ଗୁଜୁରାଟ ଧାର୍ଯ୍ୟ କରିଥିବା ୨୧୧ରନ୍‌ର ଟାର୍ଗେଟ୍‌କୁ ପିଛାକରି ଦିଲ୍ଲୀ ପାଥୁମ୍ ନିସଙ୍କ ୪୧, କେ.ଏଲ୍. ରାହୁଲ ୯୨ ଓ ଡେଭିଡ୍ ମିଲରଙ୍କ ୪୨ରନ୍ ବଳରେ ୮ ୱିକେଟ୍ ହରାଇ କରିଥିଲା ୨୦୯ ରନ୍। ଟସ ହାରିବା ପରେ ପ୍ରଥମେ ବ୍ୟାଟିଂ କରି ଶୁବମନ ଗିଲଙ୍କ ନେତୃତାଧିନ ଗୁଜରାଟ ଟାଇଟନ୍ସ ନିର୍ଦ୍ଧାରିତ ୨୦ ଓଭରରେ ୪ ୱିକେଟ ହରାଇ କରିଥିଲା ୨୧୦ ରନ। ଓପନର ସାଇ ସୁଦର୍ଶନ ୧୨,ଶୁବମନ ଗିଲ ୫ ଛକା ଓ ୪ ଚୌକା ବଳରେ ୪୫ ବଲରୁ ୭–, ଜୋସ୍ ବଟ୍ଲର ୫ ଛକା ଓ ୩ ଚୌକ ସର୍ହାତାରେ ୫୨,ୱାଶିଂଟନ ସୁନ୍ଦର ୩୨ ବଲରୁ ୫୫ ରନ କରିଥିଲେ। ଦିଲ୍ଲୀ କ୍ୟାପିଟାଲ୍ସ ପକ୍ଷରୁ ମୁକେଶ କୁମାର ସବାଧିକ ୨ ୱିକେଟ ୱିକେଟ ଅକ୍ତିଆର କରିଥିଲେ। ଅକ୍ତିଆର କରିଥିଲେ।

ବଜ୍ରାଘାତରେ ଧାନ ଜମିରେ ଟଳି ପଡିଲେ ଚାଷୀ

କଣାସ,୮।୪(ନିପ୍ର): ବଜ୍ରାଘାତରେ ଟଳି ପଡିଲେ ଚାଷୀ।କାଳ ବୈଶାଖି ଭୟରେ ଧାନ ଫସଲ ଅମଳ କରିବା ପାଇଁ ଜମିକୁ ଯାଇ କାମ କରୁଥିଲେ। ବୁଧବାର ଅପରାହ୍ନ ପ୍ରାୟ ୪ ଟା ସମୟରେ ମାଡି ଆସିଲା କାଳ ବୈଶାଖି । ଜମିରେ କାମ କରୁଥିବା ବେଳେ ଘଟିଲା ବଜ୍ରାଘାତ । ଧାନ ଜମିରେ ଟଳିପଡିଲେ ଚାଷୀ। କାମକରୁଥିବା ଅନ୍ୟ ଚାଷିମାନେ କିଛି ରୁଷ୍ଟିବା ପୁର୍ବରୁ ସବୁ ଶେଷ ହେଇଯାଇଥିଲା। ଆମ୍ବୁଲାନ୍ସ ଯୋଗେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଚାଷୀ ଜଣକ ହେଲେ ଗଡିଶାଗୋଦା ଥାନା ଅନ୍ତର୍ଗତ ସାହୁପଡା ପଞ୍ଚାୟତ ବନ୍ଧମୁଣ୍ଡା ଗ୍ରାମର ସିଦ୍ଧେଶ୍ୱର ବଳିଆରସିଂହ(୬୦)।ସରପଞ୍ଚ ଭିକାରି ବଳିଆରସିଂହ ମେଡିକାଲରେ ପହଞ୍ଚି ସିଦ୍ଧେଶ୍ୱରଙ୍କ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ସନ୍ଧ୍ୟାରେ ଶବ ବ୍ୟବଚ୍ଛେଦ ପାଇଁ ପୁରୀ ନିଆଯାଇଥିଲା।

ଗୃହ ତାଲିକା ଓ ଗୃହ ଗଣନା ତାଲିମ ଶିବିର ଉଦ୍‌ଯାପିତ

କଣାସ,୦୮।୪(ନିପ୍ର): ନିଳାଚଳ ସେବା ପ୍ରତିଷ୍ଠାନରେ ଉଦ୍‌ଯାପିତ ହେଇଯାଇଛି ଗୃହ ତାଲିକା ଓ ଗୃହ ଗଣନା ତାଲିମ ଶିବିର। ଆସନ୍ତା ୧୬ ତାରିଖରୁ ସମଗ୍ର ଦେଶରେ ପ୍ରଥମ ପର୍ଯ୍ୟାୟ ୨୦୨୭ର ଜନ ଗଣନା ଆରମ୍ଭ ପୁର୍ବରୁ ଏହି କାର୍ଯ୍ୟପାଇଁ ନିୟୋଜିତ ହେବାକୁ ଥିବା ଶିକ୍ଷକ ଶିକ୍ଷୟତ୍ରୀ,ଏନୁମୁରେଟର ଓ ସୁପରଭାଜରମାନଙ୍କୁ ତାଲିମ ପ୍ରଦାନ କରାଯାଇଛି। କ୍ଷେତ୍ର ପ୍ରଶିକ୍ଷକ ଭାବେ କଣାସ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ନିରଞ୍ଜନ ସ୍ୱାଇଁ, ପ୍ରଭାସ କୁମାର ମଙ୍ଗରାଜ,ପ୍ରମୋଦ କୁମାର ହୋତା ବିଦ୍ୟାବିହାର ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ରତ୍ନାକର ସାହୁ ତାଲିମ ପ୍ରଦାନ କରିଥିଲେ। ୬ଟି ପର୍ଯ୍ୟାୟରେ ୨୯୮ ଜଣ ଏହି ତାଲିମ ନେଇଛନ୍ତି। ତହସିଲଦାର ହିମାଂଶୁ ଶେଖର ଗିରି ,ଅତିରିକ୍ତ ତହସିଲଦାର ଉପେନ୍ଦ୍ର କୁମାର ସେଠୀଙ୍କ ତତ୍ତ୍ୱାବଧାନରେ ଚାଲିଥିବା ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ କିରାଣୀ ସଂଧାଂଶୁ ଶେଖର ମହାନ୍ତି ଓ ଅନ୍ୟକର୍ମଚାରିମାନେ ପରିଚାଳନା କରିଥିଲେ। ପର୍ଯ୍ୟବେକ୍ଷକଭାବେ ଉପଜିଲ୍ଲାପାଳ ଦିବ୍ୟା ମ୍ୟାଡମ, ରାଜ୍ୟସ୍ତରୀୟ ପ୍ରଶିକ୍ଷକ ବିଜୟ କୁମାର ସାହୁ ,ପୁରୀ ଜିଲ୍ଲା ପ୍ରଶିକ୍ଷକ ତଥା ତହସିଲଦାର ଅଭିଷେକ ଦାସ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

ଓଡିଆ ପକ୍ଷ ପାଳନ ଅବସରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ନିଶ୍ଚିନ୍ତକୋଇଲି, ୮।୦୪ (ନିପ୍ର): ଓଡିଆ ପକ୍ଷ ପାଳନ ଅବସରରେ ଯୁବ ରେଡକ୍ରସ୍, ସ୍କାଉଟ୍, ଗାଇଡ୍ ଓ ଜାତୀୟ ସେବା ଯୋଜନା। ଆନୁକୁଲ୍ୟରେ କଟକ ଜିଲ୍ଲା। ନିଶ୍ଚିନ୍ତକୋଇଲି ବ୍ଲକ ଅଧିନସ୍ଥ ଅସୁରେଶ୍ୱର ସୁଭଦ୍ରା ମହତାବ ମହାବିଦ୍ୟାଳୟ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ କଲେଜ ଅଧକ୍ଷା ଅଧ୍ୟାପିକା ଡାଃ.ସୁପ୍ରଭା ପରିଡା ଆନୁଷ୍ଠାନିକ ଭାବେ ଉଦଘାଟିତ କରିଥିଲେ । ଏହି ଶିବିରରେ ମୋଟ ୩୨ ୟୁନିଟ୍ ରକ୍ତ ସଂଗୃହିତ ହୋଇଥିଲା । କଟକ କେନ୍ଦ୍ରୀୟ ରେଡକ୍ରସ୍ ବ୍ଲଡ ବ୍ୟାଙ୍କ ପକ୍ଷରୁ ଡାଃ. ଅବିନାଶ ଦାସ, ଲାବରେଟୋରି ଟେକ୍‌ନିସିଆନ୍ ବିଶ୍ୱଜିତ୍ ସାହାଣୀ, ଲାବରେଟୋରୀ ଆଟେଣ୍ଡାଣ୍ଟ ମାନସ କୁମାର ସାହୁ ଓ ମୋଟିଭଟେର କେଦାରନାଥ ସାହୁ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କ ଠାରୁ ରକ୍ତ ସଂଗୃହିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ସେବା ଯୋଜନା ପ୍ରୋଗ୍ରାମ୍ ଅଫିସର ସୁଧିର କୁମାର ଦାସ, ସାମ୍ବାଦିକ ପ୍ରଫୁଲ୍ଲ କୁମାର ଦାଶ, ଅଧ୍ୟାପକ ରଞ୍ଜନ କୁମାର ସେଠୀ, ରଜନିକାନ୍ତ ପଣ୍ଡା, ସ୍ମୃତିରଞ୍ଜନ ସାହୁ, ବିଜୟ କୁମାର ପରିଡା, ମଳୟ କୁମାର ରାଉତ, ନିରଞ୍ଜନ ପଣ୍ଡା, ସୂର୍ଯ୍ୟକାନ୍ତ ମଳିକ, ପ୍ରକାଶ କୁମାର ସାହୁ, ଶୁଧାଂଶୁ ନାଥ, ଲୋକେଶ୍ୱର ସୁନା, ଅଧ୍ୟାପିକା ଅଞ୍ଜିତା ଦାଶ, ସୂର୍ଯ୍ୟକାନ୍ତୀ ବେହେରା, ଦିବ୍ୟାରାଣୀ ବେହେରା, ଚାନ୍ଦିନି ଦଳାଇ ତଥା ମହାବିଦ୍ୟାଳୟର କର୍ମଚାରୀ ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ପୂର୍ଣ୍ଣ ସହାୟତା ପ୍ରଦାନ କରିବା ସହ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ।

ପତିତପାବନ ସେବାସଂଘ ଅନ୍ତେବାସୀ ଭିନ୍ନକ୍ଷମଙ୍କ ଦ୍ୱାରା ଫୁଡ୍ ଫେଷ୍ଟିଭାଲ

ନିମାପଡ଼ା,୮।୪ (୮।୪): ନିମାପଡ଼ା ସ୍ଥିତ ପତିତପାବନ ସେବା ସଂଘ ଅନ୍ତେବାସୀ ଭିନ୍ନକ୍ଷମ ଦୃଷ୍ଟିହୀନ, ବାଧିତ, ମାନସିକ ବିକାର ଗ୍ରସ୍ତ ଛାତ୍ର ଛାତ୍ରୀଙ୍କ ଦ୍ୱାରା ଓଡ଼ିଆ ଘରର ପରମ୍ପରା ଅନୁଯାୟୀ ବିଭିନ୍ନ ପ୍ରକାର ଖାଦ୍ୟ ଯଥା– କଖାରୁ ଫୁଲ ଭଜା, ଦହିବରା ଆଳୁଦମ୍, ମଣ୍ଡା ପିଠା, ଚକୁଳି ପିଠା, ଦହି ପଖାଳ, ପୋଡପିଠା, ଚିକେନ ବିରୀୟାନି ଆଦି ପ୍ରସ୍ତୁତ କରାଯାଇ ମେଳରେ ପ୍ରଦର୍ଶନ କରାଯାଇଥିଲା। ପ୍ରଶିକ୍ଷକ ମାନଙ୍କ ଦ୍ୱାରା ଛାତ୍ରଛାତ୍ରୀମାନଙ୍କୁ ଏ ନେଇ ପ୍ରଶିକ୍ଷଣ ଦିଆଯାଇଥିଲା। ପିଲାମାନଙ୍କୁ ଶିକ୍ଷା ସହିତ ଯୋଗ, କର୍ମ କୁଶଳତା ବିକାଶ ପାଇଁ ଶିକ୍ଷା ଦିଆଯାଏ। ଭିନ୍ନକ୍ଷମ ମାନେ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବା ପାଇ ଏହା ଏକ ପ୍ରୟାସ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ସେବା ସଂଘର ପରିଚାଳକ ପ୍ରଫେସର ଜଗତ ପ୍ରସାଦ ସାବୁତଙ୍କ ଦ୍ୱାରା ଆୟୋଜିତ ଫୁଡ୍ ଫେଷ୍ଟିଭାଲରେ ମୁଖ୍ୟ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶ, ବ୍ଲକ ଅଧକ୍ଷ ଶଙ୍କର ଭୋଇ, ନିମାପଡା ପ୍ରେସ କ୍ଲବ ସଭାପତି ଅକ୍ଷୟ କୁମାର ବେହେରା, ଶିକ୍ଷାବିତ୍ ପ୍ରାକ୍ତନ ପ୍ରାଧ୍ୟାପକ କୃଷ୍ଣ ଚନ୍ଦ୍ର ସାବୁତ, ଚାରିଛକ ପ୍ରେସ କ୍ଲବ ସଭାପତି ପ୍ରଫୁଲ୍ଲ କୁମାର କର, ଜୀବନାନନ୍ଦ ମହାପାତ୍ର, ଭଗବାନ ବେହେରା, ଚିତ୍ତରଞ୍ଜନ ବେହେରା, ସାମ୍ବାଦିକ ମାନସ ଦାସ, ଅତିଶ ପଟ୍ଟନାୟକ, ଉମା ଶଙ୍କର ଆଚାର୍ଯ୍ୟ, ରାମଚନ୍ଦ୍ର ସାହୁ ପ୍ରମୁଖ ଖାଦ୍ୟ ପ୍ରଦର୍ଶିତ ମେଳାକୁ ବୁଲି ଦେଖିବା ସହିତ ଖାଦ୍ୟ ଖାଇଥିଲେ।

ଶିକ୍ଷା ସଚେତନତା ରଥକୁ କଣ୍ଟିଲୋରେ ଭବ୍ୟ ସମ୍ବର୍ଦ୍ଧନା

କଣ୍ଟିଲୋ,୮।୪(ନି.ପ୍ର): ରାଜ୍ୟ ସରକାର ପ୍ରାଥମିକ ଶିକ୍ଷା ଉପରେ ଗୁରୁତ୍ୱ ଦେଇ ରାଜ୍ୟର ସମସ୍ତ ସରକାରୀ ବେସରକାରୀ ବିଦ୍ୟାଳୟମାନଙ୍କରେ ଗତ ୪ ତାରିଖରେ ମହାଆଡମ୍ବରରେ ଛୋଟ ଶିଶୁମାନଙ୍କୁ ଖଡ଼ିଛୁଆଁ ପର୍ବ ଓ ବିଦ୍ୟାଳୟ ପ୍ରବେଶ ଉତ୍ସବ ଶେଷ ହୋଇଯାଇଛି। ଶିଶୁମାନଙ୍କ ଶିକ୍ଷା ପ୍ରତି ଆଗ୍ରହ ସୃଷ୍ଟି ନିମନ୍ତେ ସରକାରଙ୍କ ଏଭଳି ନିଷ୍ପତ୍ତିକୁ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଇଛି। ଶିକ୍ଷାବ୍ୟବସ୍ଥାକୁ ସୁଦୃଢ କରିବା ପାଇଁ ଜିଲ୍ଲା ଶିକ୍ଷା ବିଭାଗ ତରଫରୁ ଜିଲ୍ଲାର ପ୍ରତ୍ୟେକ ବ୍ଲକରେ ଥିବା କ୍ଲଷ୍ଟର ଗୁଡିକ ଅଧିନରେ ଥିବା ବିଦ୍ୟାଳୟମାନଙ୍କରେ ଶିକ୍ଷା ସଚେତନତା ରଥ ପରିକ୍ରମା କରିଛି। ଏହି କ୍ରମରେ କଣ୍ଟିଲୋ କ୍ଲଷ୍ଟର ଅଧିନରେ ଥିବା ମଙ୍ଗରାଜପୁର, ରାକେସିଆ, ସରପୋଖରୀ, ଗୋପିନାଥପୁର ଓ ଶେଷରେ କଣ୍ଟିଲୋରେ ଥିବା ପାଣ୍ଡୁ ସାହୁ ପାଟଣା ପ୍ରକଳ୍ପ ମଧ୍ୟ ଇଂରାଜୀ ବିଦ୍ୟାଳୟ, ରାଧାନାଥ ବାଳିକା, କୁଞ୍ଜବିହାରୀ ନୋଡାଲ ବିଦ୍ୟାଳୟ ଓ ନୀଳମାଧବ ନୋଡାଲ ବିଦ୍ୟାପୀଠରେ ଗତ ମଙ୍ଗଳବାର ଦିନ ସିଆରସିସି ମନୋଜ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିକ୍ଷା ସଚେତନତା ରଥ ପହଞ୍ଚିଥିଲା। ସଚେତନତା ରଥ ପ୍ରତ୍ୟେକ ବିଦ୍ୟାଳୟ ପରିସରରେ ପହଞ୍ଚିବା ପରେ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନଙ୍କ ତରଫରୁ ଭବ୍ୟ ସ୍ୱାଗତ କରାଯାଇଥିଲା। ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରୁ ଯେପରି କେହି ବଞ୍ଚିତ ନହୁଅନ୍ତି ଓ ଅବିଭାବକମାନେ ସଚେତନ ହୋଇ ନିଜ ପିଲାମାନଙ୍କୁ ବିଦ୍ୟାଳୟକୁ ଶିକ୍ଷାଲାଭ ପାଇଁ ପଠାଇବା ଶିକ୍ଷା ସଚେତନତା ରଥ ପରିକ୍ରମାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସିଆରସିସି ଶ୍ରୀ ସାହୁ କହିଛନ୍ତି।

ଫୁଲନଖରାରେ ନୂତନ ସର୍ଭିସ୍ ରୋଡ୍ ଲୋକାର୍ପିତ

ବିଧାୟକ ପ୍ରକାଶ ସେଠୀଙ୍କ ନେତୃତ୍ୱ ଓ କର୍ପୋରେଟର ମମତା ମହାନ୍ତିଙ୍କ ପ୍ରୟାସକୁ ସ୍ଥାନୀୟଙ୍କ ପ୍ରଶଂସା

ଫୁଲନଖରା, ୮।୪ (ନିପ୍ର) : କଟକ ସଦର ଅଞ୍ଚଳର ଉନ୍ନତିରେ ଆଉ ଏକ ସୁନେଲି ଅଧ୍ୟାୟ ଯୋଗ ହୋଇଛି। ୫୯ ନମ୍ବର ୱାର୍ଡ ଅନ୍ତର୍ଗତ ଫୁଲନଖରା ଛକଠାରୁ ନୂଆ କାଚରାମାଳ ପର୍ଯ୍ୟନ୍ତ ନିର୍ମିତ ନୂତନ ସର୍ଭିସ୍ ରୋଡ ଓ ଆଲୋକିକରଣ ପ୍ରକଳ୍ପର ଭବ୍ୟ ଲୋକାର୍ପଣ ହୋଇଯାଇଛି। ଅଢ଼େଇ କୋଟି ଟଙ୍କାରୁ ଅଧିକ ବ୍ୟୟରେ ନିର୍ମିତ ଏହି ଦୁଇଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ସ୍ଥାନୀୟ ଅଞ୍ଚଳର ଯାତାୟାତ ସୁବିଧା ସହିତ ସୁରକ୍ଷା ବ୍ୟବସ୍ଥାକୁ ଏକ ନୂତନ ଦିଗ ଦେଇଛି। ଏହି ଶୁଭ ଅବସରରେ କଟକ ସଦରର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଉଦଘାଟକ ଭାବେ ଯୋଗଦେଇ ଅଞ୍ଚଳବାସୀଙ୍କ ମନରେ ନୂତନ ଆଶା ଓ ଆତ୍ମବିଶ୍ୱାସ ସୃଷ୍ଟି କରିଥିଲେ। ସେ ତାଙ୍କ ଭାଷଣରେ କହିଥିଲେ ଯେ, ଲୋକଙ୍କ ସୁବିଧା ଓ ଅଞ୍ଚଳର ସମଗ୍ର ଉନ୍ନତି ହେଉଛି ତାଙ୍କର ପ୍ରଥମ ପ୍ରାଥମିକତା। ତାଙ୍କ ଦୃଢ଼ ନେତୃତ୍ୱ, ଦୃଷ୍ଟିକୋଣ ଓ ନିରନ୍ତର ପ୍ରୟାସର ଫଳରୂପେ ଏହି ପ୍ରକଳ୍ପ ସଫଳତାର ସହିତ ସାକାର ହୋଇପାରିଛି ବୋଲି ସ୍ଥାନୀୟ ଲୋକମାନେ ପ୍ରଶଂସା କରିଥିଲେ। ଏହି ପ୍ରକଳ୍ପର ସଫଳ କାର୍ଯ୍ୟାନ୍ୱୟନରେ ସ୍ଥାନୀୟ କର୍ପୋରେଟର ମମତା ମହାନ୍ତିଙ୍କ ଭୂମିକା ଅତ୍ୟନ୍ତ ସ୍ମରଣୀୟ। ବରିଷ୍ଠ ସମାଜସେବୀ ସ୍ୱାଧୀନ ଚେତା ମହାନ୍ତିଙ୍କ ଅଧକ୍ଷତାରେ ଆୟୋଜିତ ଏହି ଉଦଘାଟନୀ ଉତ୍ସବରେ ଗୋପାଳପୁର ମଣ୍ଡଳ ସଭାପତି ନିହାର ରଞ୍ଜନ ପଣ୍ଡା, ପ୍ରମୋଦ କୁମାର ଓଝା, ଦୀପ୍ତିକାନ୍ତ ଜେନା, ପ୍ରସନ୍ନ ପ୍ରଧାନ, ଗୁଣନିଧି ପଟ୍ଟନାୟକ, ଇଞ୍ଜିନିୟର ଗୀତା ରାଣୀ ସାହୁ ସହିତ ଅନେକ ପ୍ରମୁଖ ବ୍ୟକ୍ତି ମଞ୍ଚାସୀନ ଥିଲେ। ଏହା ସହିତ କିଶୋର ପଟ୍ଟନାୟକ, ଆଲୋକ ବେହେରା, ସନ୍ତୋଷ ପଟ୍ଟନାୟକ, ବଦ୍ରି ନାରାୟଣ ପଟ୍ଟନାୟକ, ଚିତ୍ତରଞ୍ଜନ ଦାସ, ଠାକୁର ପ୍ରସାଦ ଦାସ, ପ୍ରଶାନ୍ତ ଦଳାଇ, ସୁକାନ୍ତ ସେଠୀ, ସୂର୍ଯ୍ୟକାନ୍ତ ବରାଳ ଆଦି ବହୁ ସଂଖ୍ୟକ ଲୋକ ଉପସ୍ଥିତ ଥିଲେ। ଏହି ଅବସରରେ ବିଭାଗୀୟ ଅଧିକାରୀ, ଗଣମାଧ୍ୟମ ପ୍ରତିନିଧି ଓ ଗ୍ରାମ୍ୟ ମୁରବିମାନଙ୍କୁ ସମ୍ମାନିତ କରାଯାଇଥିଲା, ଯାହା ସମାଜର ସମନ୍ୱୟ ଓ ସହଯୋଗର ଉତ୍କୃଷ୍ଟ ଦୃଷ୍ଟାନ୍ତ ପ୍ରଦାନ କରିଥିଲା। ଦୀର୍ଘ ବର୍ଷ ଧରି ଏହି ସର୍ଭିସ୍ ରୋଡ ଉନ୍ନତିକ

ଇରାନ ଅସ୍ତ୍ରବିରତିକୁ ସ୍ୱାଗତ କଲା ଭାରତ

ହର୍ମୁଜ ଦେଇ ନିରବଚ୍ଛିନ୍ନ ବାଣିଜ୍ୟ ପ୍ରବାହ ଆଶା ବଢ଼ିଲା

ନୂଆଦିଲ୍ଲୀ, ୮।୪ (ଏଜେନ୍ସି): ଆମେରିକା-ଇରାନ ଅସ୍ତ୍ରବିରତିକୁ ସ୍ୱାଗତ କରି ଭାରତ କହିଛି ଯେ, ମଧ୍ୟପ୍ରାଚ୍ୟରେ ବିବାଦର ଅନ୍ତ ଘଟାଇବା ପାଇଁ ଏହା ନିରନ୍ତର କୂଟନୈତିକ ଆଲୋଚନା ପାଇଁ ପରାମର୍ଶ ଦେଇଆସୁଛି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି ଯେ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ବିଶ୍ୱ ଶକ୍ତି ଯୋଗାଣରେ ବ୍ୟାଘାତ ସୃଷ୍ଟି କରିଛି ଏବଂ ଏହି ଯୁଦ୍ଧବିରତି ହର୍ମୁଜ ପ୍ରଣାଳୀ ଦେଇ ବିଶ୍ୱ ବାଣିଜ୍ୟ ପ୍ରବାହକୁ ପୁନଃସ୍ଥାପିତ କରିବ ବୋଲି ଭାରତ ଆଶା କରୁଛି। ଆମେ ଅସ୍ତ୍ରବିରତିକୁ ସ୍ୱାଗତ କରୁଛୁ ଏବଂ ଆଶା କରୁଛୁ ଯେ ଏହା ପଶ୍ଚିମ ଏସିଆରେ ସ୍ଥାୟୀ ଶାନ୍ତି ଆଣିବ। ଜାରି ରହିଥିବା ବିବାଦର ଶୀଘ୍ର ଅନ୍ତ ଘଟାଇବା ପାଇଁ ଉତ୍ତେଜନା ହ୍ରାସ କରିବା ପାଇଁ ଆଲୋଚନା ଓ କୂଟନୈତିକ ବ୍ୟବସ୍ଥା ଜରୁରୀ ବୋଲି ମନ୍ତ୍ରଣାଳୟ ଏକ ବିବୃତିରେ କହିଛି।

ତେହେରାନ ଉପରେ ବିମାନ ଆକ୍ରମଣ ପରେ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଆରମ୍ଭ ହେବାର ୩୯ ଦିନ ପରେ ଆମେରିକା ଓ ଇରାନ ଦୁଇ ସପ୍ତାହର ଅସ୍ତ୍ରବିରତି ପାଇଁ ରାଜି ହୋଇଥିଲେ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆଜି ଟ୍ରୁଥ୍ ସୋସିଆଲରେ ଲେଖିଛନ୍ତି, ଇସଲାମିକ୍ ରିପବ୍ଲିକ୍ ହର୍ମୁଜ ପ୍ରଣାଳୀକୁ ତୁରନ୍ତ ସମ୍ପୂର୍ଣ୍ଣ ଖୋଲିବାକୁ ରାଜି ହେବାରୁ ମୁଁ ଇରାନ ଉପରେ ଆକ୍ରମଣକୁ ଦୁଇ ସପ୍ତାହ ପାଇଁ ସ୍ଥଗିତ ରଖିବାକୁ ରାଜି ହୋଇଛି। ଇରାନର ବୈଦେଶିକ ମନ୍ତ୍ରୀ ଅବ୍ବାସ ଆରାଘଚି ଏହା ନିଶ୍ଚିତ କରିଛନ୍ତି। ଟ୍ରମ୍ପ କହିଛନ୍ତି ଯେ ଇରାନ ଏକ ବିଚାରଯୋଗ୍ୟ ୧୦-ସୂତ୍ରୀ ଯୋଜନା ଦାଖଲ କରିଛି। ଇସଲାମାବାଦ ଆଲୋଚନା ପରେ ସ୍ଥାୟୀ ବିରତି ପାଇଁ ନିଷ୍ପତ୍ତି ନିଆଯିବ।

୭ ବର୍ଷ ପରେ ଭାରତ ଆସୁଛି ଇରାନରୁ ତେଲ

ନୂଆଦିଲ୍ଲୀ, ୮।୪ (ଏଜେନ୍ସି): ସାତ ବର୍ଷର ବ୍ୟବଧାନ ପରେ ଚଳିତ ସପ୍ତାହରେ ଭାରତ ଇରାନର ଅଶୋଧିତ

ତୈଳ ପାଇବାକୁ ଯାଉଛି। ଚୀନ ଅଭିମୁଖେ ଯାଉଥିବା ଏକ ଟ୍ୟାଙ୍କରକୁ ହଠାତ୍ ଭାରତ ଆସିବାକୁ ସଙ୍କେତ ଦିଆଯାଇଥିଲା। ବିଶ୍ୱରେ ଥିବା ସଙ୍କଟପୂର୍ଣ୍ଣ ଯୋଗାଣ ସ୍ଥିତିକୁ ସ୍ଥିର କରିବା ପାଇଁ ୱାଶିଂଟନ ଇରାନ ତେଲ ଉପରେ ଅସ୍ଥାୟୀ ଭାବରେ କଟକଣା ଉଠାଇ ଦେବା ପରେ ତେହେରାନରୁ ଆମଦାନୀରେ ସାତ ବର୍ଷର ଅନ୍ତ ଘଟିଛି। ଲଣ୍ଡନ ଷ୍ଟକ୍ ଏକ୍ସଚେଞ୍ଜ ଗ୍ରୁପ୍ ଏବଂ କେପ୍‌ଲର ତଥ୍ୟ ଦର୍ଶାଉଛି ଯେ, କୁରାଓ-ପତାକାଯୁକ୍ତ ବହୁତ ବଡ଼ ଅଶୋଧିତ ବାହକ ଜାହାଜ ଜୟାକୁ ଭାରତର ପୂର୍ବ ଉପକୂଳରେ ଇରାନୀ ଅଶୋଧିତ ତୈଳ ପହଞ୍ଚାଇବା ଜାହାଜଟି ପ୍ରଥମେ ଦକ୍ଷିଣ-ପୂର୍ବ ଏସିଆ, ବିଶେଷତଃ ଚୀନ ଅଭିମୁଖେ ଯାଉଥିଲା, କିନ୍ତୁ ପରେ ଭାରତ ଅଭିମୁଖେ ଏହାର ଦିଗ ପରିବର୍ତ୍ତନ କରିଥିଲା। ଏହି କାର୍ଗୋ ଜାହାଜଟି ଇଣ୍ଡିଆନ ଅଏଲ କର୍ପୋରେସନ ଦ୍ୱାରା କିଣାଯାଇଥିଲେ ମଧ୍ୟ ଆଇଓସିଏଲ୍ ପକ୍ଷରୁ କୌଣସି ସୂଚନା ଦିଆଯାଉନାହିଁ। ସେହିପରି ନ୍ୟୁଜ ଏଜେନ୍ସି ରଏଟର୍ସର ସୂଚନା ଅନୁଯାୟୀ ଆଉ ଏକ ଜାହାଜ ଜୋର୍ଡାନ ମଧ୍ୟ ଭାରତ ଉପକୂଳରେ ତୈଳ ନେଇ ପହଞ୍ଚିବ। ଭାରତ ଶେଷଥର ପାଇଁ ମେ ୨୦୧୯ରେ ଇରାନୀ ତେଲ ଆମଦାନୀ କରିଥିଲା। ତେହେରାନ ଶସ୍ତାରେ ତେଲ ଦେଉଥିଲେ ମଧ୍ୟ ଆମେରିକାର କଟକଣା ଯୋଗୁଁ ଭାରତର ବିଶୋଧନକାରୀମାନେ ଇରାନଠାରୁ ତୈଳ କ୍ରୟ ବନ୍ଦ କରିବାକୁ ବାଧ୍ୟ ହୋଇଥିଲେ। ସେବେଠାରୁ ଭାରତୀୟ ବିଶୋଧନକାରୀମାନେ ପଶ୍ଚିମ ଏସୀୟ ଉତ୍ପାଦକ ଏବଂ ଯୁକ୍ତରାଷ୍ଟ୍ର ସମେତ ବିକଳ୍ପ ଉତ୍ସ ଉପରେ ବହୁଳ ଭାବରେ ନିର୍ଭର କରିଆସୁଛନ୍ତି।

ଇସଲାମାବାଦରେ ଅସ୍ତ୍ରବିରତି ଆଲୋଚନାର ଆୟୋଜନ କରିବ ପାକିସ୍ତାନ

ଇସଲାମାବାଦ, ୮।୪ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ଯୁଦ୍ଧରେ ଦୁଇ ସପ୍ତାହର

ବିରତି ପାଇଁ ଘୋଷଣା କରିଛନ୍ତି। କିନ୍ତୁ ସ୍ଥାୟୀ ଶାନ୍ତି ଚୁକ୍ତି ପାଇଁ ଶୁକ୍ରବାର ଇସଲାମାବାଦରେ ଉଭୟ ପକ୍ଷ ମଧ୍ୟରେ ଆଲୋଚନା ହେବାର ଅଛି, ଯାହା 'ଇସଲାମାବାଦ ଆଲୋଚନା' କୁହାଯାଉଛି। ପାକିସ୍ତାନର ପ୍ରଧାନମନ୍ତ୍ରୀ ଶେହବାଜ ସରିଫ ବୁଧବାର କହିଛନ୍ତି ଯେ, ମଧ୍ୟପ୍ରାଚ୍ୟ ଅସ୍ତ୍ରବିରତି ଘୋଷଣା ପରେ ଇସଲାମାବାଦ ଚଳିତ ସପ୍ତାହ ଶେଷରେ ଆମେରିକା ଓ ଇରାନର ପ୍ରତିନିଧିଙ୍କୁ ଆତିଥ୍ୟ ପ୍ରଦାନ କରିବା ସେ ଏକ୍ସରେ ଏକ ପୋଷ୍ଟରେ କହିଛନ୍ତି, ମୁଁ ଉଭୟ ଦେଶର ନେତୃତ୍ୱକୁ ଗଭୀର କୃତଜ୍ଞତା ଜଣାଉଛି ଏବଂ ସମସ୍ତ ବିବାଦର ସମାଧାନ ଲାଗି ଏକ ନିର୍ଣ୍ଣାୟକ ଚୁକ୍ତିନାମା ପାଇଁ ଆଲୋଚନା କରିବାକୁ ଶୁକ୍ରବାର ଇସଲାମାବାଦକୁ ସେମାନଙ୍କ ପ୍ରତିନିଧିଙ୍କୁ ନିମନ୍ତ୍ରଣ କରୁଛି। ସରିଫ କହିଛନ୍ତି, ଆମେ ଆନ୍ତରିକତାର ସହ ଆଶା କରୁଛୁ ଯେ 'ଇସଲାମାବାଦ ଆଲୋଚନା' ସ୍ଥାୟୀ ଶାନ୍ତି ଆଣିବାରେ ସଫଳ ହେବ ଏବଂ ଆଗାମୀ ଦିନରେ ଅଧିକ ଭଲ ଖବର ବାଣ୍ଟିବାକୁ ଚାହୁଁଛୁ।

ଇରାନ ସହ ଯୁଦ୍ଧବିରତି ଏକ ରାଜନୈତିକ ବିପର୍ଯ୍ୟୟ: ଇସ୍ରାଏଲର ମୁଖ୍ୟ ବିରୋଧୀ ନେତା

ଜେରୁଜେଲମ, ୮।୪ (ଏଜେନ୍ସି): ଇରାନ ସହ ଯୁଦ୍ଧବିରତିକୁ ଇସ୍ରାଏଲର ମୁଖ୍ୟ ବିରୋଧୀ ନେତା ୟେର ଲାପିଦ କଡ଼ା ସମାଲୋଚନା କରିଛନ୍ତି। ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଯୁଦ୍ଧ ଲକ୍ଷ୍ୟ ହାସଲ

କରିବାରେ ବିଫଳ ହୋଇଛନ୍ତି ବୋଲି ସେ କହିଛନ୍ତି। ଏକ୍ସରେ ଏକ ପୋଷ୍ଟ କରି ଲାପିଦ ଲେଖିଛନ୍ତି, 'ଆମର ସମଗ୍ର ଇତିହାସରେ ଏପରି ରାଜନୈତିକ ବିପର୍ଯ୍ୟୟ କେବେ ହୋଇନାହିଁ। ଆମର ଜାତୀୟ ସୁରକ୍ଷା ସଂକ୍ରାନ୍ତରେ ନିଷ୍ପତ୍ତି ନେବା ସମୟରେ ଇସ୍ରାଏଲ ଆଲୋଚନା ଟେବୁଲର ନିକଟତର ମଧ୍ୟ ହୋଇନଥିଲା। ସେ କହିଛନ୍ତି, ସେନାକୁ ଯାହା କୁହାଯାଇଥିଲା ସେନା ତାହା କରିଛି। ଆମର ଜନସାଧାରଣ ଉଲ୍ଲେଖନୀୟ ଦୃଢ଼ତା ଦେଖାଇଛନ୍ତି କିନ୍ତୁ ନେତାନ୍ୟାହୁ ରାଜନୈତିକ ଭାବରେ ଏବଂ ରଣନୀତିକ ଭାବରେ ବିଫଳ ହୋଇଛନ୍ତି । ସେ ନିଜେ ସ୍ଥିର କରିଥିବା କୌଣସି ଲକ୍ଷ୍ୟ ହାସଲ କରିପାରି ନାହାନ୍ତି।

ନେତାନ୍ୟାହୁ ଇରାନର ପରମାଣୁ କାର୍ଯ୍ୟକ୍ରମର ନିରାକରଣ କିମ୍ବା ଅତି କମ୍‌ରେ ଗମ୍ଭୀର ଅବନତିକୁ ଯୁଦ୍ଧର ଏକ କେନ୍ଦ୍ରୀୟ ଲକ୍ଷ୍ୟ ଭାବରେ ସ୍ଥିର କରିଥିଲେ ଏବଂ ଏହାକୁ ଇସ୍ରାଏଲ ପାଇଁ ଏକ 'ଅସ୍ତିତ୍ୱ ବିପଦ' ଭାବେ ବର୍ଣ୍ଣନା କରିଥିଲେ। ସେ ଇରାନର ବାଲିଷ୍ଟିକ୍ କ୍ଷେପଣାସ୍ତ୍ର କ୍ଷମତାକୁ ନିରପେକ୍ଷ କରିବା, ଇରାନ ଶାସନକୁ ଦୁର୍ବଳ କରିବା କିମ୍ବା ସମ୍ଭାବ୍ୟ ଭାବରେ ପତନ କରିବା ଏବଂ ଏହାର ସହଯୋଗୀ ଗୋଷ୍ଠୀଗୁଡ଼ିକର ନେଟୱର୍କକୁ ଟାର୍ଗେଟ କରି ତେହେରାନର ଆଞ୍ଚଳିକ ପ୍ରଭାବକୁ ରୋକିବା ପାଇଁ ମଧ୍ୟ ଆହ୍ୱାନ ଦେଇଥିଲେ। ଅହଙ୍କାର, ଅବହେଳା ଏବଂ ରଣନୈତିକ ଯୋଜନାର ଅଭାବ ଯୋଗୁ ନେତାନ୍ୟାହୁ ଯେଉଁ ରାଜନୈତିକ ଏବଂ ରଣନୈତିକ କ୍ଷତି ଘଟାଇଥିଲେ ତାହାକୁ ମରାମତି କରିବାକୁ ଆମକୁ ବର୍ଷ ବର୍ଷ ଲାଗିବ ବୋଲି ସେ କହିଛନ୍ତି।

୪୧,୫୩୪ କୋଟିର ସାର ସବ୍‌ସିଡି ମଞ୍ଜୁର

ନୂଆଦିଲ୍ଲୀ, ୮।୪ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅର୍ଥନୈତିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ୍ କମିଟି ବୈଠକରେ ଖରିଫ ଋତୁ ପାଇଁ ୪୧,୫୩୪ କୋଟି ଟଙ୍କାର ଫସଫେଟିକ ଓ ପଟାସିକ (ପିଆଣ୍ଡକେ) ସବ୍‌ସିଡି ମଞ୍ଜୁର କରାଯାଇଛି। ପୂର୍ବବର୍ଷ ତୁଳନାରେ ଏହା ୧୨ ପ୍ରତିଶତ ଅଧିକ ହୋଇଛି। ଏହି ସବ୍‌ସିଡି ଚଳିତ ମାସ ୧ରୁ ଆସନ୍ତା ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ଜାରି ରହିବ। ଆସନ୍ତା

ଜୁନ୍‌ରୁ ଚାଷ କାମ ଆରମ୍ଭ ହେବା ସହ ଖରିଫ ଋତୁ ଆରମ୍ଭ ହୋଇଯିବ। ସବ୍‌ସିଡି ସମ୍ପର୍କରେ ସୂଚନା ଦେଇ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ ୨୦୨୫ ତୁଳନାରେ ଏଥର ଖରିଫ ଋତୁ ପାଇଁ ୪୩୧୭ କୋଟି ଟଙ୍କାର ଅଧିକ ସବ୍‌ସିଡି ଜାରି କରାଯାଇଛି। ଚଳିତ ବର୍ଷର ଖରିଫ ଋତୁ ପାଇଁ ନାଇଟ୍ରୋଜେନର କେଜି ପିଛା ସବ୍‌ସିଡି ୪୭ ଟଙ୍କା ୩୨ ପଇସା, ଫସଫେଟ୍ ପାଇଁ କେଜି ପ୍ରତି ୫୨ ଟଙ୍କା ୭୬ ପଇସା, ଫଟାସ ପାଇଁ କେଜି ପିଛା ୨ ଟଙ୍କା ୩୮ ପଇସା ଓ ସଲ୍‌ଫର ପାଇଁ ସବ୍‌ସିଡି କେଜି ପିଛା ୩ ଟଙ୍କା ୧୬ ପଇସା ଧାର୍ଯ୍ୟ କରାଯାଇଛି। ପଟାସକୁ ବାଦଦେଲେ ଅନ୍ୟ ତିନି ପ୍ରକାର ସାରର ସବ୍‌ସିଡି ବୃଦ୍ଧି କରାଯାଇଛି। ୨୦୧୦ ପରଠାରୁ କେନ୍ଦ୍ର ସରକାର ପୋଷାଣ ଆଧାରିତ ସବ୍‌ସିଡି (ଏନ୍‌ବିଏସ୍) ସ୍କିମ୍ ଅଧୀନରେ ପିଆଣ୍ଡକେ ସାରର ସବ୍‌ସିଡି ପରିଚାଳନା କରୁଛନ୍ତି। ପିଆଣ୍ଡକେର ୨୮ ପ୍ରକାର ମାନ ଉପରେ ସବ୍‌ସିଡି ଦିଆଯାଉଛି। ଅଣ-ୟୁରିଆ ସାର ଯଥା ଡିଏପି, ଏମ୍‌ଓପି ଓ ଏନ୍‌ପିକେ ସାରର ଖୁଚୁରା ଦରକୁ ସାର କମ୍ପାନିଗୁଡ଼ିକ ନିର୍ଦ୍ଧାରଣ କରୁଛନ୍ତି। କେନ୍ଦ୍ର ସରକାର ସେମାନଙ୍କୁ ପ୍ରତି ବର୍ଷ ନିର୍ଦ୍ଦିଷ୍ଟ ହାରରେ ସବ୍‌ସିଡି ଦେଉଛନ୍ତି। ୨୦୨୬-୨୭ରେ ସାର ସବ୍‌ସିଡି ବାବଦରେ ୧,୭୦,୭୯୯ କୋଟି ଟଙ୍କା ଜାରି କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ଗତ କାଲକ୍ୟାବିନେଟ୍ କମିଟି ବୈଠକରେ ମୋଟ୍ ୧,୭୪,୨୦୭ କୋଟି ଟଙ୍କାର ପ୍ରସ୍ତାବକୁ ଅନୁମୋଦନ ପ୍ରଦାନ କରାଯାଇଛି। ଏଚ୍‌ପିସିଏଲ୍ ରାଜସ୍ଥାନ ରିଫାଇନାରି ଲିମିଟେଡ୍‌ର ୭୯,୪୫୯ କୋଟି ଟଙ୍କା, ଜୟପୁର ମେଟ୍ରୋ ଦ୍ୱିତୀୟ ପର୍ଯ୍ୟାୟ ପାଇଁ ୧୩,୦୩୮ କୋଟି ଟଙ୍କା, ୧୭୨୦ ମେଗାୱାଟ୍‌ର କମଳା ଜଳ ବିଦ୍ୟୁତ୍ ପ୍ରକଳ୍ପ ପାଇଁ ୨୬,୦୭୦ କୋଟି ଟଙ୍କା ଓ ୧୨୦୦ ମେଗାୱାଟ୍‌ର କଲାଇ-୨ ଜଳ ବିଦ୍ୟୁତ୍ ପ୍ରକଳ୍ପର ୧୪,୧୦୬ କୋଟି ଟଙ୍କାର ପ୍ରସ୍ତାବକୁ ଅନୁମୋଦନ ପ୍ରଦାନ କରାଯାଇଛି।

ଧର୍ମରେ ତର୍କର ଧାରଣା ପ୍ରୟୋଗ କରାଯାଇପାରିବନି: ଜଷ୍ଟିସ ସୁନ୍ଦରେଶ

ନୂଆଦିଲ୍ଲୀ, ୮।୪ (ଏଜେନ୍ସି): ସାବରିମାଳା ମନ୍ଦିର ସମେତ ଧାର୍ମିକ ସ୍ଥଳରେ ମହିଳାଙ୍କ ପ୍ରତି ଭେଦଭାବ ଏବଂ ବିଭିନ୍ନ ଧର୍ମ ଦ୍ୱାରା ପାଳନ କରାଯାଉଥିବା ଧାର୍ମିକ ସ୍ୱାଧୀନତାର ପରିସର ଏବଂ ପରିସର ସମ୍ପର୍କିତ ଆବେଦନ ଉପରେ ସୁପ୍ରିମକୋର୍ଟର ନଅ ଜଣିଆ ଖଣ୍ଡପୀଠ ବୃହତ୍ତର ଶୁଣାଣି ଆରମ୍ଭ କରିଛନ୍ତି। ଖଣ୍ଡପୀଠ ଧାର୍ମିକ ସ୍ୱାଧୀନତା ଏବଂ ଧାର୍ମିକ ସମ୍ପ୍ରଦାୟ ସହିତ ଜଡିତ ଧାରା ୨୫ ଏବଂ ୨୬ ଉପରେ ନିର୍ଦ୍ଦିଷ୍ଟ ଭାବରେ ବିଚାର କରିବାକୁ ସ୍ଥିର କରିଛନ୍ତି।

ଗତକାଲି କେନ୍ଦ୍ର ସରକାରଙ୍କ ପକ୍ଷରୁ ହାଜର ହୋଇ ସଲିସିଟର ଜେନେରାଲ ତୁଷାର ମେହେଟା କହିଥିଲେ ଯେ, ଏକ ନିର୍ଦ୍ଦିଷ୍ଟ ବୟସ ଗୋଷ୍ଠୀ ମଧ୍ୟରେ ଏକ ନିର୍ଦ୍ଦିଷ୍ଟ ଲିଙ୍ଗକୁ ପୂଜାସ୍ଥଳରେ ପ୍ରବେଶରୁ ନିଷିଦ୍ଧ କରିବା ଭେଦଭାବ ନୁହେଁ। ସାମ୍ବିଧାନିକ ଖଣ୍ଡପୀଠ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ବିଭି ନାଗରତ୍ନା, ଏମ୍ ଏମ୍ ସୁନ୍ଦରେଶ, ଆହସାନୁଦ୍ଦିନ୍ ଅମାନୁଲ୍ଲା, ଅରବିନ୍ଦ କୁମାର, ଅଗଷ୍ଟିନ୍ ଜର୍ଜ ମସିହ, ପ୍ରସନ୍ନ ବି ଭାରେଲେ, ଆଁ ମହାଦେବନ ଓ ଜୟମାଲ୍ୟ ବାଗଚିଙ୍କୁ ନେଇ ଗଠିତ ହୋଇଛି। ସଲିସିଟର ଜେନେରାଲ ତୁଷାର ମେହେତା କହିଛନ୍ତି, ଏକ ଧର୍ମନିରପେକ୍ଷ କୋର୍ଟ କେବଳ ଏକ ଧାର୍ମିକ ପ୍ରଥାକୁ ଅନ୍ଧବିଶ୍ୱାସ ଭାବରେ ଲେବଲ କରିପାରିବେ ନାହିଁ, କାରଣ ଏପରି ଏକ ବିଷୟ ନିର୍ଣ୍ଣୟ କରିବା ପାଇଁ ବିଶେଷଜ୍ଞତାର ଅଭାବ ରହିଛି। ସେ ଆହୁରି ମଧ୍ୟ କହିଛନ୍ତି, ନାଗାଲାଣ୍ଡର ଏକ ସମ୍ପ୍ରଦାୟ ପାଇଁ ଯାହା ଧାର୍ମିକ ବୋଲି ବିବେଚନା କରାଯାଏ ତାହା ମୋତେ ଅନ୍ଧବିଶ୍ୱାସ ଭାବରେ ମନେ ହୋଇପାରେ। ଆମର ସମାଜ ବହୁ ବିବିଧ, ବିଭିନ୍ନ ଲୋକ, ଧର୍ମ ଏବଂ ବିଶ୍ୱାସ ରହିଛି। ଏପରି ପରିସ୍ଥିତିରେ, କୋର୍ଟ ପାଇଁ ଏପରି ରାୟ ଦେବା ବିପଦପୂର୍ଣ୍ଣ ହୋଇପାରେ। ଜଷ୍ଟିସ୍ ଅମାନୁଲ୍ଲାହ ଖାନ କହିଥିଲେ, ସଲିସିଟର ଜେନେରାଲ ମାମଲାକୁ ଅଧିକ ସରଳ କରିଦେଇଛନ୍ତି। ଅନ୍ଧବିଶ୍ୱାସ କ'ଣ ତାହା ନିର୍ଣ୍ଣୟ କରିବା ପାଇଁ କୋର୍ଟର ନ୍ୟାୟିକ ସମୀକ୍ଷାର କ୍ଷମତା ଅଛି। ତେବେ ଏପରି ବିଷୟ ଉପରେ ଆଇନ ପ୍ରଣୟନ କିମ୍ବା କାର୍ଯ୍ୟାନୁଷ୍ଠାନ ନେବା ବିଧାନସଭା (ସଂସଦ କିମ୍ବା ବିଧାନସଭା)ର ଦାୟିତ୍ୱ ହୋଇପାରେ, କିନ୍ତୁ ଏହା କୁହାଯାଇପାରିବ ନାହିଁ ଯେ କେବଳ ବିଧାନସଭା ହିଁ ଶେଷ ନିଷ୍ପତ୍ତି ନେବା।

ନ୍ୟାୟମୂର୍ତ୍ତି ସୁନ୍ଦରେଶ କହିଛନ୍ତି, ଧର୍ମରେ ତର୍କର ଧାରଣା ପ୍ରୟୋଗ କରାଯାଇପାରିବ ନାହିଁ। ଧାର୍ମିକ ସ୍ଥଳରେ ମହିଳାଙ୍କ ପ୍ରତି ଭେଦଭାବ ପ୍ରସଙ୍ଗ ଗତ ୨୬ବର୍ଷ ଧରି ଦେଶର କୋର୍ଟଗୁଡ଼ିକରେ ବିଚାରାଧୀନ ଅଛି। ୨୦୧୮ ମସିହାରେ, ଏକ ପାଞ୍ଚ ଜଣିଆ ଖଣ୍ଡପୀଠ, ୪:୧ ବହୁମତରେ, ମନ୍ଦିରରେ ମହିଳାଙ୍କ ପ୍ରବେଶ ଉପରେ ଥିବା ପ୍ରତିବନ୍ଧକକୁ ଉଠାଇ ଦେଇଥିଲେ। ପରବର୍ତ୍ତୀ ସମୟରେ ଅନେକ ସମୀକ୍ଷା ଆବେଦନ ଦାଖଲ କରାଯାଇଥିଲା। ସୁପ୍ରିମକୋର୍ଟର ଏକ ନଅ ଜଣିଆ ସମ୍ବିଧାନ ଖଣ୍ଡପୀଠ ୭ ଏପ୍ରିଲରୁ ୨୨ ଏପ୍ରିଲ ପର୍ଯ୍ୟନ୍ତ ୫୦ ରୁ ଅଧିକ ଆବେଦନର ଶୁଣାଣି କରିବେ।

ବିବାଦୀୟ ଟିପ୍ପଣୀ ପାଇଁ କ୍ଷମା ମାଗିଲେ ଖର୍‌ଗେ

ନୂଆଦିଲ୍ଲୀ, ୮।୪ (ଏଜେନ୍ସି): କେରଳ ବିଧାନସଭା ନିର୍ବାଚନ ପ୍ରଚାର ସମୟରେ ଗୁଜରାଟ ଲୋକଙ୍କ

ଉପରେ ଦେଇଥିବା ଟିପ୍ପଣୀକୁ ନେଇ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖର୍‌ଗେ କ୍ଷମା ମାଗିଛନ୍ତି। ସେ ଜାଣିଶୁଣି ଏଭଳି ଟିପ୍ପଣୀ ଦେଇନଥିଲେ, ଆଉ ଏହାକୁ ଜାଣିଶୁଣି ଭୁଲ୍ ଭାବେ ଦର୍ଶାଯାଉଛି, ତଥାପି ସେ ଦୁଃଖିତ ବୋଲି କହିଛନ୍ତି । ଖଡଗେ ନିଜ ସୋସିଆଲ ମିଡିଆ ଏକ୍ସରେ କହିଛନ୍ତି, ନିକଟରେ କେରଳରେ ଦିଆଯାଇଥିବା ମୋର ଏକ ନିର୍ବାଚନୀ ଭାଷଣରେ କିଛି ଟିପ୍ପଣୀକୁ ଜାଣିଶୁଣି ଭୁଲ୍ ଭାବେ ସମାଲୋଚନା କରାଯାଉଛି। ତଥାପି ମୁଁ ନିଜ ତରଫରୁ ଦୁଃଖ ପ୍ରକାଶ କରୁଛି । ସୂଚନାଯୋଗ୍ୟ, କେରଳ ନିର୍ବାଚନ ପ୍ରଚାର ସମୟରେ ଖର୍‌ଗେ ଏକ ରାଲିକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀଙ୍କୁ ସିଧାସଳଖ ଟାର୍ଗେଟ କରିଥିଲେ । ଏହି ସମୟରେ ସେ ଗୁଜରାଟ ଲୋକଙ୍କୁ ଟାର୍ଗେଟ କରିଥିଲେ । ଆଉ ଯେଉଁଥିପାଇଁ ବିବାଦ ଆରମ୍ଭ ହୋଇଥିଲା । ଖର୍‌ଗେ କହିଥିଲେ, ମୋଦି ଜୀ, ଆପଣ ଗୁଜରାଟର ଅପାଠୁଆ ଲୋକଙ୍କୁ ବୋକା ବନାଇପାରନ୍ତି, କିନ୍ତୁ କେରଳ ଲୋକ ବୋକା ନୁହନ୍ତି । ଖର୍‌ଗେଙ୍କ ଏଭଳି ଟିପ୍ପଣୀକୁ ବିଜେପି ନେତାମାନେ ନିନ୍ଦା କରିଥିବା ବେଳେ ଖର୍‌ଗେ କ୍ଷମା ମାଗନ୍ତୁ ବୋଲି ଦାବି କରିଥିଲେ । ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ମଧ୍ୟ ଏଥିରେ ସାମିଲ ଥିଲେ । ଭୂପେନ୍ଦ୍ର କହିଥିଲେ, ଏହି ଟିପ୍ପଣୀ ବହୁତ ଆପତ୍ତିଜନକ ଏବଂ ଦୁର୍ଭାଗ୍ୟପୂର୍ଣ୍ଣ ।

ଗୋଆ ନାଇଟକ୍ଲବ ଅଗ୍ନିକାଣ୍ଡ

ଲୁଥ୍ରା ଭ୍ରାତାଙ୍କୁ ମିଳିଲା ଜାମିନ

ପାନାଜୀ, ୮।୪ (ଏଜେନ୍ସି): ଗୋଆର ଏକ କୋର୍ଟ ବୁଧବାର ଜାଲିଆତି ମାମଲାରେ ଅଗ୍ନିକାଣ୍ଡରେ ନଷ୍ଟ ହୋଇଥିବା ରୋମିଓ ଲେନ୍ ବିର୍ଚ ନାଇଟ କ୍ଲବର ମାଲିକ ସୌରଭ ଲୁଥ୍ରା ଏବଂ ଗୌରବ ଲୁଥ୍ରାଙ୍କୁ ଜାମିନ ପ୍ରଦାନ କରିଛନ୍ତି। ଫଳରେ ଜେଲରୁ ମୁକ୍ତ ହେବା ପାଇଁ ସେମାନଙ୍କ ପଥ ପ୍ରଶସ୍ତ ହୋଇଛି। ଗତ ଡିସେମ୍ବରରେ

ସେମାନଙ୍କ ନାଇଟକ୍ଲବରେ ଭୟାବହ ଅଗ୍ନିକାଣ୍ଡ ଘଟି ୨୫ ଜଣଙ୍କର ମୃତ୍ୟୁ ହୋଇଥିଲା। ଏ ସମ୍ପର୍କିତ ଏକ ମାମଲାରେ ଲୁଥ୍ରା ଭ୍ରାତାଙ୍କୁ ପୂର୍ବରୁ ଜାମିନ ମିଳିଥିଲା। ଲୁଥ୍ରା ଭ୍ରାତାଙ୍କ ଓକିଲ ପରାଗ ରାଓ ସାମ୍ବାଦିକମାନଙ୍କୁ କହିଥିଲେ ଯେ, ନ୍ୟାୟିକ ମାଜିଷ୍ଟ୍ରେଟ ପ୍ରଥମ ଶ୍ରେଣୀ (ମାପୁସା) କୁଡ ସେକ୍ୱେରା ଜାଲିଆତି ମାମଲାରେ ଅଭିଯୁକ୍ତଙ୍କୁ ନିୟମିତ ଜାମିନ ପ୍ରଦାନ କରିଛନ୍ତି। ନାଇଟ କ୍ଲବ ଚଳାଇବାକୁ ଅନୁମତି ପାଇବାକୁ ଦୁଇ ଭାଇ କଣ୍ଟୋଲିମ୍ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରୁ ଏନ୍‌ଓସି ପାଇବାରେ ଜାଲିଆତି କରିଥିଲେ। ସ୍ୱାସ୍ଥ୍ୟ ଅଧିକାରୀଙ୍କ ଅଭିଯୋଗ ଉପରେ ମାପୁସା ପୁଲିସ ଏକ ସ୍ୱତନ୍ତ୍ର ଏତଲା ରୁଜୁ